# ପୁରୀ ଜିଲ୍ଲାର ଅରଗୁଲ ଏବଂ ହରିପୁରଗ୍ରାମ ମଧରେ ବାଇପାସ୍ ଲାଇନ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସମାଜିକ ପ୍ରଭାବ ଆକଳନ ଅଧ୍ୟୟନ



| ପ୍ରଦାନ କରାଗଲା | ପ୍ରଦାନ କଲେ: |
|---|---|
| **ରାଜ୍ୟ ଏସ୍ ଆଇ ଏ ସଂଯୋଜକ ସଂସ୍ଥା**<br>**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର**<br>ଭୁବନେଶ୍ୱର - ୭୫୧୦୧୩ | **ସେଣ୍ଟର ଫର୍ ମାର୍କେଟିଙ୍ଗ ରିସର୍ଚ୍ଚ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ପ୍ରାଇଭେଟ୍ ଲି.**<br>୩୯, ଗ୍ରାଉଣ୍ଡ ଫ୍ଲୋର, ସନ୍ତ ନଗର, ପୂର୍ବ କୈଳାଶ,<br>ନିୟୁ ଦିଲ୍ଲୀ - ୧୧୦୦୬୫ |

# ପୁରୀ ଜିଲ୍ଲାର ଅରଗୁଲ ଏବଂ ହରିପୁରଗ୍ରାମ ମଧ୍ୟରେ ବାଇପାସ୍ ଲାଇନ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଜୁଲାଇ ୨୦୧୮

*ପ୍ରଦାନ କରାଗଲା*

**ରାଜ୍ୟ ଏସ୍ ଆଇ ଏ ୟୁନିଟ୍**

**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS)**

(ଓଡିଶା ସରକାରଙ୍କ ସହାୟତାରେ ଗଠିତ ଆଇ ସି ଏସ୍ ଏସ୍ ଆର୍ ସଂସ୍ଥା)

**ସେଣ୍ଟର ଫର୍ ମାର୍କେଟିଙ୍ଗ ରିସର୍ଚ୍ଚ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ପ୍ରାଇଭେଟ୍ ଲି.**

୩୯, ଗ୍ରାଉଣ୍ଡ ଫ୍ଲୋର, ସନ୍ତ ନଗର, ପୁର୍ବ କୈଳାଶ, ନିୟୁ ଦିଲ୍ଲୀ – ୧୧୦୦୬୫

ଟେଲିଫୋନ ନମ୍ବର- ୦୧୧-୪୬୫୭୮୪୭୮, ୦୧୧-୪୧୬୨୧୯୭୮ ଫାକ୍ସ- ୦୧୧୪୦୫୦୪୭୪୩

# ପ୍ରାପ୍ତି ସ୍ୱୀକାର

ଏହି କାର୍ଯ୍ୟ ସମ୍ପାଦନ କରିବାକୁ ଦାୟିତ୍ୱ ପ୍ରଦାନ କରିଥିବାରୁ ସେଣ୍ଟର ଫର୍ ମାର୍କେଟିଙ୍ଗ ରିସର୍ଚ୍ଚ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ପ୍ରାଇଭେଟ୍ ଲି. ନିୟୁ ଦିଲ୍ଲୀ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS) ଭୁବନେଶ୍ୱରଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ଅଧ୍ୟୟନ ସମୟରେ ମାର୍ଗ ଦର୍ଶନ ଏବଂ ସମର୍ଥନ, ସମୟୋଚିତ ମତାମତ ଓ ଉପଦେଶ ପ୍ରଦାନ କରି ଆମକୁ ଉତ୍ସାହିତ କରିଥିବାରୁ ଆମେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS) ର ସଂଯୋଜକଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ।

ଅଧ୍ୟୟନ ସମୟରେ ସହଯୋଗ ଓ ସମର୍ଥନ ପ୍ରଦାନ କରିଥିବାରୁ ଆମେ ଗ୍ରାମବାସୀମାନଙ୍କ ନିକଟରେ କୃତଜ୍ଞ ଅଟୁ । ଅଧ୍ୟୟନ ସମୟରେ ସମସ୍ତ ପ୍ରକାର ସର୍ବୋତ୍ତମ ଆବଶ୍ୟକୀୟ ତଥ୍ୟ ଓ ମତାମତ ପ୍ରଦାନ କରିଥିବାରୁ ଆମେ ହିତାଧିକାରୀମାନଙ୍କ ନିକଟରେ ଚିର ଋଣୀ ଅଟୁ ।

ଅଧ୍ୟୟନର ସଫଳ ସମାପନ ନିମନ୍ତେ ସେଣ୍ଟର ଫର୍ ମାର୍କେଟିଙ୍ଗ ରିସର୍ଚ୍ଚ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ପ୍ରାଇଭେଟ୍ ଲି. ର ସମସ୍ତ କର୍ମଚାରୀଙ୍କ ପେଶାଦାର ଭାଗିଦରିତା କୁ ଆମେ ସ୍ୱିକାର କରୁଛୁ ।

Centre For Market Research & Social Development ★ New Delhi

**ସ୍ୱରୁପ ନାରାୟଣ ପାଣିଗ୍ରାହୀ**
**(ନିର୍ଦ୍ଦେଶକ)**

# ସୂଚୀପତ୍ର


**ସୂଚୀପତ୍ର** ....... ୪

**ସାରଣୀ ସୂଚୀ** ....... ୬

**ଚିତ୍ର ସୂଚୀ** ....... ୬

କାର୍ଯ୍ୟନିର୍ବାହୀ ସାରାଂଶ ....... ୭

**ଅଧ୍ୟାୟ-୧ ପ୍ରକଳ୍ପର ପୃଷ୍ଠଭୂମି** ....... ୧୩

୧.୧ ପ୍ରକଳ୍ପର ପୃଷ୍ଠଭୂମି ....... ୧୩

୧.୨ ପ୍ରକଳ୍ପରୁ ଲାଭ ....... ୧୩

୧.୩ ସମାଜିକ ଆକଳନ ଅଧ୍ୟୟନର ଆବଶ୍ୟକତା ....... ୧୪

୧.୫ ଅଧ୍ୟୟନର ପରିସର ....... ୧୫

୧.୬ ପ୍ରକଳ୍ପର ସାର୍ବଜନିନ ଉଦ୍ଦେଶ୍ୟ ....... ୧୭

୧.୭ ପ୍ରାସଙ୍ଗିକ କାନୁନର ଢାଞ୍ଚା ....... ୧୮

**ଅଧ୍ୟାୟ-୨ : ଅଧ୍ୟୟନର ମାର୍ଗ ଓ ପଦ୍ଧତି** ....... ୨୦

୨.୧ ସାମାଜିକ ଆକଳନ ଅଧ୍ୟୟନ ଦଳ ....... ୨୦

୨.୨ ଅଧ୍ୟୟନର ମାର୍ଗ ....... ୨୫

୨.୩ ପଦ୍ଧତି ....... ୨୫

୨.୪ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ....... ୨୬

୨.୫ ଅନୁସୃତ ପଦକ୍ଷେପ: ....... ୨୭

**ଅଧ୍ୟାୟ-୩: ସାମାଜିକ –ଅର୍ଥନୈତିକ ପାର୍ଶ୍ୱଚିତ୍ର** ....... ୩୦

୩.୧ ଅଧ୍ୟୟନ ଜିଲ୍ଲା ପୁରୀ ....... ୩୦

୩.୨ ପ୍ରକଳ୍ପର ଅବସ୍ଥିତି : ତହସିଲ ଏବଂ ପ୍ରଭାବିତ ଗ୍ରାମ ....... ୩୨

୩.୩ ପ୍ରଭାବିତ ପରିବାରର ଗଣନା ....... ୩୩

୩.୪ ପ୍ରଭାବିତ ଗ୍ରାମର ସାଧାରଣ ଭିତ୍ତିଭୂମି ଏବଂ ସାମାଜିକ ସାଂସ୍କୃତିକ ପାର୍ଶ୍ୱଚିତ୍ର ....... ୩୩

୩.୫ ପ୍ରଭାବିତ ପରିବାରର ସାମାଜିକ ପାର୍ଶ୍ୱଚିତ୍ର ....... ୩୫

୩.୬ ଜମି ଆକଳନ ....... ୪୩

**ଅଧ୍ୟାୟ-୪ ସାମାଜିକ ପ୍ରଭାବ ର ଆକଳନ** ....... ୪୬

୪.୧ ପ୍ରଭାବ ଚିହ୍ନଟ କରିବା ନିମନ୍ତେ ଢାଞ୍ଚା ଓ ପ୍ରଣାଳୀ ....... ୪୬

୪.୨ ପ୍ରକଳ୍ପର ଲାଭ : ସାମାଜିକ ଏବଂ ଅର୍ଥନୈତିକ ....... ୪୬

୪.୩ ଜମି କ୍ଷତି ହେତୁ ପ୍ରଭାବ ....... ୪୭

୪.୪ ଭାଗଚାଷୀ, ଶ୍ରମିକ ଏବଂ ଦୁସ୍ଥ ପରିବାର ଉପରେ ପ୍ରଭାବ ........ ୪୭

୪.୫ ଜୀବିକା ଉପରେ ପ୍ରଭାବ ........ ୪୭

୪.୬ ସର୍ବସାଧାରଣ ସମ୍ପତ୍ତି ଉପରେ ପ୍ରଭାବ ........ ୪୮

୪.୭ ସ୍ଥାନୀୟ ବ୍ୟବସାୟ ଉପରେ ପ୍ରଭାବ ........ ୪୮

୪.୮ ସଚେତନତା ଏବଂ ପ୍ରଭାବିତ ପରିବାରର ଆଶା........ ୪୮

୪.୯ ପ୍ରକଳ୍ପ ହେତୁ ସମସ୍ୟା ଏବଂ ଲାଭ ........ ୪୯

**ଅଧ୍ୟାୟ – ୫: ସାମାଜିକ ପ୍ରଭାବ ଲଘୁକରଣ ଏବଂ ପରିଚାଳନା ଯୋଜନା........ ୫୨**

୫.୧ ଏସ୍ ଆଇ ଏମ୍ ପି କାର୍ଯ୍ୟାନ୍ୱୟନ ପାଇଁ ପରିବ୍ୟୟ ସଚେତନତା ଏବଂ ପ୍ରଭାବିତ ପରିବାରର ଆଶା........ ୫୩

**ଅଧ୍ୟାୟ - ୬ ଜନ ଶୁଣାଣି ---------------------------------------- ୬୨**

*୬.୨* ସୁପାରିଶ ଓ ଉପସଂହାର---------------------------------------- ୬୩

# ସାରଣୀ ସୂଚୀ


ସାରଣୀ ୨.୧: ଅଧ୍ୟୟନ ଦଳର ଦଳର ସଦସ୍ୟ ମାନଙ୍କ ସଂକ୍ଷିପ୍ତ ପରିଚୟ

ସାରଣୀ ୩.୧: ପ୍ରକଳ୍ପ ଅଞ୍ଚଳର ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ

ସାରଣୀ ୩.୨: ପ୍ରଭାବିତ ଗ୍ରାମରେ ଥିବା ସାଧାରଣ ଭିତ୍ତିଭୂମି

ସାରଣୀ ୩.୪: ପ୍ରଭାବିତ ଗ୍ରାମରେ ଥିବା  ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମି

ସାରଣୀ ୩.୫: ବିଭିନ୍ନ ଆୟୁବର୍ଗରେ ପ୍ରଭାବିତ ଲୋକମାନଙ୍କ ବିତରଣ

ସାରଣୀ ୩.୬: ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପ୍ରଭାବିତ ଲୋକମାନଙ୍କ ବିତରଣ

ସାରଣୀ ୩.୭: ଜୀବିକା ଅନୁଯାୟୀ ପ୍ରଭାବିତ ଲୋକମାନଙ୍କ ବିତରଣ

ସାରଣୀ ୩.୮: ପ୍ରଭାବିତ ପରିବାରର ମାସିକ ଖର୍ଚ୍ଚ ପରିମାଣ

ସାରଣୀ ୩.୯: ଘରର ନିର୍ମାଣଶୈଳୀ

ସାରଣୀ ୩.୧୦: ସମ୍ପତ୍ତିର ସ୍ଥିତି

ସାରଣୀ ୩.୧୧: ସାର୍ବଜନିନ ସେବାସୁବିଧାର ଉପଲବ୍ଧତା

ସାରଣୀ ୩.୧୨: ସାର୍ବଜନିନ ସେବାସୁବିଧାର ଉପଲବ୍ଧତା

ସାରଣୀ ୩.୧୩: ପ୍ରଭାବିତ ଗ୍ରାମରେ ପ୍ରଭାବିତ ଜମି ଏବଂ ଅଧିଗ୍ରହଣ କରାଯାଉଥିବା ଜମିର ଶତକଡା

ସାରଣୀ ୪.୧: ନିର୍ଦ୍ଦିଷ୍ଟ ସୂଚକ ଉପରେ ପ୍ରକଳ୍ପର ପ୍ରଭାବ


# ଚିତ୍ର ସୂଚୀ


ଚିତ୍ର ୩.୧: ପୁରୀ ଜିଲ୍ଲାର ମାନଚିତ୍ର

ଚିତ୍ର ୩.୨: ପ୍ରଭାବିତ ପରିବାର ଏବଂ ଉତ୍ତରଦାତାମାନନକର ଲିଙ୍ଗଭିତ୍ତିରେ ବିତରଣ

ଚିତ୍ର ୩.୩ ପ୍ରଭାବିତ ପରିବାରର ସାମାଜିକ ସଂରଚନା

ଚିତ୍ର ୩.୪ ପରିବାରର ଆୟ

ଚିତ୍ର ୩.୫ ପ୍ରଭାବିତ ପରିବାର ଘର ମାନଙ୍କରେ ରେ ମିଳୁଥିବା ନାଗରିକ ସୁବିଧା

ଚିତ୍ର ୩.୬ ପାନୀୟ ଜଳର ଉତ୍ସ

ଚିତ୍ର ୩.୭ ଜଳସେଚନ ଅନୁଯାୟୀ ଜମିର ପ୍ରକାର

ଚିତ୍ର ୩.୮ ଜମିର ବ୍ୟବହାର ପ୍ରଣାଳୀ

ଚିତ୍ର ୪.୧ କ୍ଷତିପୂରଣ ପାଇବା ନିମନ୍ତେ ଉତ୍ତରଦାତା ମାନନକର ସହାୟତାର ଆଶା

# କାର୍ଯ୍ୟନିର୍ବାହୀ ସାରାଂଶ

ଦେଶର ଆର୍ଥିକ ବିକାଶ ନିମନ୍ତେ ପରିବହନ ଏକ ଆବଶ୍ୟକ ଭିତ୍ତିଭୂମି ଅଟେ । ଏହା ଯୋଗାଣକାରୀ, ଉତ୍ପାଦନକାରୀ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ । ରେଳବାଇ ଭାରତୀୟ ପରିବହନ କ୍ଷେତ୍ରରେ ଗୋଟିଏ ବୈପ୍ଳବିକ ପରିବର୍ତ୍ତନ ଆଣିଛି, କିନ୍ତୁ ଏହାର ଅଭିବୃଦ୍ଧି ବିଭିନ୍ନ ଅଞ୍ଚଳ ତଥା ରାଜ୍ୟରେ ଅଲଗା ଅଲଗା ପ୍ରକାରର ଅଟେ ।  ଏହାକୁ ଲକ୍ଷ୍ୟ କରି, ଭାରତ ସରକାର ରେଳବାଇ ସଂଜାଳର ଉନ୍ନତି ନିମନ୍ତେ ବିଭିନ୍ନ ରେଳ ପ୍ରକଳ୍ପର ଯୋଜନା କରିଛନ୍ତି । ସେହିସବୁ ପ୍ରକଳ୍ପ ଗୁଡିକ ମଧ୍ୟରେ ଖୋର୍ଦ୍ଧାରୋଡ୍-ବିଜୟନଗରମ୍ ରେଳପଥରେ ୧.୬୧ କିମି ବାଇପାସ୍ ଲାଇନ ଗୋଟିଏ  ଯେଉଁଥିପାଇଁ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି କାର୍ଯ୍ୟକାରୀ କରାଯାଉଛି । ଖୋର୍ଦ୍ଧାରୋଡ ଷ୍ଟେସନର ଭିଡକୁ କମାଇବା ନିମନ୍ତେ ଅରଗୁଳ ଏବଂ ହରିପୁର ପାସେଞ୍ଜର ହଲ୍ଟ ମଧ୍ୟରେ ଖୋର୍ଦ୍ଧାରୋଡ୍-ବିଜୟନଗରମ୍ ରେଳପଥର ଏହି ୧.୬୧ କିମି ବାଇପାସ୍ ଲାଇନ ନିର୍ମାଣ କରାଯିବ ଯେଉଁଥିପାଇଁ ୮.୯୫ କୋଟି ଟଙ୍କା ଆବଣ୍ଟିତ କରାଯାଇଛି ।

ଖୋର୍ଦ୍ଧାରୋଡ ବାଇପାସ ରେଳ ଯୋଗଯୋଗ ବ୍ୟବସ୍ଥା ପ୍ରକଳ୍ପ (୨୦୧୮) କୁ ସହଯୋଗ ପ୍ରଦାନ କରିବାକୁ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ (ଧାରା ୪ (୧) ଅନୁଯାୟୀ ପୁରୀ ଜିଲାର ହରିପୁର ଗ୍ରାମରେ ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ ବୈଧ ବିଜ୍ଞପ୍ତି ନମ୍ବର RDM-LAA-PURI-0002-2016/ 40026  ତା ୨୫.୧୧. ୨୦୧୭ ରେ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

ଏହି ପରିପ୍ରେକ୍ଷିରେ ରାଜ୍ୟ ଏସ ଆଇ ଏ ୟୁନିଟ୍ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS) ଭୁବନେଶ୍ୱର, ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟ କରିବାକୁ ତାଲିକାଭୁକ୍ତ ଅନୁଷ୍ଠାନ, ସି ଏମ୍ ଏସ୍ ଆର୍ ଡି କୁ ପୁରୀ ଜିଲ୍ଲା ଡେଲାଙ୍ଗ ତହସିଲ ଅନ୍ତର୍ଗତ ଗୋଡିପୁଟ ମାଟିଆପଡ଼ା  ଗ୍ରାମରେ ୧.୬୧ ଏକର ବେସରକାରୀ ଜମି ଅଧିଗ୍ରହଣ କରିବା ନିମନ୍ତେ ସାମାଜିକ ଆକଳନ ଅଧ୍ୟୟନ କାର୍ଯ୍ୟ କରିବାକୁ ଦାୟିତ୍ୱ ପ୍ରଦାନ କରିଛନ୍ତି ।

**ଅଧ୍ୟୟନର ପ୍ରକ୍ରିୟା**

କାର୍ଯ୍ୟର ପଦ୍ଧତି ଓ  ପରିସରକୁ ଦୃଷ୍ଟିରେ ରଖି ଉଭୟ 'ଜନଗଣନା ସର୍ବେକ୍ଷଣ ପ୍ରକ୍ରିୟା' ଏବଂ 'ନମୁନା ସର୍ବେକ୍ଷଣ ପ୍ରକ୍ରିୟା' ପଦ୍ଧତି ଅନୁସରଣ କରାଯାଇଥିଲା । ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ଘରଗୁଡିକରୁ ତଥ୍ୟ ସଂଗ୍ରହ କରିବା ସମୟରେ "ଜନଗଣନା ସର୍ବେକ୍ଷଣ ପ୍ରକ୍ରିୟା' ଏବଂ ପରୋକ୍ଷ ଭାବରେ ପ୍ରଭାବିତ ଘରଗୁଡିକରୁ ତଥ୍ୟ ସଂଗ୍ରହ କରିବା ସମୟରେ ସରଳ ଭାବରେ ଏଣୁ ତେଣୁ ନମୁନା ସଂଗ୍ରହ କରାଯାଇ 'ନମୁନା ସର୍ବେକ୍ଷଣ ପ୍ରକ୍ରିୟା' ବ୍ୟବହାର କରାଯାଇଥିଲା । ଗ୍ରହଣ କରାଯାଇଥିବା ପ୍ରକ୍ରିୟା ମଧ୍ୟରେ ବିଭିନ୍ନ ନଥିପତ୍ରର ସମିକ୍ଷା, ପ୍ରଭାବିତ ପରିବାରର ମତାମତ ଜାଣିବା ନିମନ୍ତେ ଜନଶୁଣାଣିର ଆୟୋଜନ ଏବଂ ବିବରଣୀ ଦାଖଲ ନିମନ୍ତେ ଅନ୍ତିମ ରୁପ ପ୍ରଦାନ ଆଦି ଅନ୍ତର୍ଭୁକ୍ତ ।

ଗୋଡିପୁଟ ମାଟିଆପଡ଼ା  ଗ୍ରାମରେ ୫୦ ଟି ପ୍ରଭାବିତ ପରିବାରକୁ ସଂଶ୍ଳିଷ୍ଟ କରି ଗ୍ରାମସ୍ତରରେ ସର୍ବେକ୍ଷଣ କାର୍ଯ୍ୟ କରାଯାଇଥିଲା । ଏତଦ୍ ବ୍ୟତିତ, ପ୍ରକଳ୍ପ ସମ୍ବନ୍ଧରେ ସେମାନଙ୍କ ମତାମତ ଜାଣିବା ନିମନ୍ତେ, ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ୧୦ ଟି ଜମି ହରାଉନଥିବା ପରିବାରର ମଧ୍ୟ ସର୍ବେକ୍ଷଣ କାର୍ଯ୍ୟ କରାଯାଇଥିଲା ।

ପରିବାର ସାକ୍ଷାତକାର ଅନୁସୁଚୀ; ସାଧାରଣ, ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମି ସର୍ବେକ୍ଷଣ; କେନ୍ଦ୍ରୀଭୂତ ଦଳଗତ ଆଲୋଚନା ନିମନ୍ତେ ନିର୍ଦ୍ଦେଶିକା ଏବଂ ସର୍ବେକ୍ଷଣ କାର୍ଯ୍ୟ କରାଯାଇଥିବା ଗ୍ରାମର ପ୍ରଭାବିତ ପରିବାରଠାରୁ ତଥ୍ୟ ସଂଗ୍ରହ ନିମନ୍ତେ ସାମାଜିକ ମାନଚିତ୍ର ଓ ସମ୍ବଳ ମାନଚିତ୍ର ପ୍ରସ୍ତୁତି ଆଦି ଚାରି ପ୍ରକାରର ସର୍ବେକ୍ଷଣ କୌଶଳ ବ୍ୟବହାର କରାଯାଇଥିଲା ।

**ପ୍ରଭାବିତ ପରିବାରର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର**

ବର୍ତ୍ତମାନର ଏହି ଅଧ୍ୟୟନ ପୁରୀ ଜିଲ୍ଲାର ଡେଲାଙ୍ଗ ତହସିଲ ଅନ୍ତର୍ଗତ ଗୋଡିପୁଟ ମାଟିଆପଡ଼ା  ଗ୍ରାମରେ କରାଯାଇଛି । ଅଧ୍ୟୟନ ପ୍ରକ୍ରିୟାରେ ଏହା ପରିଲକ୍ଷିତ ହେଉଛି ଯେ, ୯୦% ଉତ୍ତରଦାତା (୪୫) ଜଣ ପୁରୁଷ ଅଟନ୍ତି ଯେତେବେଳେ କି ମାତ୍ର ୧୦%  ଉତ୍ତରଦାତା (୫) ଜଣ ମହିଳା ଅଟନ୍ତି ଯାହା ସୂଚିତ ସୂଚିତ କରୁଛି ଯେ ,ସର୍ବେକ୍ଷଣ କରାଯାଇଥିବା ପରିବାରର ପୁରୁଷ ଲୋକମାନେ ସମସ୍ତ ପ୍ରକାରର ନିଷ୍ପତ୍ତି ଗ୍ରହଣ କରନ୍ତି । ଆହୁରି ମଧ ପ୍ରଭାବିତ ପରିବାରର ଲିଙ୍ଗଭିତ୍ତିରେ ବିତରଣ ଦର୍ଶାଉଛି ଯେ, ସମୁଦାୟ ୨୨୭ ଜଣ ସଭ୍ୟଙ୍କ ମଧ୍ୟରୁ (୫୨.୭%) ୧୪୬ ଜଣ ପୁରୁଷ ଅଟନ୍ତି ଏବଂ ୧୩୧ ଜଣ (୪୭.୩%) ଜଣ ମହିଳା ଅଟନ୍ତି ।

ପ୍ରଭାବିତ ପରିବାର ସଦସ୍ୟମାନଙ୍କର ବୟସ ଅନୁଯାୟୀ ବିତରଣ ଦର୍ଶାଉଛି ଯେ, ସର୍ବାଧିକ ୪୬.୯୩% ଉତ୍ପାଦକ ବର୍ଗରେ (୧୮-୪୫ ବର୍ଷ) ରେ ଆସୁଛନ୍ତି, ଯେତେବେଳେ କି, ଦ୍ୱିତୀୟ ସର୍ବାଧିକ ସଂଖ୍ୟାକ ୨୦.୨%  ଲୋକ ୪୫ ରୁ ୬୦ ବର୍ଷ ବୟସ ମଧ୍ୟରେ ଆସୁଛନ୍ତି, ଯେଉଁମାନେ ମଧ ଆର୍ଥିକ ଦୃଷ୍ଟିରୁ ସକ୍ରିୟ ଅଟନ୍ତି । ତେଣୁ ଏହା ସୂଚିତ କରୁଛି ଯେ, ପ୍ରଭାବିତ ଗ୍ରାମର ୬୫% ରୁ ଅଧିକ ଲୋକଙ୍କର ତାଙ୍କ ପରିବାରକୁ ଆର୍ଥିକ ଯୋଗଦାନ ଅଛି ।

ସର୍ବେକ୍ଷଣ କରାଯାଇଥିବା ୫୦ଟି ପରିବାର ମଧ୍ୟରୁ ଅଧିକାଂଶ (୫୮%) ସାଧାରଣ ବର୍ଗର ତା ପଛକୁ ଓବିସି (୨୮%) ଅବଶିଷ୍ଟ (୧୪%) ଅନୁସୂଚିତ ଜାତି ବର୍ଗର ଅଟନ୍ତି । ଯେଉଁମାନେ କି, ସମାଜରେ ସବୁଠାରୁ ଦୁସ୍ଥ ଅଟନ୍ତି ।

ସମୁଦାୟ ପ୍ରଭାବିତ ଲୋକସଂଖ୍ୟାର ସାକ୍ଷରତା ସ୍ତର ୯୦% ଯାହା କି ଜିଲ୍ଲାର ସାକ୍ଷରତା ହାର ୮୪.୬୭% ଏବଂ ତହସିଲର ସାକ୍ଷରତା ହାର ୭୭.୩% ଠାରୁ ଅଧିକ *(ଜନଗଣନା -୨୦୧୧)* । ଆହୁରି ମଧ ନିରକ୍ଷରଙ୍କ ମଧ୍ୟରେ ୯ ଜଣ ବ୍ୟକ୍ତି ଅଛନ୍ତି ଏବଂ ଅବଶିଷ୍ଟ ୧୮ ଜଣ ଶିଶୁ ଅଛନ୍ତି ଯେଉଁମାନେ କି, ସ୍କୁଲ ଯିବା ନିମନ୍ତେ ଅପେକ୍ଷା ରେ ଅଛନ୍ତି ।  ଶିକ୍ଷାର ସ୍ତର ସୂଚିତ କରୁଛି ଯେ , ସର୍ବାଧିକ ସଂଖ୍ୟାକ ୨୧.୨୪% ମାଟ୍ରିକ ସ୍ତରର ଶିକ୍ଷା ସମାପନ କରିଛନ୍ତି ଏବଂ ଦ୍ୱିତୀୟ ସର୍ବାଧିକ ସଂଖ୍ୟାକ ୧୭.୩୭% ପ୍ରକଳ୍ପ ପ୍ରଭାବିତ ଲୋକ ପ୍ରାଥମିକ ସ୍ତର ଅର୍ଥାତ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ସମାପନ କରିଛନ୍ତି । ଆହୁରିମଧ ଉଚ୍ଚ ବିଦ୍ୟାଳୟ, ଇଣ୍ଟରମିଡିଏଟ୍, ଗ୍ରାଜୁଏଟ୍ ଯଥାକ୍ରମେ ୧୬.୬%, ୧୧.୫୮% ଏବଂ ୧୫.୪୪% ଅଟନ୍ତି । ଯେତେଦୂର ବୈଷୟିକ ଶିକ୍ଷା ସଂଶ୍ଳିଷ୍ଟ ଏହା ମଧ ପରିଲକ୍ଷିତ ହେଲା ଯେ, ମାତ୍ର ୯ ଜଣ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ବିଭିନ୍ନ ପ୍ରକାରର ବିଶେଷ ଜ୍ଞାନ ପାଇଛନ୍ତି ।

ଅଧ୍ୟୟନରେ ୭(୧୪%) ଅନୁସୂଚିତ ଜାତିର ଏବଂ ୫ (୧୦%) ମହିଳାମୂଖ୍ୟ ଦୁସ୍ଥ ପରିବାରକୁ ଚିହ୍ନଟ କରିଥିଲା ଯେଉଁମାନଙ୍କ ନିମନ୍ତେ ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ଅନୁଯାୟୀ ବିଶେଷ ସହାୟତାର ଆବଶ୍ୟକତା ଅଛି ।

ପ୍ରକଳ୍ପ ଗ୍ରାମରେ ୮୮ଟି (୩୧.୬୮%) ପ୍ରକଳ୍ପ ପ୍ରଭାବିତ ପରିବାର ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମରେ ଲିପ୍ତ ଅଛନ୍ତି ୮୮ଟି (୩୧.୬୮%) ପ୍ରକଳ୍ପ ପ୍ରଭାବିତ ପରିବାର ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମରେ ଲିପ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ ସର୍ବାଧିକ ୫୫.୬% ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଦରମା ମିଳୁଥିବା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ଏବଂ ଦ୍ୱିତୀୟ ସର୍ବାଧିକ

ସଂଖ୍ୟାକ ଲୋକ ୧୯.୩% ତାଙ୍କ ପରିବାରର ଭରଣ ପୋଷଣ ନିମନ୍ତେ ବିଭିନ୍ନ ପ୍ରକାରର ବ୍ୟବସାୟ କରୁଛନ୍ତି । ପ୍ରାୟ ୧୨% ପ୍ରକଳ୍ପ ପ୍ରଭାବିତ ପରିବାର କୃଷିକାର୍ଯ୍ୟରେ ଏବଂ ମାତ୍ର ୮% ହସ୍ତ ଶିଳ୍ପ କାରିଗର ଏବଂ ନିଯୁକ୍ତି ପାଇଥିବା ଲୋକମାନଙ୍କ ମଧ୍ୟରୁ ୫.୬% ଦିନମଜୁରିଆ ଅଟନ୍ତି ।

ପ୍ରଭାବିତ ପରିବାରର ଆୟ ବର୍ଗ ପ୍ରଦର୍ଶିତ କରୁଛି ଯେ ସର୍ବାଧିକ ୨୪% (୧୨) ପରିବାର ବାର୍ଷିକ ୩୦୦୦୦ ରୁ ୫୦୦୦୦ ମଧ୍ୟରେ ଆୟ କରୁଛନ୍ତି । ଦ୍ୱିତୀୟ ସର୍ବାଧିକ ୫୦୦୦୦ ଟଙ୍କା ଆୟବର୍ଗର ପରିବାରରେ ୧୦ ଟି ପରିବାର ଅଛନ୍ତି । ମାତ୍ର ୨ ଟି ପରିବାରର ବାର୍ଷିକ ଆୟ ୨୦୦୦୦ ଟଙ୍କାରୁ କମ । ସେ ଯାହାହେଉ, ଉପରବର୍ଣ୍ଣିତ ବିଶ୍ଳେଷଣ ପ୍ରଦର୍ଶିତ କରୁଛି ଯେ ୬୦% ରୁ ଅଧିକ ପରିବାର ୨୦୦୦୦ ହଜାରରୁ ଅଧିକ ଆୟ କରି ଆର୍ଥିକ ଭାବରେ ସ୍ୱଚ୍ଛଳ ବର୍ଗରେ ଅଛନ୍ତି ।

ପ୍ରକଳ୍ପ ପ୍ରଭାବିତ ପରିବାରର ହାରାହାରି ମାସିକ ଖର୍ଚ୍ଚ ପ୍ରଦର୍ଶିତ କରୁଛି ଯେ, ଅଧିକାଂଶ ୪୩ (୮୬%) ପରିବାର ମାସକୁ ୬୦୦୦ ଟଙ୍କାରୁ ଅଧିକ ଖାଦ୍ୟ ସାମଗ୍ରୀରେ ଖର୍ଚ୍ଚ କରନ୍ତି ଏବଂ ଅନ୍ୟ ବାବଦରେ ଖର୍ଚ୍ଚର ପରିମାଣ ବହୁତ କମ୍ ଅଟେ । ସେହିପରି ଅଣଖାଦ୍ୟ ସାମଗ୍ରୀ ଉପରେ ଖର୍ଚ୍ଚ ୬୦୦୦-୮୦୦୦ ମଧ୍ୟରେ (୧୬%), ୮୦୦୦-୧୦୦୦୦ ମଧ୍ୟରେ (୮%) ଏବଂ ୧୦୦୦୦ରୁ ଅଧିକ (୩୪%) ।

ପ୍ରଭାବିତ ପରିବାରଗୁଡ଼ିକର ଘର ନିର୍ମାଣ ଶୈଳୀକୁ ଦେଖିଲେ ଜଣା ପଡୁଛି ୫୦ ଟି ପରିବାର ମଧ୍ୟରୁ ଅଧିକାଂଶ (୯୨%) ପରିବାରର କଂକ୍ରିଟ୍ ଛାତ ଥିବା ଘର ଅଛି । ଅନ୍ୟାନ୍ୟ ପ୍ରକାରର ଛାତ ଥିବା ଘର ମଧ୍ୟରେ ଆଜବେଷ୍ଟସ୍ ଛାତ ଥିବା ଘର ୨ ଟି, ଚାଳ ଘର ୧ ଟି ଏବଂ ଟାଇଲ୍ ଘର ୧ଟି । ପ୍ରଭାବିତ ପରିବାରର ୪୮(୯୬%) ଇଟା ସହିତ ସିମେଣ୍ଟ ଦ୍ୱାରା ନିର୍ମାଣ କରାଯାଇଥିବା କାନ୍ଥ ଘରେ ବସବାସ କରୁଛନ୍ତି ଅନ୍ୟ ପ୍ରକାରର ନିର୍ମାଣ କରାଯାଇଥିବା କାନ୍ଥ ଘରେ ବହୁତ କମ୍ ଲୋକ ବସବାସ କରନ୍ତି । ସେହିପରି ୮୨% ପରିବାରର ଘରର ଚଟାଣ ସିମେଣ୍ଟ ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ମାତ୍ର ୨ ଟି ପରିବାରର ଘରର ଚଟାଣ ମାଟିରେ ନିର୍ମିତ । ପ୍ରାୟ ୨୦% ଗୃହରେ ପଶୁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା ଅଛି । ୭୪% ଗୃହର ଘର ଭିତରେ ଗାଧୁଆ ଘର ଏବଂ ସେତିକି ପ୍ରତିଶତ ଗୃହରେ ଧୁଆଧୁଇ କରିବା ପାଇଁ ଅଲଗା ଏକ ପ୍ଲାଟଫର୍ମର ବ୍ୟବସ୍ଥା ଅଛି, ଯେତେବେଳେ କି ଅନ୍ୟ ପରିବାରମାନେ ନଳକୂଅର ଚୌତରା ସମେତ ସର୍ବସାଧାରଣ ସ୍ଥାନରେ ଧୁଆଧୁଇ କରିବାରେ ବ୍ୟବହାର କରନ୍ତି । ସେହିପରି ୮୦% ପରିବାରରେ ଘର ଭିତରେ ପାଇଖାନା ସୁବିଧା ଅଛି । ଉପରୋକ୍ତ ବିଶ୍ଳେଷଣରୁ ଏହା ପରିଲକ୍ଷିତ ହେଲା ଯେ, ପ୍ରଭାବିତ ପରିବାରର ନାଗରିକ ସୁବିଧା ସୁଯୋଗ ଉତ୍ତମ ଅବସ୍ଥାରେ ଅଛି ।

ସର୍ବେକ୍ଷଣ କରାଯାଇଥିବା ପରିବାର ମଧ୍ୟରୁ ସର୍ବାଧିକ ୫୬% ପରିବାର (୨୮) ଖୋଲା କୁଅ ଉପରେ ନିର୍ଭର କରୁଛନ୍ତି । ଯେତେବେଳେ କି, ୩୪% ପରିବାର ବର୍ଷସାରା (୧୭) ଜଣ ପାନୀୟ ଭାବରେ ପାଇପ ଜଳ ବ୍ୟବହାର କରୁଛନ୍ତି । ଏତଦ୍ ବ୍ୟତିତ ୮% ପରିବାର (୪ଜଣ) ନଳକୂଅର ପାଣି ଏବଂ ୨% ଅନ୍ୟାନ୍ୟ ଉତ୍ସର ଜଳ ବ୍ୟବହାର କରୁଛନ୍ତି ।

ଘରର ସମ୍ପତ୍ତି ସମ୍ପର୍କୀତ ତଥ୍ୟରୁ ଜଣାପଡୁଛି ୫୦ ଟି ପରିବାର ମଧ୍ୟରୁ ପ୍ରାୟ ସମସ୍ତଙ୍କର ଟେଲିଭିଜନ ଏବଂ ବାସନ କୁସନ ଅଛି । ଏତଦ୍ ବ୍ୟତିତ ୯୬% ପରିବାରର ରେଫ୍ରିଜେଟର୍, ୯୨% ପରିବାରର ମୋବାଇଲ ଫୋନ୍ ଏବଂ ୮୮% ପ୍ରଭାବିତ ପରିବାରର ଦୁଇଚକିଆ ଯାନଅଛି ଏବଂ ୮୬% ପରିବାର ଏଲ୍ ପି ଜି ଗ୍ୟାସକୁ ଜାଳେଣୀ ଗ୍ୟାସ ଆକାରରେ ବ୍ୟବହାର କରନ୍ତି । ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟରୁ ସାଇକେଲ (୪୬%). ତିନି ଚକିଆ (୨%) ଏବଂ ଗହଣା (୩୬%) ପ୍ରଭାବିତ ପରିବାର ନିକଟରେ ଉପଲବ୍ଧ ଅଛି ।

ସର୍ବେକ୍ଷଣ କରାଯାଇଥିବା ପ୍ରାୟ ୯୦% ପରିବାରରେ ଉଭୟ ମହିଳା ଓ ପୁରୁଷ ସଦସ୍ୟ ଏକାଠି ନିଷ୍ପତ୍ତି ଗ୍ରହଣ କରନ୍ତି ।

**ଜମି ଆକଳନ**

ଅରଗୁଲ ଏବଂ ହରିପୁର ଗ୍ରାମ ମଧ୍ୟରେ ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ବିଭିନ୍ନ ପ୍ରକାରର ଜମି ଅଧିଗ୍ରହଣ କରାଯିବ । ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ଗୋଡିପୁଟ ମାଟିଆପଡ଼ା ଗ୍ରାମରେ ସମୁଦାୟ ୯.୭୬୦ ଏକର ବେସରକାରୀ ଜମି ପ୍ରଭାବିତ ହେବ ଏବଂ ଯେଉଁଥିରୁ କି ୫.୧୪୫ ଏକର ଜମି ଅଧିଗ୍ରହଣ କରାଯିବ ।

ଜମିର ଆକଳନ ପ୍ରଦର୍ଶିତ କରୁଛି ଯେ, ପ୍ରଭାବିତ ଗ୍ରାମରେ ପ୍ରଭାବିତ ଲୋକମାନଙ୍କ ମାଲିକାନାରେ ସମୁଦାୟ ୩୨.୫୨ଏକର ଜମି ଅଛି, ଯେଉଁଥିରୁ କି, ୨୬.୫୨ଏକର ଜମି ସମ୍ପୂର୍ଣ୍ଣ ଭାବରେ ବେସରକାରୀ ବ୍ୟକ୍ତିମାନଙ୍କ ମାଲିକାନାରେ ଅଛି । ପରବର୍ତ୍ତୀ ସର୍ବାଧିକ ଅନୁପାତ ୬ ଏକର ଅନ୍ୟାନ୍ୟ ବର୍ଗ ଯଥା ଜବରଦଖଲ, ସୀମିତ ସମୟ ନିମନ୍ତେ ଲିଜ ଇତ୍ୟାଦି ଅନ୍ତର୍ଭୁକ୍ତ । ସର୍ବେକ୍ଷଣ ରୁ ମିଳିଥିବା ପ୍ରାଥମିକ ତଥ୍ୟ ରୁ ଜଣା ପଡୁଛି ଲୋକମାନଙ୍କର ନିଜ ଜମି ବ୍ୟତିତ କୌଣସି ଜଂଗଲ ଜମି ନାହିଁ ।

ଜଳସେଚନ ଦୃଷ୍ଟିରୁ ଜମି କୁ ଦେଖିଲେ ଏହା ପରିଲକ୍ଷିତ ହେଉଛି ଯେ, ପ୍ରଭାବିତ ପରିବାରର ଦଖଲରେ ଥିବା ସମସ୍ତ ପ୍ରଭାବିତ ଜମିର ପ୍ରାୟ ୧୧% ଜଳସେଚନ କିସମର ଅଟେ । ଏହାର ଅର୍ଥ ପ୍ରଭାବିତ ଜମିର ଅଧିକାଂଶ ଭାଗ (୮୯%) ଅଣ-ଜଳସେଚିତ ଅଟେ । ବାସ୍ତବିକ ଏହା ଗୋଟିଏ ଚିନ୍ତାର ବିଷୟ ଯେ, ଆଗାମୀ ରେଳବାଇ ପ୍ରକଳ୍ପ ହେତୁ ଜଳସେଚିତ ଜମିର ପ୍ରାୟ ୧୧ ପ୍ରତିଶତ ପ୍ରଭାବିତ ହେବାକୁ ଯାଉଛି । କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ଏହା ପରିଲକ୍ଷିତ ହେଲା ଯେ, ପ୍ରଭାବିତ ଲୋକମାନେ ତାଙ୍କ ଜମି ନିମନ୍ତେ ଉପଯୁକ୍ତ ଜଳସେଚନ ସୁବିଧା ଦାବି କରିଛନ୍ତି । ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଜମି ବ୍ୟବହାର ପ୍ରଣାଳୀ ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କ ଆର୍ଥିକ ସ୍ଥିତିର ପ୍ରମୁଖ ନିର୍ଦ୍ଧାରକ ଅଟେ ।

ସର୍ବେକ୍ଷଣ କରାଯାଇଥିବା ଗ୍ରାମରେ ଏହା ଉପଲବ୍ଧ ହେଲା ଯେ, ସମୁଦାୟ ୩୨.୫୨ଏକର ଜମିରୁ ସର୍ବାଧିକ ୧୮.୧୪ ଏକର (୫୮.୭୮%) ଜମି ଚାଷ କାର୍ଯ୍ୟରେ ବ୍ୟବହାର ହୁଏ ଏବଂ ୫.୫୬ ଏକର (୧୭.୧%) ଜମି ପ୍ରଭାବିତ ପରିବାର ଦ୍ୱାରା ବାସଗୃହ ଆକାରରେ ବ୍ୟବହାର ବ୍ୟବହାର ହୁଏ । ଏହାମଧ୍ୟ ଜଣା ପଡିଲା ଯେ, ପ୍ରଭାବିତ ଗ୍ରାମରେ ୨.୮୯ ଏକର ପତିତ ଜମି ଅଛି, ଯାହାକି ଅବ୍ୟବହୃତ ଆକାରରେ ପଡି ରହିଛି । ଏତଦ୍ ବ୍ୟତିତ ୫.୯୩ ଏକର (୧୮.୨୩%) ଜମି ଅନ୍ୟ କାର୍ଯ୍ୟ ନିମନ୍ତେ ବ୍ୟବହାର କରାଯାଏ । ଏହିପରି ଭାବରେ, ଆମେ ଅବଗତ ହେଲୁ ଯେ, ଲୋକମାନେ ଚାଷ କାର୍ଯ୍ୟ ନିମନ୍ତେ ଜମିର ଏକ ମୁଖ୍ୟ ଅଂଶ ବ୍ୟବହାର କରୁଛନ୍ତି, କାରଣ ଲୋକମାନଙ୍କ ମଧ୍ୟରୁ ଅଧିକତର ଲୋକ କୃଷି ଉପରେ ନିର୍ଭର କରନ୍ତି କାରଣ ଏହା ସେମାନଙ୍କର ଜୀବିକାର ଦ୍ୱିତୀୟ ମୁଖ୍ୟ ସ୍ରୋତ ଅଟେ ।

ସର୍ବେକ୍ଷଣରୁ ଏହା ସ୍ପଷ୍ଟ ଯେ ସମୁଦାୟ ବେସରକାରୀ ଜମି ମଧ୍ୟରୁ ମାତ୍ର ୯.୭୬୦ ଏକର ଜମି ପ୍ରଭାବିତ ହେବ ଯାହାକି ସର୍ବେକ୍ଷଣ ପରିବାର ସମୁଦାୟ ଜମିର ୩୦% । ଏହା ବ୍ୟତିତ ୯.୭୬୦ଏକର ସମୁଦାୟ ପ୍ରଭାବିତ ଜମି ମଧ୍ୟରୁ ୫.୧୪୫ଏକର ଜମି ଏହି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯିବ ଯାହା କି, ପ୍ରଭାବିତ ଜମିର ୫୨.୭% ଅଟେ ।

**ପ୍ରକଳ୍ପର ପ୍ରଭାବ**

ଏହିପରି ଏହା ଲୋକମାନଙ୍କ ଜୀବିକା ଓ ଆୟକୁ ପ୍ରଭାବିତ କରିବ ଏବଂ କେତେକ ଲୋକ ତାଙ୍କ ମାଲିକାନାରେ ଥିବା ଜମିର ପ୍ରଧାନ ଅଂଶ ହରାଇ ପାରନ୍ତି, ଯେତେବେଳେ କି ଅନ୍ୟ କେତେକ ସାମାନ୍ୟ ଭାବରେ ପ୍ରଭାବିତ ହୋଇପାରନ୍ତି । ଜମି ଅଧିଗ୍ରହଣ ପରେ ଲୋକମାନଙ୍କ ଚଳଣିରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଏହି ସବୁ ସମସ୍ୟାକୁ କମ କରିବା

ନିମନ୍ତେ ଆବଶ୍ୟକ ପନ୍ଥା ଗ୍ରହଣ କରିବାକୁ ପଡିବ ଯେପରି କି ଜମି ହରାଉଥିବା ପରିବାର କୃଷିକୁ ଜୀବିକା ହିସାବରେ ପୁନଃ ସ୍ଥାପନ କରିବା ନିମନ୍ତେ ଅତିରିକ୍ତ ଜମି କିଣିପାରିବ ।

ଅଧ୍ୟୟନ କରାଯାଇଥିବା ଗ୍ରାମରେ କୌଣସି ଭାଗଚାଷୀ ବା ଶ୍ରମିକ ନାହାନ୍ତି କିନ୍ତୁ କିଛି ଦୁସ୍ଥ ପରିବାର ଅର୍ଥାତ ଅନୁସୂଚିତ ଜାତି ପରିବାର ଏବଂ ମହିଳାମୂଖ୍ୟ ପରିବାର ଅନ୍ୟ ତୁଳନାରେ ବିପରୀତ ଅବସ୍ଥାରେ ବହୁତ ବିପଦର ସମ୍ମୁଖିନ ହେବେ । । ଏହି ପ୍ରକାରରେ ଏହି ଦୁସ୍ଥ ପରିବାରକୁ କ୍ଷତିପୂରଣ ପ୍ରଦାନ ସମୟରେ ଆର ଏଫ୍ ଟି ଏଲ୍ ଆର ଆର୍ ପ୍ରକ୍ରିୟାରେ ଧ୍ୟାନ ଦେବା ଆବଶ୍ୟକ ଅଟେ ।

ପ୍ରକଳ୍ପ ଅଞ୍ଚଳରେ କେତେକ ପ୍ରଭାବିତ ଲୋକ ଛୋଟ ଛୋଟ ବ୍ୟବସାୟ କରି ତାଙ୍କ ଜୀବିକା ଅର୍ଜନ କରୁଛନ୍ତି । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଏହା ଜଣା ପଡିଲା ଯେ, ଏହି ଲୋକମାନେ ବିସ୍ଥାପିତ ହେବେ ଏବଂ ସେମାନଙ୍କ ଜୀବିକା ହରାଇବେ ଯାହାକି ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ । ତେଣୁ ସେମାନଙ୍କର କ୍ଷତି ହେଉଥିବା ବ୍ୟବସାୟ ଦିନ ଏବଂ ଜିନିଷ ସ୍ଥାନାନ୍ତର ଖର୍ଚ୍ଚକୁ ମିଶାଇ କ୍ଷତିପୂରଣ ପ୍ରଦାନ କରିବାକୁ ପଡିବ ।

୦.୪୫ ଏକର ମନ୍ଦିର ଜମିକୁ ଛାଡିଦେଲେ ପ୍ରଭାବିତ ଗ୍ରାମରେ ଅନ୍ୟ କୌଣସି ସର୍ବସାଧାରଣ ସମ୍ପତ୍ତି ଅଧିଗ୍ରହଣ କରାଯାଉନାହିଁ । ଗ୍ରାମର ଲୋକମାନେ ମନ୍ଦିର ଜମିର ଅଧିଗ୍ରହଣ ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ଉପସ୍ଥାପନ କଲେ ।

ପ୍ରକଳ୍ପ ଲୋକମାନଙ୍କୁ ବିସ୍ଥାପିତ କରିବ ନାହିଁ, କିନ୍ତୁ ଯେଉଁ ରେଳଧାରଣା ନିର୍ମାଣ କରାଯିବ ତାହା ବସତିର ବହୁତ ନିକଟବର୍ତ୍ତୀ ହୋଇ ଯିବ ଯାହାକି ଶବ୍ଦ ପ୍ରଦୂଷଣ ସୃଷ୍ଟି କରିବ, ଏହା ଭାଗ ନେଇଥିବା ଲୋକମାନେ ଅନୁମାନ କରୁଛନ୍ତି ।

**ସଚେତନତା ଏବଂ ପ୍ରଭାବିତ ପରିବାରର ଆଶା**

ପ୍ରକଳ୍ପ ସହାୟତା ସମ୍ବନ୍ଧରେ ଯଥା; ୫୪% ସର୍ବେକ୍ଷଣ ପରିବାର ଜମି କ୍ଷତି ନିମନ୍ତେ ଆର୍ଥିକ ସହାୟତା ପାଇବା ନିମନ୍ତେ ମତାମତ ଦେଲେ ଏବଂ ଅନ୍ୟାନ୍ୟ ବିକଳ୍ପର ପରିମାଣ ଖୁବ୍ କମ୍ ଥିଲା ଯେହେତୁ ୮% ନିଜସ୍ୱ ଉଦ୍ୟମରେ ପୁନର୍ବାସ ବ୍ୟବସ୍ଥା କରିବାକୁ ଚାହୁଁଥିବାବେଳେ, ଅନ୍ୟାନ୍ୟ ବିକଳ୍ପ ସମ୍ବନ୍ଧରେ ୪% ମତ ପ୍ରଦାନ କରିଥିଲେ । ସେହିପରି ପ୍ରାୟ ୯୮% ସର୍ବେକ୍ଷଣ କରାଯାଇଥିବା ପରିବାର ତାଙ୍କ ଜମିର କ୍ଷତି ନିମନ୍ତେ ଆୟ ପୁନଃ ସଂସ୍ଥାପନ ବିକଳ୍ପ ହିସାବରେ ନିଯୁକ୍ତି ଆଶା କରୁଛନ୍ତି । ସେ ଯାହାହେଉ ଅଧିକାଂଶ ପ୍ରକଳ୍ପ ପ୍ରଭାବିତ ପରିବାର ତାଙ୍କ ଜମିକୁ ତ୍ୟାଗ କରି ପ୍ରକଳ୍ପ କାର୍ଯ୍ୟକୁ ସହଯୋଗ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି ।

ସର୍ବେକ୍ଷଣ କରାଯାଇଥିବା ୫୦ଟି ପରିବାରରେ ୪୬ (୯୨%) ଲୋକ ପ୍ରକଳ୍ପର ଲାଭ ସମ୍ବନ୍ଧରେ ସହମତ ହୋଇଥିଲେ ଯେତେବେଳେ କି ପ୍ରକଳ୍ପର ଲାଭ ସମ୍ବନ୍ଧୀତ ପ୍ରଶ୍ନରେ ୪ ଟି ପରିବାର ଚୁପ ରହିଥିଲେ । ସେ ଯାହାହେଉ ପ୍ରକଳ୍ପର ସାମାଜିକ ଲାଭ ରୁ ଜଣା ପଡୁଛି କି ସର୍ବାଧିକ ୮୪.୭୮% (୩୯) ଜଣ କହିଲେ ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବ । ଆର୍ଥିକ ଲାଭ ସମ୍ବନ୍ଧରେ ୮୦.୪୩% (୩୭ ଜଣ) ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ପ୍ରକଳ୍ପ ହେତୁ ସମ୍ପତ୍ତିର ମୂଲ୍ୟ ବୃଦ୍ଧି ଘଟିବ ବୋଲି ମତ ପ୍ରକାଶ କରିଥିଲେ ।

## ସୁପାରିଶ

- ଚାଷ ଜମି ଅଧିଗ୍ରହଣ ହେତୁ ଯେଉଁମାନେ ଭୂମିହୀନ, ନାମମାତ୍ର କିମ୍ବା କ୍ଷୁଦ୍ରଚାଷୀ ବର୍ଗକୁ ପରିବର୍ତ୍ତିତ ହୋଇଛନ୍ତି ସେହି ପ୍ରଭାବିତ ପରିବାରମାନଙ୍କର ନିୟମିତ କୃଷିଭିତ୍ତିକ ଆୟ ଜନିତ କ୍ଷତିର ପୁନଃସଂସ୍ଥାନ ପାଇଁ ପ୍ରଯତ୍ନ କରାଯିବା ଆବଶ୍ୟକ ।
- ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ନିମନ୍ତେ ଅଣକୃଷିଭିତ୍ତିକ କାର୍ଯ୍ୟ କରିବାକୁ ଦକ୍ଷତା ବିକାଶ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ । ଫଳତଃ, ସେମାନେ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଅଣକୃଷିଭିତ୍ତିକ ବୃତ୍ତି ଗ୍ରହଣ କରିବାରେ ସମର୍ଥ ହୋଇପାରିବେ ।।
- ଅନେକଗୁଡିଏ ପ୍ରଭାବ ସମୁହ ସ୍ଥାନୀୟ ଅଟେ ଏବଂ କ୍ଷଣସ୍ଥାୟୀ ପ୍ରକୃତି ବିଶିଷ୍ଟ ଅଟେ ଏବଂ ସେଗୁଡିକୁ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍.ଆଇ.ଏମ୍.ପି) ରେ ସୁପାରିଶ କରାଯାଇଥିବା ବିଭିନ୍ନ ସମସ୍ୟା ସମାଧାନ ପଦକ୍ଷେପ ସମୁହ ଦ୍ୱାରା ଏଡାଇ ଦିଆଯାଇପାରିବ । ଏସ୍.ଆଇ.ଏମ୍.ପି.ର ସଫଳ କାର୍ଯ୍ୟାନ୍ୱୟ. ପ୍ରଭାବ ସବୁକୁ ହ୍ରାସ ବା ଅତିକମ୍ କରାଇ ଗ୍ରହଣୀୟ ସୀମା ମଧ୍ୟରେ ସୀମିତ ରଖିବ ।

ଯଦିଓ ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର କେତେକ ନକାରାତ୍ମକ ପ୍ରଭାବ ଅଛି, ଆଶା କରାଯାଏ ଜମି ଆବଶ୍ୟକ କରୁଥିବା ସଂସ୍ଥା ଗୋଷ୍ଠୀ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବକୁ ହ୍ରାସକରିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ।

# ଅଧ୍ୟାୟ-୧ ପ୍ରକଳ୍ପର ପୃଷ୍ଠଭୂମି

## ୧.୧ ପ୍ରକଳ୍ପର ପୃଷ୍ଠଭୂମି

ଦେଶର ଆର୍ଥିକ ବିକାଶ ନିମନ୍ତେ ପରିବହନ ଏକ ଆବଶ୍ୟକ ଭିତ୍ତିଭୂମି ଅଟେ । ଏହା ଯୋଗାଣକାରୀ, ଉତ୍ପାଦନକାରୀ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ । ରେଳବାଇ ଭାରତୀୟ ପରିବହନ କ୍ଷେତ୍ରରେ ଗୋଟିଏ ବୈପ୍ଳବିକ ପରିବର୍ତ୍ତନ ଆଣିଛି, କିନ୍ତୁ ଏହାର ଅଭିବୃଦ୍ଧି ବିଭିନ୍ନ ଅଞ୍ଚଳ ତଥା ରାଜ୍ୟରେ ଅଲଗା ଅଲଗା ପ୍ରକାରର ଅଟେ । ଏହାକୁ ଲକ୍ଷ୍ୟ କରି, ଭାରତ ସରକାର ରେଳବାଇ ସଂଜାଲର ଉନ୍ନତି ନିମନ୍ତେ ବିଭିନ୍ନ ରେଳ ପ୍ରକଳ୍ପର ଯୋଜନା କରିଛନ୍ତି । ସେହିସବୁ ପ୍ରକଳ୍ପ ଗୁଡିକ ମଧ୍ୟରେ ଖୋର୍ଦ୍ଧାରୋଡ୍-ବିଜୟନଗରମ୍ ରେଳପଥରେ ୧.୬୧ କିମି ବାଇପାସ୍ ଲାଇନ ଗୋଟିଏ ଯେଉଁଥିପାଇଁ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି କାର୍ଯ୍ୟକାରୀ କରାଯାଉଛି । ଖୋର୍ଦ୍ଧାରୋଡ ଷ୍ଟେସନର ଭିଡକୁ କମାଇବା ନିମନ୍ତେ ଅରଗୁଳ ଏବଂ ହରିପୁର ପାସେଞ୍ଜର ହଲ୍ଟ ମଧ୍ୟରେ ଖୋର୍ଦ୍ଧାରୋଡ୍-ବିଜୟନଗରମ୍ ରେଳପଥର ଏହି ୧.୬୧ କିମି ବାଇପାସ୍ ଲାଇନ ନିର୍ମାଣ କରାଯିବ ଯେଉଁଥିପାଇଁ ୮.୯୫ କୋଟି ଟଙ୍କା ଆବଣ୍ଟିତ କରାଯାଇଛି । ଖୋର୍ଦ୍ଧା ରେଳବାଇ ଡିଭିଜନ ଅନ୍ତର୍ଗତ ଅରଗୁଳ ଏବଂ ହରିପୁର ପାସେଞ୍ଜର ହଲ୍ଟ ମଧ୍ୟରେ ଏହି ୧.୬୧ କିମି ବାଇପାସ୍ ଲାଇନ ନିର୍ମାଣ କରାଯିବ । ବର୍ତ୍ତମାନ ପୁରୀରାସ୍ତାରେ ଯିବାପାଇଁ ଟ୍ରେନ୍ ଖୋର୍ଦ୍ଧା ରେଳ ଷ୍ଟେସନରେ ସିଗନାଲ ନିମନ୍ତେ ଅପକ୍ଷା କରିବାକୁ ପଡୁଛି । ଏହି ବାଇପାସଟି ପ୍ରସ୍ତୁତ ହେଲେ ଏହା ବିଳମ୍ବରୁ ବର୍ତ୍ତି ପାରିବ । ଟ୍ରେନ୍ ସିଧାସଳଖ ଅରଗୁଳ ଷ୍ଟେସନରୁ ପୁରୀ ଯାଇପାରିବ ।

## ୧.୨ ପ୍ରକଳ୍ପରୁ ଲାଭ

ପ୍ରସ୍ତାବିତ ଏହି ପ୍ରକଳ୍ପ ର ଉଭୟ ସ୍ୱଷ୍ଟ ଓ ଅସ୍ୱଷ୍ଟ ଉପକାର ପରିଲକ୍ଷିତ ହୁଏ । ଏହି ବାଇପାସ୍ ରେଳଲାଇନ ଖୋର୍ଦ୍ଧାରୋଡ୍-ବିଜୟନଗରମ୍ ରେଳପଥରେ ଭିଡକୁ କମାଇବାରେ ସହାୟକ ହେବ, ଆହୁରିମଧ୍ୟ ବଢୁଥିବା ରେଳ ଯାତାୟତରେ ଟ୍ରେନକୁ ଠିକ ସମୟରେ ଚଳାଇବା ନିମନ୍ତେ ଏହି ବାଇପାସ୍ ରେଳଲାଇନ ର ନିହାତି ଆବଶ୍ୟକତା ଅଛି । ଏତଦବ୍ୟତିତ ବାଇପାସ୍ ରେଳଲାଇନର ନିର୍ମାଣ କାରଣରୁ ରେଳ ଯୋଗାଯୋଗ ବ୍ୟବସ୍ଥାର ଦକ୍ଷତା ଓ କ୍ଷମତାରେ ବୃଦ୍ଧି ପାଇ ସଡକ ପଥର ଭିଡକୁ ହ୍ରାସ କରିବାରେ ସାହାଯ୍ୟ କରିବ । ଏହା ଯାତାୟତ ସମୟ ହ୍ରାସ, ଯାନବାହନ ଚଳାଚଳ ଖର୍ଚ୍ଚ, ଜାଳେଣି ଉପଯୋଗ, ଦୁର୍ଘଟଣା ଓ ରାସ୍ତାର ରକ୍ଷଣାବେକ୍ଷଣ, ଯାତାୟତରେ ଏବଂ ପହଞ୍ଚିବାରେ ସାହାଯ୍ୟ କରିବ, ଏହା ରେଳ ଲାଇନର ଆଖପାଖ ଅଞ୍ଚଳରେ ନୂତନ ବ୍ୟବସାୟ ଆରମ୍ଭ କରିବାରେ ସହାୟତା ପ୍ରଦାନ କରିବ ।

ରେଳବାଇର ଏହି ଭାଗରେ ବୃଦ୍ଧି ପାଉଥିବା ଯାତାୟତର ପରିମାଣକୁ ସହଜରେ ଏବଂ ଦୃତଗତିରେ ଅତିକ୍ରମ କରାଇବାକୁ, ରେଳୱେ ବୋର୍ଡ ପୁରୀ ଜିଲ୍ଲା ଅନ୍ତର୍ଗତ ଡେଲାଙ୍ଗ ତହସିଲର ହରିପୁର ଗ୍ରାମରେ ଖୋର୍ଦ୍ଧାରୋଡ ବାଇପାସ ନିର୍ମାଣ କରିବାକୁ ପ୍ରସ୍ତାବ ନେଇଛନ୍ତି ।

ଖୋର୍ଦ୍ଧାରୋଡ ବାଇପାସ ରେଳ ଯୋଗଯୋଗ ବ୍ୟବସ୍ଥା ପ୍ରକଳ୍ପ (୨୦୧୮) କୁ ସହଯୋଗ ପ୍ରଦାନ କରିବାକୁ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ (ଧାରା ୪ (୧) ଅନୁଯାୟୀ ପୁରୀ ଜିଲାର ହରିପୁର ଗ୍ରାମରେ ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ ବୈଧ ବିଜ୍ଞପ୍ତି ନମ୍ବର RDM-LAA-PURI-0002-2016/ 40026 ତା ୨୫.୧୧. ୨୦୧୭ ରେ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଗୋଟିଏ ନୂତନ ଯୋଜନା ଆରମ୍ଭ କରିବାକୁ ବା ମହଜୁଦ ଥିବା ଗୋଟିଏ

ଯୋଜନାକୁ ପରିବର୍ଦ୍ଧିତ କରିବା ପୂର୍ବରୁ ଜାତୀୟ ଆର ଆଣ୍ଡ ଆର୍ ନୀତି ଅନୁଯାୟୀ ଏହିପରି ଅଧ୍ୟୟନ ଅନିର୍ବାଯ୍ୟ ଅଟେ । ଏକ ବିକାଶ ପ୍ରକଳ୍ପର କାର୍ଯ୍ୟକାରିତା ପୂର୍ବରୁ ଯୋଜନା ପ୍ରସ୍ତୁତି ଓ ଅନୁମୋଦନ ନିମନ୍ତେ ଏହା ଏକ ଅଂଶବିଶେଷ ହୋଇଗଲାଣି ।

### ୧.୩ ସମାଜିକ ଆକଳନ ଅଧ୍ୟୟନର ଆବଶ୍ୟକତା

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଗୁଡିକରେ କୌଣସି ପ୍ରକଳ୍ପ ବା ନୀତି ଜୀବନକାଳ ମଧ୍ୟରେ ସାମ୍ଭାବ୍ୟ ସାମାଜିକ ପ୍ରଭାବକୁ ବିଚାରକୁ ନିଆଯାଏ । ନୂତନବିକାଶମୂଳକ କାର୍ଯ୍ୟ କିମ୍ବା ସାମ୍ପ୍ରତିକ କାର୍ଯ୍ୟର ପରିବର୍ତ୍ତନ ହେତୁ ସମାଜ ବା ବ୍ୟକ୍ତିଗତ ଅଭିଜ୍ଞତାରେ ଯେଉଁ ପରିବର୍ତ୍ତନ ହୁଏ ତାହାକୁ ଏହି ଅଧ୍ୟୟନ ନିର୍ଦ୍ଧାରଣ କରିଥାଏ । କୌଣସି ସରକାରୀ କିମ୍ବା ଘରୋଇ କାର୍ଯ୍ୟରେ ସାମାଜିକ ପ୍ରଭାବ କହିଲେ ଲୋକଙ୍କର ଜୀବନ ମାର୍ଗ, ପ୍ରତିଭାଗିତା ଓ ସାମାଜିକ ସମ୍ପର୍କ କ୍ଷେତ୍ରରେ ସରକାରୀ ଓ ଘରୋଇ କାର୍ଯ୍ୟାନୁଷ୍ଠାନ ଫଳରେ ଦେଖାଯାଉଥିବା ପରିବର୍ତ୍ତନକୁ ବୁଝାଏ । ଲୋକମାନଙ୍କ ରୀତି, ମୂଲ୍ୟବୋଧ ଏବଂ ବିଶ୍ୱାସ କ୍ଷେତ୍ରରେ ଦୃଷ୍ଟିଗୋଚର ହେଉଥିବା ସାଂସ୍କୃତିକ ପ୍ରଭାବ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ।

ଏ ପ୍ରକାରର ଅଧ୍ୟୟନ ବିକାଶମୂଳକ କାର୍ଯ୍ୟାବଳୀର ସାମାଜିକ ଅର୍ଥନୈତିକ ଏବଂ ଜୈବ ଭୌତିକ ପ୍ରଭାବ ମଧ୍ୟରେ ଥିବା ଅନ୍ତଃସଂଯୋଗ କୁ ସ୍ୱୀକାର କରେ । ବିକାଶମୂଳକ କାର୍ଯ୍ୟାବଳୀ କର୍ମନିଯୁକ୍ତି, ରୋଜଗାର, ଉତ୍ପାଦନ, ଜୀବନଧାରଣ ମାର୍ଗ ସଂସ୍କୃତି, ପରିବେଶ, ସ୍ୱାସ୍ଥ୍ୟ ଏବଂ ସମ୍ପତ୍ତି ଅଧିକାରରେ ପରିବର୍ତ୍ତନ ଆଣିଥାଏ । ଏହି ପ୍ରଭାବ ଗୁଡିକ ସକାରାତ୍ମକ ବା ନକାରାତ୍ମକ, ପ୍ରତ୍ୟକ୍ଷ ବା ପରୋକ୍ଷ, ଉଦ୍ଦିଷ୍ଟ ବା ଅନୁଦ୍ଦିଷ୍ଟ ହୋଇପାରନ୍ତି । ସାମାଜିକ ପ୍ରଭାବ ଆକଳନ ଏକ ପ୍ରକ୍ରିୟା ଯାହାଦ୍ୱାରା ପ୍ରକଳ୍ପର ସାମାଜିକ ପ୍ରଭାବ ସମ୍ବନ୍ଧୀୟ ଖବର ସଂଗ୍ରହ କରାଯାଇ ସେଗୁଡିକର ବିଶ୍ଲେଷଣ କରାଯାଏ ଏବଂ କାର୍ଯ୍ୟାନୁଷ୍ଠାନ ଗୁଡିକୁ ଅଗ୍ରାଧିକରଣ କରି ପ୍ରକଳ୍ପର ଉପଯୁକ୍ତ ନକ୍ସା ପ୍ରସ୍ତୁତ କରାଯାଏ ।

ପୁରୀ ଜିଲ୍ଲାର ଡେଲାଙ୍ଗ ତହସିଲ ଠାରେ ଖୋର୍ଦ୍ଧାରୋଡ ବାଇପାସ୍ ରେଳ ଯୋଗାଯୋଗ ବ୍ୟବସ୍ଥା ଏକ ଭୌତିକ ଭିତ୍ତିଭୂମି ପ୍ରକଳ୍ପ ହୋଇଥିବାରୁ ଏହାର ପ୍ରଭାବ ନିକଟବର୍ତ୍ତୀ ଅଞ୍ଚଳକୁ ବ୍ୟାପିବ । ଭୌତିକ ପରିବେଶକୁ ବ୍ୟାପିବା ବ୍ୟତିତ, ଏହି ପ୍ରକଳ୍ପର ଲୋକମାନଙ୍କ ଜୀବିକାର୍ଜନ ବ୍ୟବସାୟ କର୍ମ, ସାମାଜିକ ସଂଜାଲ ଏବଂ ସାମାଜିକ-ସାଂସ୍କୃତିକ ଚଳଣି ଇତ୍ୟାଦି ଉପରେ ଦୀର୍ଘକାଳୀନ ପ୍ରଭାବ ଅଛି । ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପୁରୀ ଜିଲ୍ଲାର ଖୋର୍ଦ୍ଧାରୋଡ ଠାରେ ପ୍ରସ୍ତାବିତ ବାଇପାସ୍ ଲାଇନ ଅର୍ଥନୈତିକ ସାମାଜିକ ସାଂସ୍କୃତିକ ଓ ପରିବେଶ ଦିଗ ଉପରେ ପ୍ରଭାବ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

### ୧.୪. ଅଧ୍ୟୟନର ଲକ୍ଷ୍ୟ :

ପ୍ରକଳ୍ପର ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡିକ ହେଲା

ପ୍ରଭାବିତ ଗ୍ରାମଗୁଡିକରେ ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକରିବ କି ନାହିଁ ତାହା ଆକଳନ କରିବା ।

- ପ୍ରଭାବିତ ପରିବାର ସଂଖ୍ୟା, ପରିବାରର ପ୍ରକୃତ ଜମିଧାରଣ ପରିମାଣ ଆଧାରରେ କ୍ଷତିର ଭୟାବହତା ଏବଂ ଜମି ଅଧିଗ୍ରହଣ ହେତୁ କେତେ ପରିବାର ଶାରୀରିକ ବା ବୃତ୍ତିଗତ ଭାବେ ବାସଚ୍ୟୁତ ହେବେ ତାହାର ଆକଳନ କରିବ ।
- ଜମି ଅଧିଗ୍ରହଣ ହେତୁ କ୍ଷତି ହେବାକୁ ଯାଉଥିବା ବ୍ୟକ୍ତିଗତ ବା ସାର୍ବଜନିକ ଜମି, ଘରବାଡି ବା ବସ୍ତି ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତିର ପରିମାଣ ନିର୍ଦ୍ଧାରଣ ।

- ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ପ୍ରକଳ୍ପ ସ୍ଥାପନ ପାଇଁ ନିହାତି ଆବଶ୍ୟକ କି ନୁହେଁ ତାହା ପରୀକ୍ଷା କରିବା ।
- ପ୍ରକଳ୍ପ ନିମନ୍ତେ ଅନ୍ୟ ଏକ ବିକଳ୍ପ ସ୍ଥାନ ଯେଉଁଠାରେ ବହୁତ କମ୍ ପରିମାଣର ବିସ୍ଥାପନ ହେବ ତାହା ବିଚାରକୁ ନିଆ ଯାଇଥିଲା କିନ୍ତୁ ଯେହେତୁ ସେହି ସ୍ଥାନ ପ୍ରକଳ୍ପ ସ୍ଥାପନ ନିମନ୍ତେ ଉପଯୁକ୍ତ ହେବ ନାହିଁ ତେଣୁ ତାହାକୁ ଗ୍ରହଣ କରାଗଲା ନାହିଁ ତାହାର ଯାଞ୍ଚ କରିବା ।
- ପ୍ରତ୍ୟକ୍ଷ ଭାବରେ ଜମି ହରାଇଥିବା ପରିବାର ସହିତ ସର୍ବସାଧାରଣ ଜମି, ସାମାଜିକ-ଅର୍ଥନୈତିକ ଢାଞ୍ଚା ଇତ୍ୟାଦି ଅଧିଗ୍ରହଣ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକ ଉପରେ ପ୍ରକଳ୍ପ ହେତୁ ପଡୁଥିବା ସାମାଜିକ ପ୍ରଭାବ ଆକଳନ କରିବା ଏବଂ ଏ ସମସ୍ତ ଖର୍ଚ୍ଚ ସହିତ ପ୍ରକଳ୍ପର ସମୁଦାୟ ଖର୍ଚ୍ଚ ତୁଳନାରେ ପ୍ରକଳ୍ପର ଲାଭ ସମ୍ବନ୍ଧରେ ଅଧ୍ୟୟନ କରିବା ।
- ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ବା ପ୍ରଶମନ ଯୋଜନା ପ୍ରସ୍ତୁତ କରି ତାହା ମାଧ୍ୟମରେ ଉପଯୁକ୍ତ ନୀତି ଓ ଯୋଜନା ପ୍ରଣୟନକରି ବିଭିନ୍ନ ଉପଚାରାତ୍ମକ ହସ୍ତକ୍ଷେପ ଉପାୟ ସମ୍ବନ୍ଧରେ ପରାମର୍ଶ ଦେବା ।

## ୧.୫ ଅଧ୍ୟୟନର ପରିସର

ସାମାଜିକ ଆକଳନ ଅଧ୍ୟୟନ ପାଇଁ ପ୍ରକଳ୍ପ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ସାମ୍ପ୍ରତିକ ସାମାଜିକ ଅର୍ଥନୈତିକ ଚିତ୍ର ଓ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେବାପରେ ସେମାନେ ସମ୍ମୁଖିନ ହେଉଥିବା ପରିବର୍ତ୍ତନର ବିବରଣୀ ଆବଶ୍ୟକ । ଯେହେତୁ ଅଧ୍ୟୟନଟି ପ୍ରକଳ୍ପ ଦ୍ୱାରା ପ୍ରଭାବିତ, ଲୋକମାନଙ୍କର ସ୍ଥିତିକୁ ସୁରକ୍ଷା ଦେବ ବା ସମ୍ଭବ ହେଲେ ଉନ୍ନତି କରିବା ନିମନ୍ତେ ଉଦ୍ଦିଷ୍ଟ, ପ୍ରକଳ୍ପର କୁପ୍ରଭାବକୁ ଉପଶମ କରିବାକୁ ପଦକ୍ଷେପଗୁଡିକର ପ୍ରସ୍ତାବ ସହିତ ଏହି ପ୍ରକ୍ରିୟା ଶେଷ ହେବ । ପ୍ରକଳ୍ପ ଅଞ୍ଚଳରେ ଲୋକମାନଙ୍କ ଉପରେ ବହୁବିଧ ପ୍ରଭାବ ପଡେ ଏବଂ ସେଗୁଡିକ ଚିହ୍ନଟ କରି ପ୍ରତିକାର ପାଇଁ ଆଗ୍ରାଧିକାର ଭିତ୍ତିରେ ପ୍ରଭାବିତ ଲୋକମାନଙ୍କ ପାଇଁ ପ୍ରତିକାର ଯୋଜନା ପ୍ରଣୟନ ଆବଶ୍ୟକ । ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ବିଷୟରେ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରିବା ପାଇଁ ଉତ୍ତମ ଭାବେ ପ୍ରସ୍ତୁତ ସୂଚୀ ସାହାଯ୍ୟରେ ସେମାନଙ୍କ ମତାମତ ସଂଗ୍ରହ କରାଯିବ । ଏଥିପାଇଁ ସରକାରୀ ଅଫିସରମାନଙ୍କ ସହିତ ପାରସ୍ପରିକ ମତ ବିନିମୟ କରାଯିବ ଓ ସ୍ଥାଆନିୟା ଲୋକ ଏବଂ ଅଭିଜାତ ଗୋଷ୍ଠୀ ସହିତ ବାର୍ତ୍ତାଳାପ, କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଏବଂ ସହଭାଗୀ ଗରମା ଅବଧାରଣ କୌଶଳ ବ୍ୟବହାର କରାଯିବ ।

*ଅଧ୍ୟୟନର ପରିସର ନିମ୍ନରେ ସୂଚିତ କରାଯାଇଛି;*

୧. ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବାକୁ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ, ଯାଞ୍ଚ, ବିଶ୍ଳେଷଣ, ବିସ୍ତୃତ ଭାବରେ ଅଞ୍ଚଳ ପରିଦର୍ଶନ କାର୍ଯ୍ୟ ଆରମ୍ଭ ତଥା ସାମାଜିକ ମାନଚିତ୍ର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା (FGDs), ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ଏବଂ ପରିବାର ସ୍ତରରେ ପ୍ରସ୍ତୁତ ସାକ୍ଷାତକାର ଅନୁସୂଚୀ ମାଧ୍ୟମରେ ସୂଚନାଦାତାମାନଙ୍କ ସହ ସାକ୍ଷାତକାର କରାଯାଇଛି ।

୨. ସମସ୍ତ ପ୍ରଭାବିତ ଗ୍ରାମ ପଞ୍ଚାୟତ ଓ ନଗରପାଳିକାର ଅଧିକୃତ ପଦାଧିକାରୀମାନଙ୍କୁ କାର୍ଯ୍ୟରେ ସଂଶ୍ଳିଷ୍ଟକରି ତଥା ସେମାନଙ୍କ ପରାମର୍ଶ ଗ୍ରହଣକରି ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରାଯିବ ।

୩. ସମସ୍ତ ପ୍ରାସଙ୍ଗିକ ଜମି ଦସ୍ତାବିଜ୍ ଓ ଅଞ୍ଚଳର ତଥ୍ୟ ସଂଗ୍ରହ କରି ଏହାର ବିସ୍ତୃତ ବିଶ୍ଳେଷଣ ଜରିଆରେ ସମ୍ପୂର୍ଣ୍ଣ ଏକ ଆକଳନ ପ୍ରସ୍ତୁତ କରିବା, ପ୍ରକଳ୍ପ ଅଞ୍ଚଳର ଯାଞ୍ଚ, ସମୀକ୍ଷା ଓ ଏହି ପ୍ରକାରର ଅନ୍ୟାନ୍ୟ ପ୍ରକଳ୍ପ ସହ ତୁଳନା ଆଦି କାର୍ଯ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା ଦ୍ୱାରା କରାଯାଇଛି । ନିମ୍ନଲିଖିତ କାର୍ଯ୍ୟଗୁଡିକ ଆକଳନର ପରିସରଭୁକ୍ତ ହୋଇଅଛି ।

(କ) ପ୍ରସ୍ତାବିତ ପ୍ରକଳ୍ପ ହେତୁ ପ୍ରଭାବିତ ହେଉଥିବା ଅଞ୍ଚଳ ଚିହ୍ନଟ, ଅଧିଗ୍ରହଣ କରାଯିବାକୁ ଥିବା ଜମି ଏବଂ ପ୍ରକଳ୍ପ ଦ୍ୱାରା ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଷୀୟ ତଥା ଅନ୍ୟାନ୍ୟ ପ୍ରଭାବ ।

(ଖ) ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ଓ ଅବସ୍ଥିତି ଏବଂ ଏହା ପ୍ରକଳ୍ପ ପାଇଁ ସର୍ବନିମ୍ନ ନିହାତି ଆବଶ୍ୟକ କି ନୁହେଁ

(ଗ) ପ୍ରକଳ୍ପ ଲାଗି ଅନ୍ୟ କୌଣସି ବିକଳ୍ପ ସ୍ଥାନ ଅଛି କି ନାହିଁ ତାର ସାମ୍ଭାବ୍ୟତା ପରୀକ୍ଷା କରିବା,

(ଘ) ଅଧିଗ୍ରହଣ କରାଯାଉଥିବା ଜମି ଅନୁସୂଚିତ ଅଞ୍ଚଳରେ ଅବସ୍ଥିତ କି ନୁହେଁ ଏବଂ ଏହା ସ୍ପଷ୍ଟ ଭାବରେ ଶେଷ ଉପାୟ କି ନୁହେଁ,

(ଙ) କିଛି ଜମି ଯଦି ପୂର୍ବରୁ କ୍ରୟ, ହସ୍ତାନ୍ତର, ପଟ୍ଟା କିମ୍ବା ଅଧିଗ୍ରହଣ କରାଯାଇଥାଏ ଏବଂ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଥିବା ପ୍ରତ୍ୟେକ ପ୍ଲଟର ଉପଯୋଗର ଉଦ୍ଦେଶ୍ୟ,

(ଚ) କୌଣସି ସାର୍ବଜନୀନ, ଅବ୍ୟବହୃତ ଜମି ବ୍ୟବହାରର ସୁଯୋଗ କିମ୍ବା ଏପରି କୌଣସି ଜମି କାହା ଦଖଲରେ ଅଛି କି,

(ଛ) ଜମିର ପ୍ରକାର, ବର୍ତ୍ତମାନର ବ୍ୟବହାର, ଜମିର ବର୍ଗୀକରଣ ଏବଂ ଯଦି ଜମି ଚାଷ ଜମି ହୋଇଥାଏ, ତେବେ ଏହାର ଜଳସେଚନ ବ୍ୟାପ୍ତି ଏବଂ ଏହାର ଫସଲ ଧାରଣ ପ୍ରଣାଳୀ,

(ଜ) ପ୍ରଭାବିତ ପରିବାରର ଖାଦ୍ୟ ନିରାପତ୍ତା ଉପରେ ଜମିର ପ୍ରଭାବ,

(ଝ) ଜମିଜୋତର ଆକାର, ଜମି ମାଲିକାନାର ଢାଞ୍ଚା, ଜମି ବଣ୍ଟନ, ବାସଗୃହର ସଂଖ୍ୟା ଏବଂ ସାର୍ବଜନୀନ ଏବଂ ବେସରକାରୀ ସୁବିଧା ସୁଯୋଗ ଓ ସମ୍ପତ୍ତି; ଏବଂ

(ଞ) ଜମିର ମୂଲ୍ୟ ଏବଂ ନିକଟରେ ହୋଇଥିବା ଜମି ମାଲିକାନାରେ କୌଣସି ପରିବର୍ତ୍ତନ, ବିଗତ ତିନି ବର୍ଷ ମଧ୍ୟରେ ଜମି ହସ୍ତାନ୍ତର ଏବଂ ଜମିର ବ୍ୟବହାର,

(ଟ) ଜମି ଆକଳନ ଜମି ଦସ୍ତାବିଜ୍ ଆଧାରରେ ପ୍ରଭାବିତ ଏବଂ ବିସ୍ଥାପିତ ପରିବାରର ସଠିକ ଗଣନା କରିବା ଏବଂ ସମସ୍ତ ପ୍ରଭାବିତ ପରିବାରଗୁଡିକର ଜନଗଣନା ବିଧି ଅନୁଯାୟୀ ଅଞ୍ଚଳର ଅନୁଧ୍ୟାନ,

(ଠ) ପ୍ରଭାବିତ ଅଞ୍ଚଳର ସାମାଜିକ -ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ପ୍ରସ୍ତୁତି,

(ଡ) ପ୍ରଭାବିତ ଅଞ୍ଚଳରୁ ସଂଗୃହୀତ ତଥ୍ୟ ଏବଂ ହିତାଧିକାରୀମାନଙ୍କ ସହ ବିଚାରବିମର୍ଷ ଆଧାରରେ, ସାମାଜିକ ପ୍ରଭାବ ଆକଳନ ଦଳ/ଅନୁଷ୍ଠାନ ଖର୍ଚ୍ଚ ଲାଭ ବିଶ୍ଳେଷଣ ପଦ୍ଧତି ଅବଲମ୍ବନକରି ପ୍ରକଳ୍ପର ସକାରାତ୍ମକ ଓ ନକରାତ୍ମକ ପ୍ରଭାବର ସ୍ୱରୂପ ବିସ୍ତାର ଏବଂ ପ୍ରଗାଢତା ଚିହ୍ନଟ ଓ ଆକଳନ କରିବେ ।

(ଢ) ଖର୍ଚ୍ଚ ଲାଭ ବିଶ୍ଳେଷଣ ନିମନ୍ତେ ପ୍ରକଳ୍ପର ପ୍ରତିକୂଳ ଏବଂ ଅନୁକୂଳ ପ୍ରଭାବର ପ୍ରକୃତିର ସିମା ଏବଂ ତୀବ୍ରତାର ଚିହ୍ନଟ କରାଯିବ । ପ୍ରଭାବିତ ଅଞ୍ଚଳରୁ ସଂଗୃହିତ ତଥ୍ୟ ଏବଂ ହିତାଧିକାରୀମାନଙ୍କ ସହ ବିଚାରବିମର୍ଷ ଆଧାରରେ, ସାମାଜିକ ପ୍ରଭାବ ଆକଳନ ଦଳ/ଅନୁଷ୍ଠାନ ଖର୍ଚ୍ଚ ଲାଭ ବିଶ୍ଳେଷଣ ପଦ୍ଧତି ଅବଲମ୍ବନକରି ପ୍ରକଳ୍ପର ସକାରାତ୍ମକ ଓ ନକରାତ୍ମକ ପ୍ରଭାବର ସ୍ୱରୂପ, ବିସ୍ତାର ଏବଂ ପ୍ରଗାଢତା ଚିହ୍ନଟ ଓ ଆକଳନ କରିବେ ।

(ଣ) ଏହି କାର୍ଯ୍ୟକ୍ରମରେ ପରିବାରଗୁଡିକ ନିମନ୍ତେ ଗୋଟିଏ ପ୍ରଶମନ ଯୋଜନାକୁ ସାମିଲ କରିବାର ଆବଶ୍ୟକତା ଅଛି । କିନ୍ତୁ ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାର ସମସ୍ତ ପ୍ରକାରର ଦୁର୍ଦ୍ଦଶା ନିମନ୍ତେ ବ୍ୟାପକ ସମାଧାନ ପ୍ରଦାନ କରୁନାହିଁ । ସାମାଜିକ ପ୍ରଭାବ ଆକଳନ ସମୟରେ ଚିହ୍ନଟ କରାଯାଇଥିବା ବିଭିନ୍ନ ନକରାତ୍ମକ ପ୍ରଭାବକୁ ସମ୍ବୋଧିତ କରି ସୁଧାରାତ୍ମକ ବିଭିନ୍ନ ଉପାୟ ସମ୍ମିଳିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବାର ଆବଶ୍ୟକତା ଅଛି ।

(ତ) ସାମାଜିକ ପ୍ରଭାବ ଆକଳନ (SIA) ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର (SIMP) ଚିଠା ବିବରଣୀ ସ୍ଥାନୀୟ ଭାଷା (ଓଡିଆ) ରେ ପ୍ରସ୍ତୁତକରି ସମସ୍ତ ପ୍ରଭାବିତ ଗ୍ରାମ ଓ ଗ୍ରାମ ପଞ୍ଚାୟତ ଅଫିସରେ ଅନ୍ତତଃ ପକ୍ଷେ ଜନଶୁଣାଣୀର ୬ ସପ୍ତାହ ପୂର୍ବରୁ ଦେବାକୁ ପଡିବ । ସ୍ଥାନିୟ ପ୍ରଶାସନ ଏବଂ ପୂର୍ବତଟ ରେଳପଥ ଜରିଆରେ ଜନଶୁଣାଣୀର ଆୟୋଜନ କରାଯିବ । ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଲା, ସାମାଜିକ ପ୍ରଭାବ ଆକଳନ (SIA)ରୁ ମିଳିଥିବା ନିଷ୍କର୍ଷକୁ ପ୍ରଭାବିତ ଅଞ୍ଚଳରେ ପ୍ରସାରିତ କରି ନିଷ୍କର୍ଷ ଉପରେ ପ୍ରତିକ୍ରିୟା, ଅତିରିକ୍ତ ତଥ୍ୟ ଏବଂ ମତାମତ ସଂଗ୍ରହକରି ଏହାକୁ ଅନ୍ତିମ ବିବରଣୀରେ ସଂଲଗ୍ନ କରିବା ।

(ଥ) ସାମାଜିକ ପ୍ରଭାବ ଆକଳନ (SIA) ବିବରଣୀ ସହ ଏହାକୁ ଦାଖଲ କରାଯିବା ନିମନ୍ତେ ଏହି ଜନଶୁଣାଣୀର ଭିଡିଓ ରେକର୍ଡିଙ୍ଗ ଏବଂ ଲିପିବଦ୍ଧ କରାଯିବ ।

## ୧.୬ ପ୍ରକଳ୍ପର ସାର୍ବଜନିନ ଉଦ୍ଦେଶ୍ୟ

ଉପରେ ବର୍ଣ୍ଣନା କରାଯାଇଛି ଏହି ପ୍ରକଳ୍ପରେ ଉଭୟ ସ୍ପଷ୍ଟ ଓ ଅସ୍ପଷ୍ଟ ଉପକାର ପରିଲକ୍ଷିତ ହୁଏ । ଏହି ବାଇପାସ୍ ରେଳଲାଇନ ଖୋର୍ଦ୍ଧାରୋଡ୍-ବିଜୟନଗରମ୍ ରେଳପଥରେ ଭିଡକୁ କମାଇବାରେ ସହାୟକ ହେବ, ଆହୁରିମଧ୍ୟ ବଢୁଥିବା ରେଳ ଯାତାୟତରେ ଟ୍ରେନକୁ ଠିକ ସମୟରେ ଚଳାଇବା ନିମନ୍ତେ ଏହି ବାଇପାସ୍ ରେଲଲାଇନ ର ନିହାତି ଆବଶ୍ୟକତା ଅଛି । ଏତଦବ୍ୟତିତ ବାଇପାସ୍ ରେଲଲାଇନର ନିର୍ମାଣ କାରଣରୁ ରେଳ ଯୋଗାଯୋଗ ବ୍ୟବସ୍ଥାର ଦକ୍ଷତା ଓ କ୍ଷମତାରେ ବୃଦ୍ଧି ପାଇ ସଡକ ପଥର ଭିଡକୁ ହ୍ରାସ କରିବାରେ ସାହାଯ୍ୟ କରିବ । ଏହା ଯାତାୟତ ସମୟ ହ୍ରାସ, ଯାନବାହନ ଚଳାଚଳ ଖର୍ଚ୍ଚ, ଜାଳେଣି ଉପଯୋଗ, ଦୁର୍ଘଟଣା ଓ ରାସ୍ତାର ରକ୍ଷଣାବେକ୍ଷଣ, ଯାତାୟତରେ ଏବଂ ପହଞ୍ଚିବାରେ ସାହାଯ୍ୟ କରିବ, ଏହା ରେଳ ଲାଇନର ଆଖପାଖ ଅଞ୍ଚଳରେ ନୂତନ ବ୍ୟବସାୟ ଆରମ୍ଭ ଜରିବାରେ ସହାୟତା ପ୍ରଦାନ କରିବ ।

ରେଳପଥ ଭଳି ଏକ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ସହବର୍ତ୍ତୀ ଅଟେ । ଜମି ହରାଉଥିବା ଏବଂ ବିସ୍ଥାପିତ ପରିବାର ପ୍ରତିକୂଳ ଜୀବିକାର ଆଶଂକା ଏବଂ ସମ୍ବନ୍ଧିତ ସ୍ଥାନରେ ବସବାସ କରିବାର ପ୍ରଭାବ ସହ୍ୟ କରନ୍ତି । କିନ୍ତୁ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ରେ ଏହା ସ୍ପଷ୍ଟ ଯେ, ପ୍ରଭାବିତ ବ୍ୟକ୍ତିମାନଙ୍କୁ ସୁରକ୍ଷା ପ୍ରଦାନ

କରିବାର ଆବଶ୍ୟକତା ଅଛି, ଯଦ୍ଵାରା କି, ପ୍ରକଳ୍ପ ପରର ଅବସ୍ଥା ପ୍ରକଳ୍ପ ପୁର୍ବ ଅବସ୍ଥା ଠାରୁ କୌଣସି ପ୍ରକାର କମ ହେବ ନାହିଁ । ପ୍ରକଳ୍ପ ଦ୍ଵାରା ପ୍ରଭାବିତ ହେବାର ସମ୍ଭାବନା ଥିବା ପରିବାରର ଆଶାକରାଯାଉଥିବା ଲାଭ କିମ୍ବା କ୍ଷତିର ଆକଳନ କରିବାର ବ୍ୟାପକ ଉଦ୍ଦେଶ୍ୟ ସହିତ ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ର ଆବଶ୍ୟକତା ଅଛି ଏବଂ  ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ କୌଣସି ପ୍ରକାରର ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ନିମନ୍ତେ ଏକ ପ୍ରଶମନ ଯୋଜନାରେ ଏକ ଉଚିତ ସାର୍ବଜନୀନ ଉପାୟର ଉପସ୍ଥାପନ ।

**ବିକଳ୍ପ ସ୍ଥାନର ପରିକ୍ଷଣ**

ପ୍ରକଳ୍ପର ବିଭିନ୍ନ ବିଷୟ ବିଶେଷତଃ ସାର୍ବଜନୀନ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଖୋର୍ଦ୍ଧାରୋଡ୍ ଷ୍ଟେସନ୍ ଠାରେ ଭିଡ କମାଇବା ନିମନ୍ତେ ଖୋର୍ଦ୍ଧାରୋଡ୍ ବିଜୟନଗରମ୍ ରେଳପଥରେ ବାଇପାସ୍ ଲାଇନ-ନିର୍ମାଣ ନିମନ୍ତେ ଭାରତ ସରକାରଙ୍କ ରେଳବାଇ ମନ୍ତ୍ରଣାଳୟ ପକ୍ଷରୁ ଭୂମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ତେଣୁ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ସର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି କି ନାହିଁ ତାହା ପରିକ୍ଷଣ କରିବାର ଆବଶ୍ୟକ ନାହିଁ । ରେଳଧାରଣା ବିଛାଇବା ନିମନ୍ତେ ଜମି ଅଧିଗ୍ରହଣ କରାଯିବ । ଜିଲ୍ଲାରେ ବାଇପାସ୍ ଲାଇନ ନିର୍ମାଣ ନିମନ୍ତେ ହରିପୁର ଗ୍ରାମରେ ସମୁଦାୟ ୧.୬ ଏକର ଭୂମି ଅଧିଗ୍ରହଣ କରାଯିବ । ଆହୁରି ମଧ ଏହା ଲୋକମାନଙ୍କର କୌଣସି ବିସ୍ଥାପନର ଆଶ୍ଵାସନା ପ୍ରଦାନ କରୁ ନାହିଁ । ଏହିସବୁ ମତାମତକୁ ଦୃଷ୍ଟିରେ ରଖି ବିକଳ୍ପ ସ୍ଥଳ ଖୋଜିବା ଏକ ଅନାବଶ୍ୟକ କାର୍ଯ୍ୟ ହେବ ।

**୧.୭ ପ୍ରାସଙ୍ଗିକ କାନୁନର ଢାଞ୍ଚା**

ସରକାରଙ୍କ ଦ୍ଵାରା ଭୂମି ଅଧିଗ୍ରହଣ ବିଭିନ୍ନ ଆଇନ ଏବଂ ନୀତି ନିୟମ ଦ୍ଵାରା ପରିଚାଳିତ ଯାହା ନିମ୍ନରେ ପ୍ରଦାନ କରାଯାଇଛି

**୧) ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ଵଚ୍ଛତା, ପୁନର୍ବାସ ଓ ଥଇଥାନ ନିୟମ (ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩)**

୧୯୮୪ ମସିହାର ଭୂମି ଅଧିଗ୍ରହଣ ଆଇନ ବଦଳରେ ଜାନୁଆରୀ ୧, ୨୦୧୪ ମସିହା ଠାରୁ କାର୍ଯ୍ୟକାରୀ କରାଗଲା। ଶିଳ୍ପାୟନ, ଅତ୍ୟାବଶ୍ୟକୀୟ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ପାଇଁ କେନ୍ଦ୍ର ସରକାର ଏବଂ ଜମ୍ମୁ କାଶ୍ମିରକୁ ଛାଡି ଅନ୍ୟ ରାଜ୍ୟ ସରକାରଙ୍କ ଦ୍ଵାରା ଜମି ଅଧିଗ୍ରହଣ କୁ ନିୟନ୍ତ୍ରଣ କରିବା ନିମନ୍ତେ ଏହି ଆଇନ ପ୍ରଣୟନ କରାଯାଇଛି । ପ୍ରଭାବିତ ଲୋକମାନଙ୍କୁ କ୍ଷତିପୂରଣ ଏବଂ ସେମାନଙ୍କର ଥଇଥାନ ଓ ପୁନର୍ବାସ ନିମନ୍ତେ ଏହି ଆଇନରେ ନିୟମାମାନ କରାଯାଇଛି ।

ଏହି ଅଧିନିୟମର ପ୍ରାବଧାନ ଗୁଡିକ ନିମ୍ନରେ ପ୍ରଦାନ କରାଯାଇଛି

- ଜମି ଅଧିଗ୍ରହଣ ହେତୁ ଜମି ହରାଉଥିବା ବ୍ୟକ୍ତିମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ।
- ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୁର୍ଣ୍ଣ ଭାବରେ ସ୍ଵଚ୍ଛ ରହିବ ।
- ଜମି ଅଧିଗ୍ରହଣ ହେତୁ ଜମି ହରାଉଥିବା ପରିବାରର ଥଇଥାନ ନିମନ୍ତେ ବ୍ୟାପକ ପ୍ରାବଧାନ ରହିବା ଆବଶ୍ୟକ ।
- ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ପ୍ରଭାବିତ ପରିବାରକୁ ହେଉଥିବା ଅସୁବିଧା ସର୍ବନିମ୍ନ ହେବା ଆବଶ୍ୟକ ।
- ଜମି ଅଧିଗ୍ରହଣ ସମୟରେ ଗ୍ରାମସଭା ସମେତ ସ୍ଥାନୀୟ ସ୍ଵାୟତ୍ତ ଶାସନ ବ୍ୟବସ୍ଥା ସହ ପରାମର୍ଶ କରାଯିବା ଆବଶ୍ୟକ ।

- ପ୍ରଶମନ ଯୋଜନା ଏପରି ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ ଯେପରିକି ପ୍ରଭାବିତ ବ୍ୟକ୍ତି ଅଧିଗ୍ରହଣ ପରବର୍ତ୍ତୀ ପର୍ଯ୍ୟାୟରେ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୟରେ ଅଂଶୀଦାର ହୋଇପାରିବ ।
- ସରକାର ଓ ସାର୍ବଜନୀନ ଅଂଶୀଦାରରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ନିମନ୍ତେ ୭୦% ଏବଂ ବେସରକାରୀ ଉଦ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ନିମନ୍ତେ ୮୦ ପ୍ରତିଶତ ପ୍ରଭାବିତ ଲୋକଙ୍କର ସହମତି ଆବଶ୍ୟକ ।

ଯେତେବେଳେ ସରକାର ସାର୍ବଜନୀନ କିମ୍ବା ନିଜ ବ୍ୟବହାର କିମ୍ବା ପ୍ରକଳ୍ପକୁ ସହାୟତା କରୁଥିବା ସଂସ୍ଥା (ପି ଏସ ଇଉ) କିମ୍ବା ବେସରଜାରୀ ଲୋକମାନଙ୍କୁ ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବେ ସେହି ସମୟରେ ଏହି ଅଧିନିୟମ କାର୍ଯ୍ୟକାରୀ ହେବ । ସେ ଯାହାହେଉ କେତେକ ଅଧିନିୟମ ଯଥା ରାଜପଥ ଅଧିନିୟମ ୧୯୫୬ ଏବଂ ରେଳବାଇ ଅଧିନିୟମ ୧୯୮୯ ଆଦି ଏହି ୧୩ ଟି ଅଧିନିୟମ ଏହି ପରିଧିରୁ ବାହାର ଅଟେ । ଏହି ୧୩ ଟି ଅଧିନିୟମ ଜମି ଅଧିଗ୍ରହଣ ନିମନ୍ତେ ନିର୍ଦ୍ଦିଷ୍ଟ ବିଭାଗକୁ ପରିଚାଳିତ କରିଥାଏ । ସେ ଯାହାହେଉ, ଏହି ଅଧିନିୟମରେ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ଅନୁଯାୟୀ ପୁନର୍ବାସ ଓ ଥଇଥାନର କ୍ଷତିପୂରଣ ଅନୁରୂପ ରଖାଯିବ ।

**ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩**

**ସେକ୍ସନ୍ -୨ ଅଧାୟ-୧ (ଆପ୍ଲିକେସନ୍ ଅଫ୍ ଆକ୍ଟ)**

୨.୧ ଯେତେବେଳେ ଗୋଟିଏ ବୈଧ ସରକାର ଜମି ବ୍ୟବହାର, ଅକ୍ତିଆର ଓ ନିୟନ୍ତ୍ରଣ ପାଇଁ ଜମି ଅଧିଗ୍ରହଣ କରନ୍ତି ସେତେବେଳେ ଏହି ଆଇନରେ ଅଧିଗ୍ରହଣ ନିନତେ ଥିବା ପୁନର୍ବାସ ଓ ଥଇଥାନ ବ୍ୟବସ୍ଥା ପ୍ରଯୁଜ୍ୟ ହେବ । ନିମ୍ନଲିଖିତ ବିଷୟ ଗୁଡିକ ଏଥିରେ ଅନ୍ତର୍ଭୁକ୍ତ ।

(କ) କେନ୍ଦ୍ର ସରଜାରଂକ ସାମରିକ ବାହିନୀ, ନୌସେନା, ବାୟୁସେଣ ସଶସ୍ତ୍ର ଓ ଅର୍ଦ୍ଧ ସାମରିକ ବାହିନୀ କିମ୍ବା ଜାତୀୟ ଅର୍ଦ୍ଧ ସାମରିକ ବଳଙ୍କ ରଣନୀତି ଉଦ୍ଦେଶ୍ୟରେ କିମ୍ବା ଜାତୀୟ ନିରାପତ୍ତା ବା ଜାତୀୟ ସୁରକ୍ଷା, ରାଜ୍ୟ ପୋଲିସ୍ ଅଥବା ଲୋକମାନଙ୍କର ନିରାପତ୍ତା ପାଇଁ ଯେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉଦ୍ଦେଶ୍ୟରେ କିମ୍ବା

(ଖ) ନିମ୍ନଲିଖିତ ଭିତ୍ତିଭୂମି ପ୍ରକଳ୍ପ ନିମନ୍ତେ

(୧) ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର ବିଭାଗ (ଭିତ୍ତିଭୂମି ବିଭାଗ)ର ସଂଖ୍ୟା ୧୩.୬.୨୦୦୯ଆଇ ଏନ ଏଫ୍ ତା ୧୭ ମାର୍ଚ୍ଚ ୨୦୧୨ରେ ଅଧିସୂଚିତ ହୋଇଥିବା କାର୍ଯ୍ୟାବଳି (ଘରୋଇ ଡାକ୍ତରଖାନା, ଘରୋଇ ଶିକ୍ଷା ଅନୁଷ୍ଠାନ ଘରୋଇ ହୋଟେଲ ବ୍ୟତିତ )

(୨) କୃଷି ଓ ଆନୁସଙ୍ଗିକ କୃଷି ବିଭାଗ ଯଥା ଗୋପାଳନ, ମତ୍ସ୍ୟ ପାଳନ ଓ ମାଂସ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ ସଂଶାଧନ, କୃଷି ଉପକରଣ ଯୋଗାଣ ପଣ୍ୟାଗାର, ଶୀତଳ ଭଣ୍ଡାର, ବିପଣନ ଭିତ୍ତିଭୂମି ନିର୍ମାଣ ଯାହାକୁ ଯଥାର୍ଥ ସରକାର ବା କୃଷକ ସମବାୟ ବା କୌଣସି ବିଧିବିଧାନ ଅନୁଯାୟୀ ସ୍ଥାପନ ହୋଇଥିବ ।

**୨. ଓଡିଶା ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଅଧିନିୟମ ୨୦୧୬**

ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ (୨୦୧୩ ର ୩୦) ଧାର ୧୦୯ର ଉପଧାରା (୧) ଦ୍ୱାରା ଦିଆଯାଇଥିବା କ୍ଷମତା ବଳରେ ଓଡିଶା ସରକାର ଏହି ନିୟମାବଳୀ ପ୍ରସ୍ତୁତ କରିଛନ୍ତି ।ସାର୍ବଜନିନ ଶୁଣାଣି, ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ଅଧିନିର୍ଣ୍ଣୟ ପାଇଁ ସମ୍ମତିକୁ ମିଶାଇ ଜମି ଅଧିଗ୍ରହଣ ପ୍ରକ୍ରିୟାର ବୃତ୍ତାନ୍ତ ଏହି ରୁଲ ଗୁଡିକରେ ଉଲ୍ଲେଖ କରାଯାଇଛି । ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସମ୍ପୃକ୍ତ ଥିବା ପ୍ରତ୍ୟେକ ସଂସ୍ଥା/ପଦାଧିକାରୀ ଏବଂ ଅନ୍ୟ ଭାଗୀଦାରମାନଙ୍କର ଭୂମିକା ଓ ଦାୟିତ୍ତ୍ୱ ଏହି ରୁଲ୍ ଗୁଡିକରେ ମଧ ଦର୍ଶାଯାଇଛି । ଫେବୃୟାରୀ ୮ , ୨୦୧୬ ପରଠାରୁ ଏହି ରୁଲ୍ ଗୁଡିକ ସାରା ରାଜ୍ୟରେ ପ୍ରୟୋଗ କରାଯାଇଛି ।

# ଅଧ୍ୟାୟ-୨: ଅଧ୍ୟୟନର ମାର୍ଗ ଓ ପଦ୍ଧତି

## ୨.୧ ସାମାଜିକ ଆକଳନ ଅଧ୍ୟୟନ ଦଳ

ଏହି ସାମାଜିକ ଆକଳନ ଅଧ୍ୟୟନ ମୂଖ୍ୟତଃ କାର୍ଯ୍ୟ କ୍ଷେତ୍ରରୁ ସଂଗୃହିତ ପ୍ରତ୍ୟକ୍ଷ ତଥ୍ୟ ଉପରେ ଆଧାରିତ ଯଦିଓ ସମୟ ସମୟରେ ପରୋକ୍ଷ ତଥ୍ୟ ବ୍ୟବାହର କରାଯାଇଛି । ପରିବାର ସମ୍ବନ୍ଧୀୟ ତଥ୍ୟ ସର୍ଭେ ସୁଚୀ ମାଧ୍ୟମରେ ସଂଗ୍ରହ କରାଯାଇ ବିଶ୍ଳେଷଣ କରାଯାଇଛି । ଏହା ବ୍ୟତିତ  ସ୍ଥାନୀୟ ବୁଦ୍ଧିଜୀବି, ସରକାରୀ ଓ ରେଳବାଇ କର୍ମଚାରୀ ଏବଂ ପଂଚାୟତ ପ୍ରତିନିଧିଙ୍କ ସହିତ ମତ ବିନିମୟ କରାଯାଇଥିଲା ଏହି ଅନୁଶୀଳନ ପାଇଁ ତଥ୍ୟ ସଂଗ୍ରହକାରୀ,ନକ୍ଷେତ୍ର ପର୍ଯ୍ୟବେକ୍ଷକ, ତଥ୍ୟ ଦରଜ କାରୀ ଓ ବିଶ୍ଳେଷକ ଇତ୍ୟାଦିଙ୍କର ସାହାଯ୍ୟ ମଧ୍ୟ ଗ୍ରହଣ କରଯାଇଛି । ଏମାନେ ସମସ୍ତେ ନିଜ କାର୍ଯ୍ୟରେ ପ୍ରବିଣ । ଏସ ଆଇ ଏ ଦଳର ସଦସ୍ୟମାନଙ୍କ ନାମ ନିମ୍ନ ସାରଣୀରେ ଦିଆଯାଇଛି ।

**ସାରଣୀ ୨.୧ ଅଧ୍ୟୟନ ଦଳର ଦଳର ସଦସ୍ୟ ମାନଙ୍କ ସଂକ୍ଷିପ୍ତ ପରିଚୟ**

| କ୍ର. ସଂ. | ପଦବୀ | ନାମ | ଶିକ୍ଷାଗତ ଯୋଗ୍ୟତା | ଅଭିଜ୍ଞତା |
|---|---|---|---|---|
| ୧ | ଦଳମୂଖ୍ୟ/ ପ୍ରକଳ୍ପ ନିର୍ଦ୍ଦେଶକ | ଲିଙ୍ଗରାଜ ପଣ୍ଡା | ସାମାଜ ବିଜ୍ଞାନ ରେ ସ୍ନାତକ | ଶ୍ରୀଯୁକ୍ତ ପଣ୍ଡାଙ୍କର ସାମାଜିକ ବିକାଶ ଏବଂ ପର୍ଯ୍ୟାବରଣ ନିୟୋଜନରେ ୨୦ ବର୍ଷରୁ ଅଧିକ ଦିନର ଅଭିଜ୍ଞତା ଅଛି, ଯେଉଁଥିରେ କି, ବିଭିନ୍ନ ବିକାଶ ପ୍ରକଳ୍ପ ନିମନ୍ତେ ପ୍ରଭାବ ଆକଳନ ଅଧ୍ୟୟନ ସାମିଲ ଅଛି ।  ତାଙ୍କର ବିଶେଷଜ୍ଞତା ମଧ୍ୟରେ ପର୍ଯ୍ୟାବରଣ ପ୍ରଭାବ ଆକଳନ ଅନ୍ତର୍ଗତ ସାମାଜିକ ପ୍ରଭାବ ଆକଳନ, ପ୍ରଭାବିତ ଲୋକମାନଙ୍କ ସାମାଜିକ-ଅର୍ଥନୈତିକ ଅବସ୍ଥା  ଆକଳନ ସମେତ ପୁନର୍ବାସ ଓ ଥଇଥାନ ଅଧ୍ୟୟନ, ସାମାଜିକ ଆର୍ଥିକ ପରିସ୍ଥିତି ଉପରେ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ନିମନ୍ତେ ପୁନର୍ବାସ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ।<br><br>**ଅଭିଜ୍ଞତା :**<br><br>• ମହାରାଷ୍ଟ୍ର ମେଟ୍ରୋ ରେଲ୍ କରପୋରେସନ୍ ଲିମିଟେଡ୍ ର ପୁନେ ମେଟ୍ରୋ ରେଳ ପ୍ରକଳ୍ପ ନିମନ୍ତେ "ସାମାଜିକ ପ୍ରଭାବ ଆକଳନ ଓ ସାମାଜିକ କାର୍ଯ୍ୟ ପରିଚାଳନା ଯୋଜନା, ପୁନର୍ବାସ ଓ ଥଇଥାନ (ଆର ଆଣ୍ଡ ଆର |

| କ୍ର. ସଂ. | ପଦବୀ | ନାମ | ଶିକ୍ଷାଗତ ଯୋଗ୍ୟତା | ଅଭିଜ୍ଞତା |
|---|---|---|---|---|
| | | | | ନିୟମ)"<br>• ମୁମ୍ବାଇ ହାଇସ୍ପିଡ୍ ରେଲ୍ କରିଡର୍, ଡ୍ରାକ୍ଟେବ୍ଲ ଇଂଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ନିମନ୍ତେ ଦିଲ୍ଲୀ ଠାରେ ପୁନର୍ବାସ ଓ ଥଇଥାନ ସର୍ବେକ୍ଷଣ ।<br>• ହରିହର ବନ୍ଧ (ମଧ୍ୟମ ଜଳସେଚନ ପ୍ରକଳ୍ପ, ୱାର୍ଲଡ ବ୍ୟାଙ୍କ ପ୍ରକଳ୍ପ, ଜଳ ସମ୍ପଦ ବିଭାଗ, ଓଡିଶା ସରକାର ଏବଂ ରେଆର – ବେସରକାରୀ ସଂସ୍ଥା) ନିମନ୍ତେ ପୁନର୍ବାସ ଓ ଥଇଥାନ ସର୍ବେକ୍ଷଣ । |
| ୨ | ଅନୁସନ୍ଧାନ ପର୍ଯ୍ୟବେକ୍ଷକ | ସ୍ୱରୁପ ନାରାୟଣ ପାଣିଗ୍ରାହୀ | ରାଜନୀତି ବିଜ୍ଞାନ ରେ ସ୍ନାତକ | ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ବଜାର ଓ ସାମାଜିକ ଅନୁସନ୍ଧାନ କ୍ଷେତ୍ରରେ ବଡ ଧରଣର ସର୍ବେକ୍ଷଣ ଓ ଅନୁସନ୍ଧାନ କରିବାରେ ୧୫ ବର୍ଷରୁ ଅଧିକ ଦିନର ଅଭିଜ୍ଞତା ଅଛି । ସେ ଭାରତ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଅନେକ ଅଧ୍ୟୟନ କରିଛନ୍ତି । ସେ ସେ ସାରା ଭାରତରେ ବିଶେଷତଃ ଓଡିଶା ପ୍ରାନ୍ତରେ ଅନେକ ସ୍ୱାସ୍ଥ୍ୟ ଓ ସାମାଜିକ ପ୍ରକଳ୍ପ ସମ୍ପର୍କୀତ ପ୍ରକଳ୍ପରେ କାର୍ଯ୍ୟ କରିଛନ୍ତି । ସେ ମଧ୍ୟ ଅନେକ ଆର ଆଣ୍ଡ୍ ଆର ଏବଂ ସାମାଜିକ ପ୍ରଭାବ ଆକଳନ ପ୍ରକଳ୍ପ କାର୍ଯ୍ୟ ଏବଂ ସାମାଜିକ ପ୍ରଭାବ ମୁଲ୍ୟାୟନ କାର୍ଯ୍ୟ କରିଛନ୍ତି । ପ୍ରକଳ୍ପ ଯୋଜନା ପ୍ରସ୍ତୁତି, ଗବେଷଣା ଠାରୁ କାର୍ଯ୍ୟାନ୍ୱୟନ ପ୍ରଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଅଛି ।<br>**ସାମାଜିକ ଆକଳନ ଅଧ୍ୟୟନ ସମ୍ପର୍କୀତ ଅଭିଜ୍ଞତା :**<br>• ପୁନେ ମେଟ୍ରୋ ରେଳ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସାମାଜିକ କାର୍ଯ୍ୟ ପରିଚାଳନା ଯୋଜନା ପ୍ରସ୍ତୁତି, ପୁନର୍ବାସ ଓ ଥଇଥାନ ଯୋଜନା |

| କ୍ର. ସଂ. | ପଦବୀ | ନାମ | ଶିକ୍ଷାଗତ ଯୋଗ୍ୟତା | ଅଭିଜ୍ଞତା |
|---|---|---|---|---|
| | | | | ପ୍ରସ୍ତୁତି ।<br>• ଦିଲ୍ଲୀ - ମୁମ୍ବାଇ ହାଇସ୍ପିଡ଼ୁ ରେଲ୍ କରିଡର୍ ନିମନ୍ତେ ସାମ୍ଭାବ୍ୟ ପୁନର୍ବାସ ଓ ଥଇଥାନ ଯୋଜନାର ଅଧ୍ୟୟନ ।<br>• ହାଇସ୍ପିଡ଼ୁ ରେଲ୍ କରିଡର ନିମନ୍ତେ ସାମ୍ଭାବ୍ୟ ପୁନର୍ବାସ ଓ ଥଇଥାନ<br>• ରେଲ୍ କରପୋରେସନ୍ ଲିମିଟେଡ୍ ର ପୁନେ ମେଟ୍ରୋ ରେଳ ପ୍ରକଳ୍ପ ନିମନ୍ତେ "ସାମାଜିକ ପ୍ରଭାବ ଆକଳନ ଓ ସାମାଜିକ କାର୍ଯ୍ୟ ପରିଚାଳନା ଯୋଜନା, ପୁନର୍ବାସ ଓ ଥଇଥାନ (ଆର ଆଣ୍ଡ୍ ଆର ନିୟମ)"<br>• ରେଳ ମନ୍ତ୍ରଣାଳୟର ଦିଲ୍ଲୀ - ମୁମ୍ବାଇ ହାଇସ୍ପିଡ଼ୁ ରେଲ୍ କରିଡର୍ ନିମନ୍ତେ ପୁନର୍ବାସ ଓ ଥଇଥାନ ଯୋଜନା ଅନ୍ତର୍ଗତ ପ୍ରକଳ୍ପରେ ଦିଲ୍ଲୀ ଅହମଦାବାଦ ହାଇସ୍ପିଡ଼ୁ ରେଲ୍ କରିଡର୍ ନିମନ୍ତେ ସର୍ବେକ୍ଷଣ<br>• ଦାଦ୍ରୀ ଠାରୁ ଜେ ଏନ୍ ପି ଟି (ଫେଜ୍ -୨ ) ଫ୍ରେଇଟ୍ କରିଡର ନିମନ୍ତେ ଇଏସ୍ ଆଇ ଏ ଏବଂ ଆର୍ ଆର୍ ପି ଅଧ୍ୟୟନ । |
| ୩ | କ୍ଷେତ୍ର ଅନୁସନ୍ଧାନକାରୀ - ୧ | ସପ୍ତର୍ଷି ରଥ | ବି ଟେକ୍ | ଶ୍ରୀଯୁକ୍ତ ରଥଙ୍କର ସାମାଜିକ ଅନୁସନ୍ଧାନ କ୍ଷେତ୍ରରେ ବଡ ଧରଣର ସର୍ବେକ୍ଷଣ ଓ ଅନୁସନ୍ଧାନ କରିବାରେ ୭ ବର୍ଷରୁ ଅଧିକ ଦିନର ଅଭିଜ୍ଞତା ଅଛି । ସେ ମଧ୍ୟ ଅନେକ ଆର ଆଣ୍ଡ୍ ଆର ଏବଂ ସାମାଜିକ ପ୍ରଭାବ ଆକଳନ ପ୍ରକଳ୍ପ କାର୍ଯ୍ୟ ଏବଂ ସାମାଜିକ ପ୍ରଭାବ ମୂଲ୍ୟାୟନ ସମ୍ପର୍କୀତ କାର୍ଯ୍ୟ କରିଛନ୍ତି । |
| ୪ | କ୍ଷେତ୍ର ଅନୁସନ୍ଧାନକାରୀ | ରଶ୍ମି ରଞ୍ଜନ | ସ୍ନାତକ | ଶ୍ରୀଯୁକ୍ତ ପ୍ରଧାନଙ୍କର ସାମାଜିକ ଅନୁସନ୍ଧାନ କ୍ଷେତ୍ରରେ ବଡ ଧରଣର ସର୍ବେକ୍ଷଣ ଓ ଅନୁସନ୍ଧାନ କରିବାରେ |

| କ୍ର. ସଂ. | ପଦବୀ | ନାମ | ଶିକ୍ଷାଗତ ଯୋଗ୍ୟତା | ଅଭିଜ୍ଞତା |
|---|---|---|---|---|
| | – ୨ | ପ୍ରଧାନ | | ୫ ବର୍ଷରୁ ଅଧିକ ଦିନର ଅଭିଜ୍ଞତା ଅଛି । ସେ ମଧ୍ୟ ଅନେକ ଆର ଆଣ୍ଡ ଆର ଏବଂ ସାମାଜିକ ପ୍ରଭାବ ଆକଳନ ପ୍ରକଳ୍ପ କାର୍ଯ୍ୟ ଏବଂ ସାମାଜିକ ପ୍ରଭାବ ମୁଲ୍ୟାୟନ ସମ୍ପର୍କୀତ କାର୍ଯ୍ୟ କରିଛନ୍ତି ।<br>**ସାମାଜିକ ଆକଳନ ଅଧ୍ୟୟନ ସମ୍ପର୍କୀତ ଅଭିଜ୍ଞତା :**<br>• ପୁନେ ମେଟ୍ରୋ ରେଳ ପ୍ରକଳ୍ପ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସାମାଜିକ କାର୍ଯ୍ୟ ପରିଚାଳନା ଯୋଜନା ପ୍ରସ୍ତୁତି, ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତି ।<br>• ଦିଲ୍ଲୀ - ମୁମ୍ବାଇ ହାଇସ୍ପିଡ୍ ରେଲ୍ କରିଡର୍ ନିମନ୍ତେ ସାମ୍ଭାବ୍ୟ ପୁନର୍ବାସ ଓ ଥଇଥାନ ଯୋଜନାର ଅଧ୍ୟୟନ ।<br>• ଫ୍ରେଇଟ୍ କରିଡର (ଫେଜ୍ -୨) ନିମନ୍ତେ ପର୍ଯ୍ୟାବରଣ ଏବଂ ସାମାଜିକ ପ୍ରଭାବ ଆକଳନ ଏବଂ ପୁନର୍ବାସ ଯୋଜନାର ଅଧ୍ୟୟନ । |
| ୫ | କମ୍ପୁଟର ଚାଳକ | ଗଣେଶ ଦାସ | ହାଇସ୍କୁଲ୍ | ଶ୍ରୀଯୁକ୍ତ ଦାସଙ୍କର କମ୍ପୁଟରରେ ପରିସଂଖ୍ୟାନ ତଥ୍ୟର ପ୍ରବେଶ କରାଇବା, ତଥ୍ୟର ପୁଷ୍ଟିକରଣ, ପରିସଂଖ୍ୟାନ ତଥ୍ୟର ବିଶ୍ଳେଷଣ ଇତ୍ୟାଦିରେ ୧୦ ବର୍ଷରୁ ଅଧିକ ଦିନର ଅଭିଜ୍ଞତା ଅଛି । ସେ ମଧ୍ୟ ଅନେକ ଆର ଆଣ୍ଡ ଆର ଏବଂ ସାମାଜିକ ପ୍ରଭାବ ଆକଳନ ପ୍ରକଳ୍ପ କାର୍ଯ୍ୟ କରିଛନ୍ତି ।<br>**ତଥ୍ୟପ୍ରବେଶ କରାଇବା ସଂକ୍ରାନ୍ତୀୟ କାର୍ଯ୍ୟର ଅଭିଜ୍ଞତା**<br>• ମହାରାଷ୍ଟ୍ର ମେଟ୍ରୋ ରେଲ୍ କରପୋରେସନ୍ ଲିମିଟେଡ୍ ର ପୁନେ ମେଟ୍ରୋ ରେଳ ପ୍ରକଳ୍ପ |

| କ୍ର. ସଂ. | ପଦବୀ | ନାମ | ଶିକ୍ଷାଗତ ଯୋଗ୍ୟତା | ଅଭିଜ୍ଞତା |
|---|---|---|---|---|
| | | | | ନିମନ୍ତେ "ସାମାଜିକ ପ୍ରଭାବ ଆକଳନ ଓ ସାମାଜିକ କାର୍ଯ୍ୟ ପରିଚାଳନା ଯୋଜନା, ପୁନର୍ବାସ ଓ ଥଇଥାନ (ଆର ଆଣ୍ଡ ଆର ନିୟମ)"<br>• ପୁରୀ ଜିଲ୍ଲାର ଅରଗୁଳ ଏବଂ ହରିପୁରଗ୍ରାମ ମଧ୍ୟରେ ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର , ଭୁବନେଶ୍ୱର ନିମନ୍ତେ ସାମାଜିକ ଆକଳନ ଅଧ୍ୟୟନ ।<br>• ମୁମ୍ବାଇ ହାଇସ୍ପିଡ଼ ରେଲ୍ କରିଡର୍, ଟ୍ରାକ୍ଟେବ୍ଲ ଇଂଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ନିମନ୍ତେ ଦିଲ୍ଲୀ ଠାରେ ପୁନର୍ବାସ ଓ ଥଇଥାନ ସର୍ବେକ୍ଷଣ ।<br>• ହରିହର ବନ୍ଧ (ମଧ୍ୟମ ଜଳସେଚନ ପ୍ରକଳ୍ପ, ୱାର୍ଲଡ ବ୍ୟାଙ୍କ ପ୍ରକଳ୍ପ, ଜଳ ସମ୍ପଦ ବିଭାଗ, ଓଡିଶା ସରକାର ଏବଂ ରେଆର – ବେସରକାରୀ ସଂସ୍ଥା) ନିମନ୍ତେ ପୁନର୍ବାସ ଓ ଥଇଥାନ ସର୍ବେକ୍ଷଣ ।<br>• କରପୋରେସନର ଯୋଜନା ଅନ୍ତର୍ଗତ କଞ୍ଚାମାଲ ବଣ୍ଟନ ନିମନ୍ତେ ବେଞ୍ଚମାର୍କ ଚିହ୍ନଟ ନିମନ୍ତେ ଅଧ୍ୟୟନ ।<br>• ଷ୍ଟେଟ୍ ଇନିଷ୍ଟିଚ୍ୟୁଟ ଅଫ ରୁରାଲ ଡେଭଲପମେଣ୍ଟ, ପଞ୍ଚାୟତରାଜ ବିଭାଗ, ଓଡିଶା ସରକାରଙ୍କ ନିମନ୍ତେ ପଞ୍ଚାୟତରାଜ ତାଲିମ ସଂକ୍ରାନ୍ତୀୟ ପ୍ରଭାବ ଆକଳନ ଅଧ୍ୟୟନ । |

## ୨.୨ ଅଧ୍ୟୟନର ମାର୍ଗ

ସାମାଜିକ ପ୍ରଭାବର ମୂଲ୍ୟାୟନ ପାଇଁ ସାଂପ୍ରତିକ ସ୍ଥିତି ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପରେ ପରିବର୍ତ୍ତନ ବିଷୟରେ ଜ୍ଞାନ ଆବଶ୍ୟକ । ଦେଶର ଆଇନ୍ ଅନୁସାରେ ପ୍ରକଳ୍ପଟି ପ୍ରଭାବିତ ହେଉଥିବା ଲୋକମାନଙ୍କର ଜୀବନର ମାନଦଣ୍ଡ ବଢାଇବାରେ ସହାୟକ ହେଲେ ଏହାକୁ ଅନୁମୋଦନ ଦିଆଯାଏ । ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଭୂମି ଅଧିଗ୍ରହଣ ଆବଶ୍ୟକ ହୋଇଥାଏ ଏବଂ ଲୋକମାନେ ବିସ୍ଥାପିତ ହୁଅନ୍ତି । ତେଣୁ, ପୁନର୍ବାସ ଯୋଜନାର ଆବଶ୍ୟକତା । ଏହି ଅନୁଶୀଳନଟି ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ତଥ୍ୟାବଳୀ ଉପରେ ଆଧାରିତ । ତଥ୍ୟାବଳୀ ଗୁଡ଼ିକ ଦ୍ୱାରରୁ ଦ୍ୱାର ସର୍ଭେ, ଗୋଷ୍ଠୀସ୍ତରୀୟ ସର୍ବସାଧାରଣ ସର୍ଭେ, ସର୍ବସାଧାରଣ ଅଂଶୀଦାର ପଦ୍ଧତି ଓ ଦପ୍ତର କାମ ଦ୍ୱାରା କରାଯାଇଛି । ସଂଗୃହିତ କ୍ଷେତ୍ରସ୍ତରୀୟ ତଥ୍ୟକୁ ପରୋକ୍ଷ ତଥା ସହ ମିଳାଇ ବିଧିମାନ୍ୟ କରାଯାଇଛି ।

ପ୍ରସ୍ତୁତ ଅନୁଶୀଳନରେ ନିମ୍ନଲିଖିତ ତଥ୍ୟ ବର୍ଣ୍ଣନ ।

- ପ୍ରକଳ୍ପ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ସମ୍ବନ୍ଧୀୟ ଭିତ୍ତିରେଖା ତଥ୍ୟ ।
- ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ଏବଂ ସେଗୁଡ଼ିକର ବୈଶିଷ୍ଟ୍ୟ, ପରିମାଣ, ବର୍ଣ୍ଣନ ଓ ଅବଧି ସମ୍ବନ୍ଧରେ ତଥ୍ୟ ।
- ସକରାତ୍ମକ ଓ ନକରାତ୍ମକ ଭାବରେ ପ୍ରଭାବିତ ହେଉଥିବା ଗୋଷ୍ଠୀ ବିଷୟରେ ତଥ୍ୟ ।
- ପ୍ରଭାବିତ ହେଉଥିବା ଲୋକମାନଙ୍କର ଉପଲବ୍ଧି ଓ ପ୍ରଭାବ ବିଷୟରେ ତଥ୍ୟ ।
- କୁପ୍ରଭାବ ଗୁଡ଼ିକୁ ହ୍ରାସ କରିବା ପାଇଁ ସମ୍ଭାବ୍ୟ ପଦକ୍ଷେପ ବିଷୟରେ ତଥ୍ୟ ।
- ପ୍ରଭାବ ହ୍ରାସ କରିବାକୁ ଆନୁଷ୍ଠାନିକ କ୍ଷମତା ସମ୍ବନ୍ଧୀୟ ତଥ୍ୟ ।

## ୨.୩ ପଦ୍ଧତି

ଅନୁଶୀଳନର ଲକ୍ଷ୍ୟ ଓ ପରିସର ସହ ଆଇନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହାର ପଦ୍ଧତି (ମେଥୋଡୋଲୋଜି) ସ୍ଥିର କରି ନିମ୍ନଲିଖିତ ପଦକ୍ଷେପ ନିଆଯାଇଛି ।

- ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପୁରୀ ଜିଲ୍ଲାର ଡେଲାଙ୍ଗ ତହସିଲର ଗୋଡିପୁଟ ମାଟିଆପଡ଼ା ଗ୍ରାମ ଚିହ୍ନଟ କରିବା ।
- ଉତ୍ସ ସହିତ ଆବଶ୍ୟକ ତଥ୍ୟାବଳୀ ନିର୍ଦ୍ଦିଷ୍ଟ କରିବା ।
- ଭାଗିଦାର ଏବଂ ସେମାନଙ୍କର ସଂପୃକ୍ତି ନିର୍ଦ୍ଧାରଣ କରିବା ।
- କ୍ଷେତ୍ରରେ ପରିସର ଅନୁଶୀଳନ ।
- ସେନ୍ସସ ସର୍ଭେ ପଦ୍ଧତି ଅନୁସାରେ ଭିତ୍ତିରେଖା ସର୍ଭେ କରିବା ।
- ପ୍ରକଳ୍ପର ସାମାଜିକ ପ୍ରଭାବ ମୂଲ୍ୟାୟନ କରିବା ଓ କ୍ଷତିପୂରଣ ସାହାଯ୍ୟ ଏବଂ ଆୟ ଭରଣା ପ୍ରୋଗ୍ରାମ ଉପରେ ଅନୌପଚାରିକ ଆଲୋଚନା କରିବା ।
- ପ୍ରଭାବିତ ଗୋଷ୍ଠୀ / ପରିବାର / ବ୍ୟକ୍ତିମାନଙ୍କର ସମ୍ଭାବ୍ୟ ପ୍ରାପ୍ୟ ଦର୍ଶାଇ ସାମାଜିକ ପ୍ରଭାବ ପରିଚାଳନା / ପ୍ରଶମନ ଯୋଜନା ପ୍ରସ୍ତୁତ କରିବା ।

- ଜନଶୁଣାଣି ମାଧ୍ୟମରେ ଲୋକମାନଙ୍କ ପ୍ରତିକ୍ରିୟା ଓ ମତାମତ ସଂଗ୍ରହ କରି ଅନ୍ତିମ ଏସ୍.ଆଇ.ଏ ରିପୋର୍ଟରେ ସନ୍ନିବେଶି କରିବା ।
- ଦାଖଲ କରିବା ପାଇଁ ରିପୋର୍ଟକୁ ଅନ୍ତିମ ରୂପରେଖ ଦେବା ।

**୨.୪ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ**

ତଥ୍ୟ ସଂଗ୍ରହ ଆରମ୍ଭ କରିବା ପୂର୍ବରୁ ସର୍ଭେ ଟିମ୍‌କୁ ଚୟନ କରି ଟ୍ରେନିଂ ଦିଆଗଲା । ଅଧ୍ୟୟନର ଉଦ୍ଦେଶ୍ୟ, ଆଲୋଚ୍ୟ ବିଷୟ ଏବଂ ସମୟସୀମା ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଗଲା । ଅନୁଶୀଳନ ସଂପର୍କିତ ବିଷୟବସ୍ତୁ ଉପରେ ଏନ୍.ସି.ଡି.ଏସ୍‌ର ଉପଯୁକ୍ତ ଅଧିକାରୀମାନଙ୍କ ସହିତ ଆଲୋଚନା କରିବାକୁ ଓ ଏହି ସଂପର୍କିତ ସେମାନଙ୍କର ସନ୍ଦେହ ଦୂର କରିବାକୁ ସୁଯୋଗ ଦିଆଯାଇଥିଲା । ଅଧ୍ୟୟନର ନିମ୍ନରେ ପ୍ରଦତ୍ତ ପ୍ରଧାନ ବିଷୟ ବସ୍ତୁ  ଗୁଡିକ ସମ୍ବନ୍ଧରେ ସେମାନଙ୍କୁ ବିଶଦ ଭାବରେ ଅବଗତ କରାଗଲା ।  (୧) ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି ବର୍ଣ୍ଣନା,(୨) ଜୀବିକାରେ କ୍ଷତି, ଜମି ହ୍ରାସର ପରିମାଣ ଓ ବିସ୍ଥାପନ ଉପରେ ପ୍ରକଳ୍ପର ପ୍ରଭାବ ଉପରେ ବ୍ୟାପକ ଅଧ୍ୟୟନ, (୩) ପ୍ରକଳ୍ପର ନକରାତ୍ମକ ପ୍ରଭାବର ହ୍ରାସ ପାଇଁ ବିସ୍ତୃତ ଯୋଜନା ପ୍ରଣୟନ ।

**ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମ କରାଯାଇଛି ।**

**୧. ଡେସ୍କ ଗବେଷଣା ଓ ପ୍ରାଥମିକ ସର୍ବେକ୍ଷଣ**

ପ୍ରାସଙ୍ଗିକ ନଥି, ଆର.ଓ.ଆର ରିପୋର୍ଟ, ପ୍ରକଳ୍ପ ଅଞ୍ଚଳର ଭିତ୍ତିରେଖା ତଥ୍ୟ, ଆଇନ୍ କାନୁନ, ପ୍ରସ୍ତାବିତ ପ୍ରକଳ୍ପର ଆନୁଷ୍ଠାନିକ ଢାଞ୍ଚା ଇତ୍ୟାଦି ସମୀକ୍ଷା କରିବା ପାଇଁ ଡେସ୍କ ଗବେଷଣା କରାଯାଇଥିଲା ।

**ତଥ୍ୟ ସଂଗ୍ରହ**

ଅନୁଶୀଳନ ପାଇଁ ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ତଥ୍ୟାବଳୀ ସଂଗ୍ରହ କରାଯାଇଥିଲା ।

**(କ) ପରୋକ୍ଷ ତଥ୍ୟାବଳୀ**

ପ୍ରକଳ୍ପ ଓ ତାହାଦ୍ୱାରା ପ୍ରଭାବିତ ଅଞ୍ଚଳ ଉପରେ ବିଭିନ୍ନ ରିପୋର୍ଟ ସହ ଇଣ୍ଟରନେଟ ଓ ୱେବସାଇଟ୍ ପୃଷ୍ଠାରୁ ପରୋକ୍ଷ ତଥ୍ୟ ସଂଗ୍ରହ କରାଯାଇଥିଲା । ତଥ୍ୟାବଳୀର ଅନ୍ୟ ଉତ୍ସଗୁଡିକ ହେଲା ସେନ୍ସସ ରିପୋର୍ଟ, ଓଡିଶା ସରକାର ଓ ଇଷ୍ଟ କୋଷ୍ଟ ରେଳବାଇର ପ୍ରାସଙ୍ଗିକ ରେକର୍ଡ ଇତ୍ୟାଦି । ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପୁର୍ବତଟ ରେଳବାଇରୁ ମିଳିଥିଲା । ପରୋକ୍ଷ ତଥ୍ୟାବଳୀ ସଂଗ୍ରହ ପାଇଁ ଆବଶ୍ୟକୀୟ ନଥି ହେଲା (କ) ଜମି ସୂଚୀ (ଖ) ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକର ଜନସାଂଖ୍ୟିକ ତଥ୍ୟ (ଗ) ପ୍ରକଳ୍ପ ଅଞ୍ଚଳର ନକ୍ସା ଓ ପ୍ରକଳ୍ପର ସବିଶେଷ ବିବରଣୀ (ଘ) ପ୍ରଯୁଜ୍ୟ ଆଇନ୍ ଏବଂ ନୀତି ଦିଗ୍‌ଦର୍ଶନ (ଙ) ଜିଲ୍ଲା ପରିସଂଖ୍ୟାନ ହ୍ୟାଣ୍ଡବୁକ୍ (ଚ) ଅନ୍ୟାନ୍ୟ ଅନୁଶୀଳନ ରିପୋର୍ଟ (ଛ) ୨୦୧୧ ଜନସଂଖ୍ୟା ବିବରଣୀ (ଜ) ଅନ୍ୟାନ୍ୟ ଅଧ୍ୟୟନ ବିବରଣୀ ।

## (ଖ) ପ୍ରତ୍ୟକ୍ଷ ତଥ୍ୟାବଳୀ

ପ୍ରତ୍ୟକ୍ଷ ତଥ୍ୟାବଳୀର ଉତ୍ସଗୁଡିକ ହେଲା : କ୍ଷେତ୍ର ପରିଦର୍ଶନ, ପରିବାର ସର୍ଭେ, ଫୋକସ୍ ଗ୍ରୁପ୍ ଡିସ୍କସନ୍, ପି.ଆର.ଏ, ଏବଂ ପ୍ରଧାନ ସୂଚନାଦାତା / ଭାଗିଦାରମାନଙ୍କ ସହିତ ସାକ୍ଷାତକାର । ପ୍ରକଳ୍ପ ପ୍ରଭାବିତ ସମସ୍ତ ପରିବାର ଓ ନମୂନା ଅଣପ୍ରଭାବିତ ପରିବାରଗୁଡିକର ସେନ୍ସସ୍ ପଦ୍ଧତିରେ ଦ୍ୱାରକୁ ଦ୍ୱାର ଯାଇ ସେମାନଙ୍କର ଜୀବନ ଧାରଣର ସ୍ଥିତି ଏବଂ ଅଞ୍ଚଳର ସାଧାରଣ ଭିତ୍ତିଭୂମି ଓ ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ପ୍ରତ୍ୟକ୍ଷ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହା ବ୍ୟତୀତ ପ୍ରକଳ୍ପ ପ୍ରଭାବିତ ଅଣପ୍ରଭାବିତ ପରିବାର ଓ ଲୋକମାନଙ୍କର ପ୍ରତିକ୍ରିୟା ଜାଣିବା ପାଇଁ କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା ସଂଗଠିତ କରାଯାଇଥିଲା । ପ୍ରଧାନ ସୂଚନାଦାତା, ଲାଇନ୍ ଡିପାର୍ଟମେଂଟର କ୍ଷେତ୍ରସ୍ତରୀୟ ସରକାରୀ କର୍ମକର୍ତ୍ତା ଏବଂ ଇଷ୍ଟକୋଷ୍ଟ ରେଲୱେର ଅଫିସରମାନଙ୍କ ସହିତ ସାକ୍ଷାତକାର କରାଯାଇଥିଲା ।

ଅଲଗା ଅଲଗା ଚାରି ପ୍ରକାରର ପ୍ରଶ୍ନାବଳୀ / ସୂଚୀ ସର୍ଭେ ପାଇଁ ବ୍ୟବହାର କରାଯାଇଥିଲା ।

- ପରିବାର ପ୍ରଶ୍ନାବଳୀ

ରାଜ୍ୟ ଏସ୍.ଆଇ.ଏ ସଂସ୍ଥା ସହିତ ବିଚାର ବିମର୍ଶ କରି ଏବଂ RFTLAR & R Act ୨୦୧୩ and Odisha RFTLAR & R Rules ୨୦୧୬ ସହିତ ଖାପଖୁଆଇ ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଇଥିଲା ।

### ୨.୫ ଅନୁସୃତ ପଦକ୍ଷେପ:

**(କ) ସ୍ଥାନ ପରିଦର୍ଶନ ଏବଂ ତଥ୍ୟାବଳୀର ପ୍ରଚାର:** ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳର ଚିହ୍ନଟ ସହିତ କାର୍ଯ୍ୟକ୍ରମ ଆରମ୍ଭ ହେଲା । ରେଳ ସଂଯୋଗର ଦୋହରୀକରଣ ବର୍ତ୍ତମାନର ରେଳ ଲାଇନ୍ ଧାରେ ଧାରେ ଗୋଟିଏ ସରୁ ପଟି ଜମି ସୁବିଧା ଅନୁସାରେ ରେଳ ଲାଇନ୍‌ର ଏକ ପାର୍ଶ୍ୱରେ ଅଧିଗ୍ରହଣ କରାଯିବ । ଏସ୍.ଆଇ.ଏ ଟିମ୍ ରେଳବାଇର ମ୍ୟାପ୍ ଏବଂ ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ସୂଚୀ ସଂଗ୍ରହ କରିଛି । ପ୍ରକଳ୍ପ ଅଞ୍ଚଳର ଭୂଗୋଳ, ସ୍ଥଳାକୃତି, ସାମାଜିକ ଭିତ୍ତିଭୂମି. ପ୍ରଭାବିତ ଲୋକ ଓ ସେମାନଙ୍କର ସାମାଜିକ-ସାଂସ୍କୃତିକ ଜୀବନ ଜାଣିବା ପାଇଁ ଏହି ଟିମ୍ ପ୍ରାରମ୍ଭିକ କ୍ଷେତ୍ର ପରିଦର୍ଶନ କରିଥିଲା । ବିଭିନ୍ନ ଭାଗୀଦାରମାନଙ୍କ ସହିତ ବିଚାର ବିମର୍ଷ କରି ଏବଂ ସେମାନଙ୍କ ମଧ୍ୟରେ ପ୍ରକଳ୍ପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମିଟିଂ କରିଥିଲା । ଏହା ସର୍ବେକ୍ଷଣ ଦଳକୁ ସମ୍ପର୍କ ସ୍ଥାପନ ଏବଂ ପ୍ରକଳ୍ପ ସମ୍ବନ୍ଧରେ ସେମାନଙ୍କ ଧାରଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲା । ସର୍ବେକ୍ଷଣ ଦଳ ପ୍ରଭାବିତ ଅଞ୍ଚଳରେ ଗୋଷ୍ଠୀସ୍ତରରେ ବୈଠକ କରି ଏବଂ ଲୋକମାନଙ୍କୁ ପ୍ରକଳ୍ପ, ସର୍ଭେ ପଦ୍ଧତି ଏବଂ ଆବଶ୍ୟକୀୟ କାଗଜପତ୍ର ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରି କାର୍ଯ୍ୟ ଆରମ୍ଭ କରିଥିଲେ ।

(ଖ) **ସେନ୍ସସ ପଦ୍ଧତିରେ ସର୍ବେକ୍ଷଣ :**

ସୁସଂଗଠିତ ପ୍ରଶ୍ନାବଳୀ ବ୍ୟବହାର କରି ଦ୍ୱାରକୁ ଦ୍ୱାର ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ସେନ୍ସସ ସର୍ଭେ କରାଯାଇଛି । କ୍ଷେତ୍ର ସର୍ଭେ ଆରମ୍ଭ ହେବା ପୂର୍ବରୁ ପ୍ରଶ୍ନାବଳୀର ପ୍ରାକ୍-ପରୀକ୍ଷା କରାଯାଇଥିଲା ଏବଂ ଏହାର ବିଭିନ୍ନ ଦିଗ ବିଷୟରେ ସମସ୍ତ କ୍ଷେତ୍ରୀୟ ଅନୁସନ୍ଧାନକାରୀଙ୍କୁ ପରିଚିତ କରି ବ୍ୟାପକ ଟ୍ରେନିଂ ଦିଆଯାଇଥିଲା । ପ୍ରଶ୍ନାବଳୀରେ ସନ୍ନିବିଷ୍ଟ ବିଷୟଗୁଡିକ ହେଲା ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କର ଚିହ୍ନଟ, ସେମାନଙ୍କ ସାମାଜିକ ବୃତ୍ତାନ୍ତ, ପରିବାରର ବିବରଣୀ,

ବୃତ୍ତି, ଆୟର ଉତ୍ସ, ପରିବାରର ବ୍ୟୟ, ପରିବାରର ପରିସଂପତ୍ତି, ପ୍ରଭାବିତ ନିର୍ମାଣ ଉପରେ ତଥ୍ୟ, ବାଣିଜ୍ୟିକ / ଆତ୍ମ ନିଯୁକ୍ତି କାର୍ଯ୍ୟ, ନିଯୋଜନ ଢାଞ୍ଚା, ଥଇଥାନ ଓ ପୁନର୍ବାସ ଉପରେ ଧାରଣା । ଲୋକମାନଙ୍କର ମତ ଓ ଧାରଣା ଭଳି କେତେକ ନିର୍ଦ୍ଦିଷ୍ଟ ଉତ୍ତର ନଥିବା ପ୍ରଶ୍ନ ପ୍ରଶ୍ନାବଳୀରେ ସ୍ଥାନ ପାଇଛି ।

ପରିବାର ସର୍ଭେ ଦ୍ୱାରା ତଥ୍ୟ ସଂଗ୍ରହ କେବଳ ପ୍ରଶ୍ନାବଳୀରେ ଥିବା ପ୍ରଶ୍ନଗୁଡିକ ମଧ୍ୟରେ ସୀମିତ ନଥିଲା । ପ୍ରଭାବିତ ଲୋକମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଯେତେଦୂର ସମ୍ଭବ ଦିଆଯାଇଥିଲା । ଏହା ବିଷୟଗୁଡିକ ଉପରେ ସୂକ୍ଷ୍ମ ପରିଜ୍ଞାନ ହାସଲ କରିବାରେ, ଲୋକମାନଙ୍କର ଆସ୍ଥାଭାଜନ ହେବାରେ ଏବଂ ତଥ୍ୟ ସଂଗ୍ରହ ସହଜ କରିବାରେ ସାହାଯ୍ୟ କରିଥିଲା । କ୍ଷେତ୍ରୀୟ ତଥ୍ୟାବଳୀର ତଦାରଖ ଓ ଯାଞ୍ଚ କରାଯାଇଥିଲା ।

**ଆଲୋଚନା ଓ ସାକ୍ଷାତକାର**: ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ଓ ନ ହୋଇଥିବା ଏବଂ ମତାମତ ସୃଷ୍ଟିକାରୀ / ପଞ୍ଚାତିରାଜ ସଂସ୍ଥାର ପ୍ରତିନିଧିମାନଙ୍କୁ ମିଶାଇ ଭାଗିଦାରମାନଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇଥିଲା । କ୍ଷେତ୍ରୀୟ ତଥ୍ୟାବଳୀର ସଠିକତା ଆକଳନ କରିବା ଓ ସ୍ଥିତିର ଏକ ମୋଟାମୋଟି ଚିତ୍ର ପାଇବା ପାଇଁ ଗୋଷ୍ଠୀ ସ୍ତରରେ ପାରସ୍ପରିକ ଆଲୋଚନା କରାଯାଇଥିଲା । ଏହି ଆଲୋଚନାଗୁଡିକ ନିମ୍ନଲିଖିତ ଗୁଣାତ୍ମକ ଗବେଷଣା ପଦ୍ଧତି ସାହାଯ୍ୟରେ ସଂଗଠନ କରାଯାଇଥିଲା ।

- **କେନ୍ଦ୍ରୀଭୂତ ଗୋଷ୍ଠୀ ଆଲୋଚନା (FGD) :** ତଥ୍ୟର ତ୍ୱରିତ ମୂଲ୍ୟ ନିରୂପଣ କରିବା ପାଇଁ ଫୋକସ୍ ଗ୍ରୁପ୍ ଡିସ୍କସନ ଏକ ପଦ୍ଧତି ଯାହା ପ୍ରକଳ୍ପ ବିଷୟରେ ବହୁତ ଗୁଣାତ୍ମକ ତଥ୍ୟ ଯୋଗାଇଥାଏ । ଗ୍ରାମର ବିଭିନ୍ନ ଶ୍ରେଣୀର ପୁରୁଷ, ସ୍ତ୍ରୀ, ଯୁବକ ଏବଂ ନିରାଶ୍ରୟ ଗୋଷ୍ଠୀ ଏଥିରେ ଭାଗ ନେଇଥିଲେ । ଗୋଟିଏ ନମୁନା ଏଫ୍.ଜି.ଡି ୨-୩ ଘଣ୍ଟା ଧରି ଚାଲିଥିଲା ଏବଂ ଏଥିରେ ୧୫ରୁ ୨୦ ଜଣ ଲୋକ ଥିଲେ । ପ୍ରକଳ୍ପର ସାମାଜିକ-ଅର୍ଥନୈତିକ ପ୍ରଭାବ ସମ୍ବନ୍ଧୀୟ ବିଷୟମାନ ଏଥିରେ ଆଲୋଚନା ହୋଇଥିଲା ।
- **ପ୍ରଧାନ ଖବରଦାତାଙ୍କ ସହ ସାକ୍ଷାତକାର :** ସମାଜରେ ପ୍ରତିଷ୍ଠିତ ଲୋକମାନଙ୍କ ସହିତ ପ୍ରଧାନ ଖବରଦାତା ସାକ୍ଷାତକାର କରାଯାଇ ଗଭୀର ଗୁଣାତ୍ମକ ତଥ୍ୟ ସଂଗ୍ରହ କରାଯାଏ । ଏହି ସାକ୍ଷାତକାର ଗୁଡିକ ସମାଜ, ଗୋଷ୍ଠୀ ଏବଂ ପ୍ରକଳ୍ପ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଥିବା ଗୋଷ୍ଠୀର ମୁଖ୍ୟ, ପେଷାଦାର ଓ ସରକାରୀ ଅଫିସର ମାନଙ୍କ ସହିତ କରାଯାଇଥିଲା । ଏହି ସାକ୍ଷାତକାର ଗୁଡିକ ପ୍ରକଳ୍ପ ଉପରେ ଏକ ମୋଟାମୋଟି ଧାରଣା ଦେଇଥିଲା ।

**ରିପୋର୍ଟ ଲେଖିବା ପାଇଁ ତଥ୍ୟ ସଂକଳନ ଓ ବିଶ୍ଳେଷଣ :** ଏକ ତଥ୍ୟ ଆଧାର ପ୍ରସ୍ତୁତ କରିବା ପାଇଁ ସଂଗୃହୀତ ତଥ୍ୟାବଳୀ ଏକତ୍ରିକରଣ କରାଯାଇଥିଲା । ଡ୍ରାଫ୍ଟ ରିପୋର୍ଟରେ ବ୍ୟବହୃତ ସାର୍ବଜନିକ ମନ୍ତବ୍ୟ ପାଇଁ ଏହା ବିଶ୍ଳେଷଣ କରାଯାଇଥିଲା ।

ଏସ୍.ଆଇ.ଏ ପ୍ରକ୍ରିୟା ସଂପୂର୍ଣ୍ଣ କରିବା ପାଇଁ ସାମାଜିକ ପ୍ରଭାବ ହ୍ରାସ ଓ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ଯୋଜନାର ଲକ୍ଷ୍ୟ ହେଲା ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ପରିବାରଗୁଡିକର କଷ୍ଟ ଲାଘବ କରିବା ଓ ପ୍ରକଳ୍ପ ହେତୁ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡିକୁ ସେମାନଙ୍କ କ୍ଷତିପୂରଣର ବ୍ୟବସ୍ଥା କରିବା । ଏହା ଏସ୍.ଆଇ.ଏ ଅନୁଶୀଳନର ଏକ

ପ୍ରଧାନ ଅବଦାନ । ଏସ୍.ଆଇ.ଏମ୍.ପି ପ୍ରକଳ୍ପ ଅଞ୍ଚଳର ଲୋକମାନଙ୍କ ଜୀବନ ଧାରଣର ମାନ ବୃଦ୍ଧି କରିବାରେ ସାହାଯ୍ୟ କରିବ ।

**ଜନଶୁଣାଣି :**

ଆର ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ର ଧାରା ୫ ଅନୁଯାୟୀ ଜମି ଅଧିଗ୍ରହଣ ସମ୍ବନ୍ଧରେ ପ୍ରଭାବିତ ପରିବାର ମତାମତ ଜାଣିବା ନିମନ୍ତେ ପ୍ରଭାବିତ ଅଂଚଳରେ ତାରିଖ, ସମୟ ଓ ବୈଠକ ର ସ୍ଥାନ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରି ଅଧିକ ପ୍ରଚାରକରି ଏକ ଜନଶୁଣାଣିର ଆୟୋଜନ କରାଯିବ । ଲୋକମାନଙ୍କ ଠାରୁ ମିଳିଥିବା ତଥ୍ୟ ଓ ସଂଗ୍ରହ କରାଯାଇଥିବା ତଥ୍ୟ ଚୁଡାନ୍ତ ଏସ ଆଇ ଏ ବିବରଣୀରେ ଉପସ୍ଥାପନ କରାଯିବ ।

**(୭) ଅନ୍ତିମ ରିପୋର୍ଟ :** ଜନଶୁଣାଣି ବ୍ୟକ୍ତ ହୋଇଥିବା ମତାମତକୁ ସ୍ଥାନ ଦେଇ ଅନ୍ତିମ ଡ୍ରାଫ୍ଟ ରିପୋର୍ଟକୁ ଚୁଡାନ୍ତ କରାଯିବ ।

**୨.୪ ଅନୁଶୀଳନର ସୀମାବଦ୍ଧତା**

ଅନୁଶୀଳନ ପାଇଁ ବ୍ୟବହାର କରାଯାଇଥିବା ଢାଞ୍ଚା, ସାଧନ ଓ ପଦ୍ଧତି ଆଗରୁ ବର୍ଣ୍ଣନା କରାଯାଇଅଛି ଏବଂ ସେଗୁଡିକ ପୂର୍ବ କାମଗୁଡିକ ସହିତ ଖାପ ଖାଉଛି ବୋଲି ପ୍ରତୀୟମାନ ହୁଏ । କାମକୁ ନିଖୁଣ କରିବା ପାଇଁ କ୍ଷେତ୍ର ସ୍ତରରେ ଅସୁବିଧା ଦେଖାଦେଇଥିଲା । ସମସ୍ୟାକୁ ଅତିକ୍ରମ କରିବା ପାଇଁ ଅନୁଶୀଳନ ଟିମ୍ ବିଶେଷ ଚେଷ୍ଟା କରିଥିଲା; ତଥାପି କିଛି ସମସ୍ୟା ରହିଗଲା । ଅନୁଶୀଳନର ସୀମାବଦ୍ଧତା ନିମ୍ନରେ ଦର୍ଶାଯାଇଛି ।

- ଅସଂପୂର୍ଣ୍ଣ ଦସ୍ତାବିଜ୍: କେତେକ ପ୍ରଭାବିତ ପରିବାରଙ୍କ ସହିତ ସଂପର୍କ କରି ହେଲା ନାହିଁ କାରଣ ସେମାନେ କୌଣସି ଖବର ନ ଦେଇ ଦୂର ସ୍ଥାନକୁ ଚାଲିଯାଇଛନ୍ତି ଏବଂ ସେମାନଙ୍କ ଘର ଗୁଡିକରେ ତାଲା ପଡ଼ିଥିଲା । ଅଧ୍ୟୟନ ଦଳ ଦ୍ୱାରା ବାରମ୍ବାର ପରିଦର୍ଶନ କରି ବ୍ୟର୍ଥ ହୋଇଥିଲା ।
- ଭଡା ଦେଇଥିବା ଘରମାଲିକଙ୍କ ବିଷୟରେ ଖବର ସଂଗ୍ରହ କଷ୍ଟକର ହୋଇଥିଲା, କାରଣ ଭଡାଟିଆ ମାନେ ଘର ମାଲିକ ବିଷୟରେ ଖବର ଦେବାକୁ ଅନାଗ୍ରହୀ ଥିଲେ ।
- ଯେହେତୁ ବାସ୍ତବ ଦୁନିଆକୁ ଠିକ୍ ଭାବରେ ପ୍ରତ୍ୟାଶା କରି ହେବ ନାହିଁ, ପ୍ରକୃତ ପ୍ରଭାବ ସମ୍ଭାବ୍ୟ ପ୍ରଭାବ ଠାରୁ ଅଲଗା ହୋଇପାରେ ।

କ୍ଷେତ୍ର ସ୍ତରରୁ ସଂଗୃହୀତ ପ୍ରାଥମିକ ତଥ୍ୟାବଳୀ ଯାଞ୍ଚ କରିହେଲା ନାହିଁ, କାରଣ ବ୍ୟାପକ ପରୋକ୍ଷ ତଥ୍ୟାବଳୀ ଉପଲ୍ବଧ ହୋଇ ନଥିଲା । ତେଣୁ ଅନୁଶୀଳନ ଓ ବ୍ୟାଖ୍ୟାରେ ଧାରୀୟ ଭ୍ରମ ବାଦ୍ କରାଯାଇ ପାରିବ ନାହିଁ । ଏହି ସମସ୍ତ ଅସୁବିଧା ସତ୍ୱେ ଅଧ୍ୟୟନଟିକୁ ପ୍ରଚଳିତ ସ୍ଥିତି ତୁଳନାରେ ବାସ୍ତବଧର୍ମୀ କରିବା ପାଇଁ ସମସ୍ତ ଚେଷ୍ଟା କରାଯାଇଛି ।

# ଅଧ୍ୟାୟ-୩: ସାମାଜିକ –ଅର୍ଥନୈତିକ ପାର୍ଶ୍ୱଚିତ୍ର

ସାମାଜିକ ଏବଂ ଆର୍ଥିକ ଢାଞ୍ଚାରେ ଜୀବନର ଢାଞ୍ଚା ଗଠିତ ହୋଇଥାଏ ଯାହାକି ଭୂମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବୁଝିବା ମହତ୍ତ୍ୱପୂର୍ଣ୍ଣ ଅଟେ । ଅନ୍ୟପକ୍ଷରେ ପ୍ରକଳ୍ପ ଅଞ୍ଚଳରେ ଗ୍ରାମୀଣ ସାମାଜିକ ଏବଂ ଅର୍ଥନୈତିକ ଜୀବନକୁ ବୁଝିବା ଏବଂ ପ୍ରଭାବିତ ଲୋକମାନଙ୍କର ସାମାଜିକ ଏବଂ ଆର୍ଥିକ ସଂରଚନାର ତତ୍ତ୍ୱ ଏବଂ ତଥ୍ୟକୁ ବ୍ୟାପକ ଭାବରେ ବିଶ୍ଳେଷଣାତ୍ମକ ଉପଚାରର ଆବଶ୍ୟକତା ଅଛି । ସେ ଯାହାହେଉ, ଏହି ସନ୍ଦର୍ଭରେ ପୁରୀ ଜିଲ୍ଲାର ଡେଲାଙ୍ଗ ତହସିଲ ଅନ୍ତର୍ଗତ ଗୋଡିପୁଟ ମାଟିଆପଡ଼ା ଗ୍ରାମରେ ସାମାଜିକ ଆକଳନ ଅଧ୍ୟୟନ କରାଯାଇଥିଲା । ଆମର ବିଭିନ୍ନ ବାଧାବିଘ୍ନ ଭିତରେ ଆମର ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ପ୍ରଭାବିତ ପରିବାରର ସାମାଜିକ ଏବଂ ଆର୍ଥିକ ପାର୍ଶ୍ୱଚିତ୍ରର ଏକ ସରଳ ବିଶ୍ଳେଷଣ କରିଛୁ, ଯେଉଁଥିରେ ପ୍ରକଳ୍ପ ଅଞ୍ଚଳର ଭୂମିର ଆକଳନ ମଧ୍ୟ ସାମିଲ ହୋଇଛି ।

## ୩.୧ ଅଧ୍ୟୟନ ଜିଲ୍ଲା ପୁରୀ

ପୁରୀ ଜିଲ୍ଲା ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ମଧ୍ୟରୁ ଗୋଟିଏ ଯାହାକି ଭାରତର ପୂର୍ବ ଭାଗରେ ୧୯ ଡିଗ୍ରୀ ଅକ୍ଷାଂଶ ଏବଂ ୮୪ ଡିଗ୍ରୀ ୨୯' ପୂର୍ବ ଦ୍ରାଘିମାରେ ଅବସ୍ଥିତ । ଏହାର ସମୁଦାୟ ଭୌଗଳିକ ଅଞ୍ଚଳ ୩୦୫୧ ବର୍ଗ କିଲୋମିଟର ଏବଂ ମୃତ୍ତିକା, ଜଳ ଭଣ୍ଡାର ଓ ଜଳବାୟୁ ଅନୁଯାୟୀ ବିଭିନ୍ନ ଭୌଗଳିକ ଅଞ୍ଚଳରେ ବିଭକ୍ତ ହୋଇଛି । ଏହା ଉତ୍ତରରେ ଖୋର୍ଦ୍ଧା ଜିଲ୍ଲା, ଦକ୍ଷିଣରେ ବଙ୍ଗୋପସାଗର, ପୂର୍ବରେ ଜଗତସିଂହପୁର ଜିଲ୍ଲା ଏବଂ ପଶ୍ଚିମରେ ଗଞ୍ଜାମ ଜିଲ୍ଲା ଦ୍ୱାରା ପରିବେଷ୍ଟିତ । ପୁରୀ ଜିଲ୍ଲା ପ୍ରଭୁ ଜଗନ୍ନାଥଙ୍କ ନିମନ୍ତେ ପ୍ରସିଦ୍ଧ ଏବଂ ଲକ୍ଷ ଲକ୍ଷ ଲୋକ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଦର୍ଶନ ନିମନ୍ତେ ଏହି ଜିଲ୍ଲାକୁ ଭ୍ରମଣ କରିବାକୁ ଆସନ୍ତି । କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ମଧ୍ୟ ଏହି ଜିଲ୍ଲାରେ ଅବସ୍ଥିତ । ବଙ୍ଗୋପସାଗର ଜିଲ୍ଲାକୁ ଅଧିକ ସୌନ୍ଦର୍ଯ୍ୟ ଯୋଗ କରେ । ଆହୁରିମଧ୍ୟ ଏହା ଧାର୍ମିକ ବିଚାରଧାରା ବିଶିଷ୍ଟ ବ୍ୟକ୍ତିମାନଙ୍କ ନିମନ୍ତେ ଅନ୍ତିମ ସ୍ଥାନ ଅଟେ ଏବଂ ପ୍ରକୃତି ପ୍ରେମୀ ଲୋକମାନଙ୍କ ନିମନ୍ତେ ମଧ୍ୟ ସମପରିମାଣର ମହତ୍ତ୍ୱପୂର୍ଣ୍ଣ ଅଟେ ।




ଚିତ୍ର ୩.୧ ପୁରୀ ଜିଲ୍ଲାର ମାନଚିତ୍ର

ସେ ଯାହାହେଉ, ପ୍ରଶାସନିକ ସୁବିଧା ଓ ଉନ୍ନୟନ କାର୍ଯ୍ୟ ନିମନ୍ତେ ଓଡିଶା ସରକାର ପୁରୀ ଜିଲ୍ଲାକୁ ୨.୧୦.୧୯୯୨ ତାରିଖରେ ତିନୋଟି ଜିଲ୍ଲାରେ ଭାଗଭାଗ କରିଛନ୍ତି ସେଗୁଡିକ ହେଲା ପୁରୀ ଖୋର୍ଦ୍ଧା ଏବଂ ନୟାଗଡ । ବର୍ତ୍ତମାନର ପୁରୀ ଜିଲ୍ଲାଟି ୨.୧୦.୧୯୯୨ ରେ ଗଠନ ହେଲା ଏହା ପୂର୍ବ ପୁରୀ ଜିଲ୍ଲାର ଏକ ଅଂଶ ବିଶେଷ ଅଟେ । ୨୦୧୧ ଜନଗଣନା ଅନୁଯାୟୀ ୧୭୦୭ ଟି ଗ୍ରାମରେ ପୁରୀ ଜିଲ୍ଲାର ଲୋକସଂଖ୍ୟା ୧୬୯୭୯୮୩ ଜଣ । ଜିଲ୍ଲାରେ ଲୋକସଂଖ୍ୟାର ଘନତ୍ୱ ପ୍ରତି ବର୍ଗ କିଲୋମିଟରରେ ୪୪୮ ଜଣ ଯାହାକି ରାଜ୍ୟରେ ଅଷ୍ଟମ ସ୍ଥାନ ଅଟେ ଏବଂ ଲିଙ୍ଗ ଅନୁପାତ ୯୬୩ ଯାହାକି ରାଜ୍ୟରେ ୨୨ ତମ ସ୍ଥାନ ଗ୍ରହଣ କରୁଛି । ସାକ୍ଷରତା ହାର ୮୫.୩୭% ଯାହାକି ରାଜ୍ୟର ହାର ଠାରୁ ଅଧିକ ।

ଜିଲ୍ଲାର ଜନସଂଖ୍ୟାର ପ୍ରାୟ ୮୪.୩% ଗ୍ରାମାଞ୍ଚଳରେ ବସବାସ କରନ୍ତି । ଏବଂ କୃଷି ସେମାନଙ୍କର ଜୀବିକାର ମୂଖ୍ୟ ଉତ୍ସ ଅଟେ । ଜିଲ୍ଲାଟି ରେଳପଥ ଏବଂ ସଡକ ପଥରେ ଉତ୍ତମ ଭାବରେ ସଂଯୋଗ ହୋଇଛି ଏବଂ ଭୁବନେଶ୍ୱର ଠାରୁ ୬୦ କିଲୋମିଟର ଦୁରରେ ଅବସ୍ଥିତ । ସମସ୍ତ ବ୍ଲକ୍ ମୂଖ୍ୟାଳୟକୁ ମେଟାଲ ରୋଡ ଦ୍ୱାରା ସଂଯୋଗ କରାଯାଇଛି । ଜିଲ୍ଲାଟି ଗୋଟିଏ ସବଡିଭିଜନ ଏବଂ ୧୧ ଟି ଗୋଷ୍ଠୀ ଉନ୍ନୟନ ବ୍ଲକକୁ ନେଇ ଗଠିତ ଏବଂ ଜିଲ୍ଲାର ମୂଖ୍ୟାଳୟ ପୁରୀ ଠାରେ ଅବସ୍ଥିତ ।

| ସୂଚକ | ପୁରୀ ଜିଲ୍ଲା |
|---|---|
| ସମୁଦାୟ ଭୌଗଳିକ ଅଞ୍ଚଳ (ବର୍ଗ କିମିରେ) | ୩୪୭୯ |
| ସବଡିଭିଜନ ସଂଖ୍ୟା | ୦୧ |
| ତହସିଲ ସଂଖ୍ୟା | ୧୧ |
| ବ୍ଲକ ସଂଖ୍ୟା | ୧୧ |
| ଏନ ଏ ସି ସଂଖ୍ୟା | ୦୩ |
| ଗ୍ରାମ ପଞ୍ଚାୟତ ସଂଖ୍ୟା | ୨୬୮ |
| ଗ୍ରାମ ସଂଖ୍ୟା | ୧୭୦୭ |
| ପରିବାର ସଂଖ୍ୟା | ୩୬୬୦୬୭ |
| ସମୁଦାୟ ଜନସଂଖ୍ୟା | ୧୬୯୮୭୩୦ |
| ଲୋକସଂଖ୍ୟାର ଘନତ୍ୱ (ପ୍ରତି ବର୍ଗ କିଲୋମିଟରରେ) | ୪୪୮ |
| ଏସ୍ ସି ସଂଖ୍ୟା ଶତକଡାରେ | ୧୯.୧୪ |
| ଏସ୍ ଟି ସଂଖ୍ୟା ଶତକଡାରେ | ୦.୩୬ |
| ଲିଙ୍ଗ ଅନୁପାତ (୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ) | ୯୬୩ |
| ସାକ୍ଷରତା ହାର ( ଶତକଡାରେ) | ୮୪.୬୭ |
| ସମୁଦାୟ ଶ୍ରମଜୀବି ( ଶତକଡାରେ) | ୩୬.୬୦ |

***ଉତ୍ସ ୨୦୧୧ ଜନଗଣନା***

ଜିଲ୍ଲାର ସମୁଦାୟ ଜଙ୍ଗଲ ଅଞ୍ଚଳ ୧୩୭.୧୦ ବର୍ଗ କିଲୋମିଟର ମାତ୍ର ୪.୫୯ % ଯାହାକି ରାଜ୍ୟର ହାରାହାରି ହାର ଠାରୁ ବହୁତ କମ୍ ଜିଲ୍ଲାର ହାର ଆଦର୍ଶଗତ ଭାବରେ ୩୦% ରହିବା ଉଚିତ । ମହାନଦୀ ତ୍ରିକୋଣଭୂମି କେନାଲ ପ୍ରଣାଳୀ ଦ୍ୱାରା ଜିଲ୍ଲାଟି ଉତ୍ତମ ଭାବରେ ଜଳସେଚିତ ଅଟେ । ଜମିର ମୂଖ୍ୟ ଭାଗ ଏହି କେନାଲ ଦ୍ୱାରା ଜଳସେଚିତ । ଜିଲ୍ଲାରେ ସମୁଦାୟ ୧୮୮୭୪୫ ହେକଟର୍ ଚାଷ ଉପଯୋଗୀ ଜମି ଅଛି ଏବଂ ସମୁଦାୟ ଚାଷ ଉପଯୋଗୀ ଜମି ମଧ୍ଯରୁ ୧୦୫୧୦୬ ହେକ୍ଟର ଜଳସେଚିତ ଅଟେ । ସମୁଦାୟ ବିହନ ବୁଣା ଯାଉଥିବା ଅଞ୍ଚଳ ୧,୩୧,୦୯୩ ହେକ୍ଟର ଏବଂ ଚାଷ ଉପଯୋଗୀ ଜମିର ମାତ୍ର ୯ ପ୍ରତିଶତ ଜଳସେଚିତ ଅଟେ । ଜିଲ୍ଲାରେ ବିଭିନ୍ନ ପ୍ରକାରର ଫସଲ ଚାଷ କରାଯାଏ । ଖରିଫ ଋତୁରେ ଧାନ, ଝୋଟ, ତୈଳବିଜ ଏବଂ ଡାଲି ଆଦି ଫସଲ ଚାଷ କରାଯାଏ । ରବି ଋତୁରେ ଧାନ, ମୁଗ, ବିରି, ଚିନାବାଦାମ, ତୈଳବିଜ, ଶୋରିଷ, ପନିପରିବା ଏବଂ ଆଳୁ ଆଦି ଫସଲ ଚାଷ କରାଯାଏ ଏବଂ ଗ୍ରୀଷ୍ମ ଋତୁରେ ଚାଷ କରାଯାଉଥିବା ଫସଲଗୁଡିକ ହେଲା ଖରାଟିଆ ଧାନ, ଝୁଡଙ୍ଗ, ପନିପରିବା, ଚିନାବାଦାମ ଏବଂ ମାଣ୍ଡିଆ । ଧାନ ଜିଲ୍ଲାର ମୂଖ୍ୟ ଫସଲ ଅଟେ ଏବଂ ଏହା ୧୭୧୧୭୨ ହେକ୍ଟରରେ ଚାଷ କରାଯାଏ ।

ବଙ୍ଗୋପସାଗର କୂଳରେ ଅବସ୍ଥିତ ଥିବାରୁ ଜିଲ୍ଲାର ଜଳବାୟୁ ଉଷ୍ଣକଟିବନ୍ଧିୟ ଜଳବାୟୁ । ଗ୍ରୀଷ୍ମ ଋତୁ ମାର୍ଚ୍ଚ ଠାରୁ ଜୁନ ପର୍ଯ୍ୟନ୍ତ ଏବଂ ମୌସୁମୀ ଜଳବାୟୁ ଜୁନ୍ ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଏବଂ ଶିତ ଋତୁ ଅକ୍ଟୋବର ଠାରୁ ଫେବୃୟାରୀ ପର୍ଯ୍ୟନ୍ତ ପରିଲକ୍ଷିତ ହୋଇଥାଏ । ଜିଲାର ନୁନତମ ତାପମାତ୍ରା ପ୍ରାୟ ୧୬.୪୫ ଡିଗ୍ରୀ ସେଲସିଅସ୍ ଏବଂ ସର୍ବାଧିକ ତାପମାତ୍ରା ୩୩.୯ ଡିଗ୍ରୀ ସେଲସିଅସ୍ । ହସ୍ତଶିଳ୍ପ ଓ କୁଟିର ଶିଳ୍ପ ନିମନ୍ତେ ଏହି ଜିଲ୍ଲା ପୃଥିବୀ ପ୍ରସିଦ୍ଧ ଅଟେ, ଜଗନ୍ନାଥ ମନ୍ଦିର ଓ କୋଣାର୍କର ସୂର୍ଯ୍ୟ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଏହାର ମୁଳ ଉତ୍ସ ଅଟେ ।

ଜିଲାର ସମୃଦ୍ଧ ପରମ୍ପରାଗତ ସଂସ୍କୃତି ଓ ପରମ୍ପରା ଉଦ୍ୟୋଗକୁ ବୃଦ୍ଧି କରିବାରେ ସାହାଯ୍ୟ କରୁଛି । ଜିଲ୍ଲାର ମୁଖ୍ୟ ଉତ୍ପାଦନଗୁଡିକ ହେଲା ଚାନ୍ଦୁଆ, ପଥର ଖୋଦେଇ ମୁର୍ତ୍ତି, ପଟ୍ଟଚିତ୍ର, କାଠ ଖୋଦେଇ, ଆଧୁନିକ ତାଳିପକା କାମ. ମାଟିମୁର୍ତ୍ତୀ, କଂସା କାମ ଏବଂ ଶାମୁକାରେ ତିଆରି ହୋଇଥିବା ବିଭିନ୍ନ ଜିନିଷ । ଯେହେତୁ ଜିଲ୍ଲାରେ କୌଣସି ବଡ ଏବଂ ମଧ୍ୟମ ଧରଣର ଉଦ୍ୟୋଗ ନାହିଁ ତେଣୁ କେତେ ଗୁଡିଏ ଖାଉଟି ଦ୍ରବ୍ୟ ଉତ୍ପାଦନକୁ ଛାଡି ସହାୟକ ଏବଂ ତଳସ୍ତରର ଉଦ୍ୟୋଗ ଗୁଡିକ ବଢିବାରେ କୌଣସି ଉପାୟ ନାହିଁ ।

## ୩.୨ ପ୍ରକଳ୍ପର ଅବସ୍ଥିତି : ତହସିଲ ଏବଂ ପ୍ରଭାବିତ ଗ୍ରାମ

ତହସିଲ ଯେଉଁଠାରେ ଅଧ୍ୟୟନ କାର୍ଯ୍ୟ କରାଯାଇଛି ତାହା ପୁରୀ ଜିଲ୍ଲାରେ ଅବସ୍ଥିତ ଏହାର ସମୁଦାୟ ଭୌଗଳିକ ଅଞ୍ଚଳ ୨୬.୦୪ ବର୍ଗ କିଲୋମିଟର । ଏହା ଜିଲାର ମୁଖ୍ୟାଳୟ ଠାରୁ ଉତ୍ତରରେ ୩୨ କିଲୋମିଟର ଦୁରରେ ଏବଂ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଠାରୁ ୩୦ କିଲୋମିଟର ଦୁରରେ ଅବସ୍ଥିତ । ୨୦୧୧ ଜନଗଣନା ଅନୁଯାୟୀ ତହସିଲର ସମୁଦାୟ ଲୋକସଂଖ୍ୟା ୧୨୩୩୭୬ ଥିଲା ଯେଉଁମାନେ କି ୨୬୩୮୬ ପରିବାରରେ ବାସ କରନ୍ତି । ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ୬୨୩୫୭ ଜଣ (୫୦.୫%) ପୁରୁଷ ଓ ୬୧୦୧୯(୪୯.୫%) ଜଣ ମହିଳା ଅଟନ୍ତି । ସାକ୍ଷରତା ହାର ୭୭.୩୭% ଯାହାକି ଜିଲ୍ଲାର ହାର ଠାରୁ କମ ଅଟେ । ତହସିଲର ଶ୍ରମଜୀବି ଲୋକମାନଙ୍କ ସଂଖ୍ୟା ୩୫.୬୪% ଏବଂ ସମୁଦାୟ ଶ୍ରମଜୀବିଙ୍କ ମଧ୍ୟରୁ ୨୮% ଚାଷୀ ।

ମୁଖ୍ୟ ଫସଲଗୁଡିକ ହେଲା ଧାନ, ଧାନ ଜାତିୟ, ବାଜରା ଜାତିୟ, ଡାଲି ଜାତିୟ, ମୁଗବିରି ଆଦି, ହରଡ, ରାଶି, ଚିନାବାଦାମ ଶୋରିଷ, ଜଡା ଆଦି ଚାଷ କରାଯାଏ ।

**ସାରଣୀ ୩.୧ : ପ୍ରକଳ୍ପ ଅଞ୍ଚଳର ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ**

| ବ୍ଲକ୍ ଏବଂ ଗ୍ରାମ | ଅଞ୍ଚଳ | ପରିବାର | ଗ୍ରାମ | ଜନସଂଖ୍ୟା | ଏସ୍ ସି | ଏସ୍ ଟି | ଶ୍ରମଜୀବି | ସାକ୍ଷର |
|---|---|---|---|---|---|---|---|---|
| ଡେଲାଙ୍ଗ | ୨୬.୦୬ ବର୍ଗ କି.ମି. | ୨୬୮୩୬ | ୧୨୮ | ୧୨୩୩୭୬ | ୨୫୪୫୩ | ୫୨୪ | ୪୩୯୭୮ | ୭୭.୩% |
| ଗୋଡିପୁଟ ମାଟିଆପଡ଼ା | ୭୭୬ ହେକ୍ଟର | ୧୧୬୫ | ୦୧ | ୫୯୬୭ | ୧୩୦୬ | ୬ | ୨୦୦୬ | ୮୦% |

ପୁରୀ ଜିଲ୍ଲାର ଡେଲାଙ୍ଗ ତହସିଲର ଗୋଡିପୁଟ ମାଟିଆପଡ଼ା ଗ୍ରାମରେ ସାମାଜିକ ଆକଳନ ଅଧ୍ୟୟନ କରାଯାଇଥିଲା । ୭୭୬ ହେକ୍ଟର ଜମି ଥିବା ଏହି ଗ୍ରାମର ପରିବାର ସଂଖ୍ୟା ୧୧୬୫ ଏବଂ ଲୋକସଂଖ୍ୟା ୫୯୬୭. ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ୧୩୦୬ ଅନୁସୂଚିତ ଜାତିର ଏବଂ ମାତ୍ର ୬ ଟି ପରିବାର ଅନୁସୂଚିତ ଜନଜାତିର ଅଟନ୍ତି । ଗ୍ରାମର ସାକ୍ଷରତା ହାର ୮୦% ଯାହାକି ତହସିଲର ହାରାହାରି ହର ଠାରୁ ଅଧିକ ।

## ୩.୩ ପ୍ରଭାବିତ ପରିବାରର ଗଣନା

ଓଡିଶା ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଅଧିନିୟମ ୨୦୧୬ ଅନୁଯାୟୀ  ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ନିମ୍ନଲିଖିତ ପ୍ରକାରର ପରିବାରଗୁଡିକୁ ଗଣନା କରାଯିବା ଅବଶ୍ୟକ । ସେହି ପରିବାର ଗୁଡିକ ହେଲା ,

କ) ଯେଉଁ ପରିବାରର ଜମି ଓ ଅଚଳନ୍ତି ସମ୍ପତ୍ତି ଅଧିଗ୍ରହଣ କରାଯିବ,

ଖ) ଠିକାଚାଷୀଙ୍କ ଦଖଲରେ ଥିବା ଜମି

ଗ) ଅନୁସୂଚିତ ଜନଜାତିଏବଂ ଅନ୍ୟାନ୍ୟ ପାରମ୍ପରିକ ଜଂଗଲ ଉପରେ ନିର୍ଭର କରି ଚଳୁଥିବା ପରିବାର ଯେଉଁମାନଙ୍କ ଜଂଗଲ ଉପରେ ଥିବା ତାଙ୍କ  ଅଧିକାର ହରାଇବାର ସମ୍ଭାବନା ଅଛି ;

ଘ) କୃଷି ଶ୍ରମିକ, ଠିକା ଚାଷୀ, ଭାଗଚାଷୀ, କିମ୍ବା ଜମି ଅଧିଗ୍ରହଣର ୩ ବର୍ଷ ପୁର୍ବରୁ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରୁଥିବା କାରିଗର;

ଙ) କୌଣସି ଉନ୍ନୟନ ଯୋଜନା ବା କାର୍ଯ୍ୟକ୍ରମ ଜରିଆରେ ସରକାରଙ୍କଠାରୁ ଜମି ପାଇଥିବା ବ୍ୟକ୍ତି

ଚ) ପ୍ରକଳ୍ପ ଦ୍ୱାରା ପରୋକ୍ଷ ଭାବରେ ପ୍ରଭାବିତ ହୋଇଥିବା ପରିବାର ଯଥା, ଜଂଗଲ ଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ପରିବାର, ଶିକାରୀ, କେଉଟ, ଡଙ୍ଗାଚାଳକ ଇତ୍ୟାଦି । ଉତ୍ପାଦକ ସମ୍ପତ୍ତିର ସୂଚୀ ଏବଂ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ମହତ୍ତ୍ୱପୂର୍ଣ୍ଣ ଜମି ର ମଧ୍ୟ ସୂଚୀ ପ୍ରସ୍ତୁତ କରାଯାଇଥିଲା ।

ଏହି ସନ୍ଦର୍ଭରେ ଏସ ଆଇ ଏ ଦଳ କ୍ଷେତ୍ର କାର୍ଯ୍ୟକ୍ରମ ସମୟରେ ପ୍ରଭାବିତ ପରିବାରର ଗଣନା କରିଥିଲା ଏବଂ ଗୋଟିଏ ପରିବାରକୁ ଚିହ୍ନଟ କରିଥିଲା ଯାହାର ଜମି ଏବଂ ଅଚଳନ୍ତି ସମ୍ପତ୍ତି ଅଧିଗ୍ରହଣ କରାଯିବ ।

ସେ ଯାହାହେଉ, ପ୍ରକୃତ ପକ୍ଷେ ଜମି କାଗଜପତ୍ର (ଆର୍ ଓ ଆର୍) ଅନୁଯାୟୀ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ୫ ଟି ପରିବାରର ଗଣନା କରାଯାଇଥିଲା କିନ୍ତୁ ଏସ୍ ଆଇ ଏ ଦଳ ୯ ଟି (ବର୍ଦ୍ଧିତ ପରିବାର ସମେତ) ପରିବାରର ସର୍ବେକ୍ଷଣ କରିଥିଲା ଯେଉଁମାନେ କି ପ୍ରକଳ୍ପ ଦ୍ୱାରା ସିଧାସଳଖ ଭାବରେ ପ୍ରଭାବିତ ହେବେ । ଆର୍ ଓ ଆର୍ ଅନୁଯାୟୀ ତାଲିକା କରାଯାଇଥିବା ମୁଳ ପରିବାର ମଧ୍ୟରୁ  କେତେକ ପରିବାରକୁ ବାଦ ଦେଇ ଅନ୍ୟ କେତେକ ବର୍ଦ୍ଧିତ ପରିବାରକୁ ସାମିଲ କରାଯିବାରୁ ପ୍ରାଥମିକ ଗଣନା ଓ କ୍ଷେତ୍ର ସର୍ବେକ୍ଷଣ ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା । ସେ ଯାହାହେଉ ଗଣନା ଅନୁଯାୟୀ ଅନ୍ୟବର୍ଗର କୌଣସି ପରିବାର ଏହି ଅଞ୍ଚଳରେ ନିର୍ମାଣ କରାଯାଉଥିବା ପ୍ରକଳ୍ପ ହେତୁ ଜମି ହରାଉନାହାନ୍ତି ।

## ୩.୪ ପ୍ରଭାବିତ ଗ୍ରାମର ସାଧାରଣ ଭିତ୍ତିଭୂମି ଏବଂ ସାମାଜିକ ସାଂସ୍କୃତିକ ପାର୍ଶ୍ୱଚିତ୍ର

ପ୍ରଭାବିତ ଗ୍ରାମରେ ବିଭିନ୍ନ ପ୍ରକାରର ସାଧାରଣ ଭିତ୍ତିଭୂମି ପରିଲକ୍ଷିତ ହୋଇଥିଲା । ଏହା ପରିଲକ୍ଷିତ ହେଲା ଯେ, ଏହି ଗ୍ରାମରେ ଥିବା କିଛି ଛୋଟ ଛୋଟ ଭିତ୍ତିଭୂମିଗୁଡିକ ପ୍ରଭାବିତ ହେବାର ସମ୍ଭାବନା କୁ ଛାଡିଦେଲେ ମୂଖ୍ୟ ଭିତ୍ତିଭୂମିଗୁଡିକ ପ୍ରକଳ୍ପ ହେତୁ ପ୍ରଭାବିତ ହେଉନାହିଁ । ପ୍ରକଳ୍ପ ଅଞ୍ଚଳରେ ଥିବା ମୂଖ୍ୟ ଭିତ୍ତିଭୂମିଗୁଡିକର ସୁଚୀ ନିମ୍ନ ସାରଣୀ ୩.୨ ରେ ପ୍ରଦାନ କରାଯାଇଛି

**ସାରଣୀ ୩.୨: ପ୍ରଭାବିତ ଗ୍ରାମରେ ଥିବା ସାଧାରଣ ଭିତ୍ତିଭୂମି**

| ଭିତ୍ତିଭୂମି | ସଂଖ୍ୟା | ଭିତ୍ତିଭୂମି | ସଂଖ୍ୟା |
|---|---|---|---|
| କଚ୍ଚା ରାସ୍ତା | ୪ | ଅଙ୍ଗନବାଡି କେନ୍ଦ୍ର | ୨ |
| ପକ୍କା ରାସ୍ତା | ୧ | ପଞ୍ଚାୟତ ଘର | ୧ |
| ଅଗଭିର କୁଅ | ୩ | କୋଠ ଘର | ୨ |
| ନଳକୂପ | ୧୦ | ପୋଷ୍ଟ ଅଫିସ | ୧ |
| ସୂଲଭ ମୂଲ୍ୟ ଦୋକାନ | ୪ | ଋଣ ସମବାୟ କେନ୍ଦ୍ର | ୧ |
| ଡାଲି ଚାଉଳ ଦୋକାନ | ୫ | ପ୍ରାଥମିକ ବିଦ୍ୟାଳୟ | ୧ |
| ପଶୁଚିକିସ୍ତା କେନ୍ଦ୍ର | ୧ | ମାଧମିକ ବିଦ୍ୟାଳୟ | ୧ |
| ଶ୍ମସାନ | ୧ | ଉଚ୍ଚ ବିଦ୍ୟାଳୟ | ୧ |
| ଭାଗବତ ଟୁଙ୍ଗି | ୩ | ଏ ଏନ୍ ଏମ ସେଣ୍ଟର | ୧ |

ଉପର ବର୍ଣ୍ଣିତ ତଥ୍ୟ ପ୍ରଭାବିତ ଗ୍ରାମରେ ଉପଲବ୍ଧ ହେଉଥିବା ମୂଖ୍ୟ ଭିତ୍ତିଭୂମି ଗୁଡିକୁ ଦର୍ଶାଉଛି । ଗ୍ରାମସ୍ତରର ବିଭିନ୍ନ ଅନୁଷ୍ଠାନ ଯଥା ଅଙ୍ଗନବାଡି କେନ୍ଦ୍ର, ପୋଷ୍ଟ ଅଫିସ, ଏ ଏନ୍ ଏମ ସେଣ୍ଟର, ପଞ୍ଚାୟତ ଘର, ଶିକ୍ଷା ଅନୁଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ, ସୁଲଭ ମୂଲ୍ୟ ଦୋକାନ ଆଦି ପ୍ରକଳ୍ପ ଗ୍ରାମରେ ଉପଲବ୍ଧ ଅଛି ଏବଂ ସେହି ସବୁ ଅନୁଷ୍ଠାନ ସ୍ଥାନାନ୍ତର ହେବାର କୌଣସି ଆଶା ଦେଖା ଯାଉ ନାହିଁ । ଏହି ସବୁ ଭିତ୍ତିଭୂମି ବ୍ୟତିତ କେତେକ ସେବା ସୁବିଧା ପ୍ରଦାନ କରିବାକୁ ଗ୍ରାମରେ ଦୃଷ୍ଟିଗୋଚର ହୋଇଥାଏ ସେମାନେ ହେଲେ ଯଥା ଅଟାକଳ (୨) ଗାଡି ମରାମତି ଦୋକାନ (୧) ବଢେଇ (୩୦) କମାର (୨) ମିସ୍ତ୍ରୀ (୫୦) ଏବଂ ଧୋବ (୨୦) ଉପଲବ୍ଧ ଅଛନ୍ତି ।

ଉପର ବର୍ଣ୍ଣିତ ଭିତ୍ତିଭୂମି ସହିତ ପ୍ରଭାବିତ ଗ୍ରାମରେ ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମି ମଧ ଦୃଷ୍ଟି ଗୋଚର ହୋଇଥାଏ ସେଗୁଡିକ ସାରଣୀ ୩.୪ ରେ ପ୍ରଦାନ କରାଯାଇଛି ।

**ସାରଣୀ ୩.୪ : ପ୍ରଭାବିତ ଗ୍ରାମରେ ଥିବା ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମି**

| ଭିତ୍ତିଭୂମି | ସଂଖ୍ୟା | ଭିତ୍ତିଭୂମି | ସଂଖ୍ୟା |
|---|---|---|---|
| ଉତ୍ସବ ସ୍ଥଳ | ୧ | ସ୍ୱୟଂ ସହାୟକ ଦଳ | ୧୫ |
| ଭାଜନ ମଣ୍ଡଳ | ୨ | ସ୍ଥାନୀୟ ବ୍ୟାଣ୍ଡପାର୍ଟି | ୨ |
| କ୍ଲବ୍ | ୧ | ଜାତି ପଞ୍ଚାୟତ | ୨ |
| ସାଂସ୍କୃତିକ ସଂଗଠନ | ୧ | ଗ୍ରାମ ପଞ୍ଚାୟତ | ୧ |
| ମଠ | ୧ | ମନ୍ଦିର | ୪ |

## ୩.୫ ପ୍ରଭାବିତ ପରିବାରର ସାମାଜିକ ପାର୍ଶ୍ୱଚିତ୍ର

ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣର ଉଦ୍ଦେଶ୍ୟ ହେଲା ପ୍ରକଳ୍ପ ପ୍ରଭାବିତ କ୍ଷେତ୍ରରେ ଲୋକମାନଙ୍କ ନିମନ୍ତେ ଥିବା ଆବଶ୍ୟକୀୟ ବାତାବରଣର ବିବରଣୀ ପ୍ରସ୍ତୁତ କରିବା । ଏହା ଲୋକସଂଖ୍ୟା ଏବଂ ସାମାଜିକ–ଅର୍ଥନୈତିକ ଅବସ୍ଥା, ଜମି ବ୍ୟବହାର ପ୍ରଣାଳୀ ଏବଂ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥାଏ । ବର୍ତ୍ତମାନର ସାମାଜିକ–ଅର୍ଥନୈତିକ ଅବସ୍ଥାର ମୂଲ୍ୟାୟନ ନିମନ୍ତେ ଏହା ଅଞ୍ଚଳର ଜୈବ ଭୌତିକ, ପର୍ଯ୍ୟାବରଣ, ଅର୍ଥନୈତିକ ଓ ସାମାଜିକ ଅବସ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥାଏ । ଆଧାରସ୍ଥଳର ସର୍ବେକ୍ଷଣକୁ ସ୍ୱଷ୍ଟ ଭାବରେ ପରିଭାଷିତ କରିବା ଅବଶ୍ୟକ ଯଦ୍ୱାରା କି ବର୍ତ୍ତମାନର ସ୍ଥିତି ଏବଂ ପର୍ଯ୍ୟାବରଣ ସନ୍ଦର୍ଭରେ ପରିବର୍ତ୍ତନ ମୂଲ୍ୟାୟନ କରାଯିବ । ଏହି ଉଦ୍ଦେଶ୍ୟରେ, ଅଞ୍ଚଳର ସଦ୍ୟତମ ଜନସାଂଖ୍ୟିକୀୟ ଜନସଂଖ୍ୟାର ପାର୍ଶ୍ୱଚିତ୍ର ଏବଂ ସମଗ୍ର ଗୋଷ୍ଠୀର ସ୍ୱଚ୍ଛଳତା ସମ୍ବନ୍ଧରେ ମୂଲ୍ୟାଙ୍କନ କରାଯିବା ଉଚିତ ।

### ୩.୫.୧ ଜନସଂଖ୍ୟାର ପାର୍ଶ୍ୱଚିତ୍ର : ଲିଙ୍ଗ, ବୟସ ଏବଂ ଲୋକସଂଖ୍ୟା

ବିଭିନ୍ନ ଦୃଷ୍ଟିକୋଣରୁ ସମାଜର ବିକାଶ ପ୍ରକ୍ରିୟାରେ ଲିଙ୍ଗ ବିତରଣର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଚିତ୍ର-୩.୨ରେ ଉତ୍ତରଦାତାମାନଙ୍କର ଲିଙ୍ଗଭିତ୍ତିରେ ବିତରଣ ଏହା ପରିଲକ୍ଷିତ ହେଉଛି ଯେ, ୯୦% ଉତ୍ତରଦାତା (୪୫) ଜଣ ପୁରୁଷ ଅଟନ୍ତି ଯେତେବେଳେ କି ମାତ୍ର ୧୦% ଉତ୍ତରଦାତା (୫) ଜଣ ମହିଳା ଅଟନ୍ତି ଯାହା ସୂଚିତ କରୁଛି ଯେ, ସର୍ବେକ୍ଷଣ କରାଯାଇଥିବା ପରିବାରର ପୁରୁଷ ଲୋକମାନେ ସମସ୍ତ ପ୍ରକାରର ନିଷ୍ପତ୍ତି ଗ୍ରହଣ କରନ୍ତି । ଆହୁରି ମଧ୍ୟ ପ୍ରଭାବିତ ପରିବାରର ଲିଙ୍ଗଭିତ୍ତିରେ ବିତରଣ ଦର୍ଶାଉଛି ଯେ, ସମୁଦାୟ ୨୨୭ ଜଣ ସଭ୍ୟଙ୍କ ମଧ୍ୟରୁ (୫୨.୭%) ୧୪୬ ଜଣ ପୁରୁଷ ଅଟନ୍ତି ଏବଂ ୧୩୧ ଜଣ (୪୭.୩%) ଜଣ ମହିଳା ଅଟନ୍ତି । ସେ ଯାହାହେଉ, ସର୍ବେକ୍ଷଣରୁ ଜଣା ପଡିଲା ଯେ, ପ୍ରଭାବିତ ଗ୍ରାମର ଲିଙ୍ଗ ଅନୁପାତ ୮୯୭ ଅଟେ ।




**ଚିତ୍ର ୩.୨ ପ୍ରଭାବିତ ପରିବାର ଏବଂ ଉତ୍ତରଦାତାମାନନକର ଲିଙ୍ଗଭିତ୍ତିରେ ବିତରଣ**

ଜନସଂଖ୍ୟାର ବିଭିନ୍ନ ଆୟୁବର୍ଗରେ ଲୋକମାନଙ୍କ ବିତରଣ ତଥ୍ୟ, ପରିବାରର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ପ୍ରଭାବିତ କରୁଥିବା ଉତ୍ପାଦକ ବର୍ଗ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ । ସାଧାରଣ ଭାବରେ ୧୮ ରୁ ୪୫ ବର୍ଷ ବୟସ ବର୍ଗର ଲୋକମାନେ ସାମଜ ସହିତ ପରିବାରର ମଧ୍ୟ ଆୟ କରିବାକୁ କ୍ଷମତାପନ୍ନ ବୋଲି ବିଚାର କରାଯାଏ । ଏହି ପରିପ୍ରେକ୍ଷିରେ, ପ୍ରଭାବିତ ପରିବାରର ସଭ୍ୟମାନଙ୍କର ବିଭିନ୍ନ ଆୟୁବର୍ଗରେ ବିତରଣ ତଥ୍ୟ ସଂଗ୍ରହ କରାଯାଇ ସାରଣୀ-୩.୫ରେ ଉଲ୍ଲେଖ କରାଯାଇଛି । ଏହି ସାରଣୀ ସୂଚିତ କରୁଛି ଯେ, ଜନସଂଖ୍ୟାର ସର୍ବାଧିକ ୪୬.୯୩% ଉତ୍ପାଦକ ବର୍ଗରେ (୧୮-୪୫ ବର୍ଷ) ରେ ଆସୁଛନ୍ତି, ଯେତେବେଳେ କି, ଦ୍ୱିତୀୟ ସର୍ବାଧିକ ସଂଖ୍ୟାକ ୨୦.୨% ଲୋକ ୪୫ ରୁ ୬୦ ବର୍ଷ ବୟସ ମଧ୍ୟରେ ଆସୁଛନ୍ତି, ଯେଉଁମାନେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସକ୍ରିୟ ଅଟନ୍ତି । ତେଣୁ ଏହା ସୂଚିତ କରୁଛି ଯେ, ପ୍ରଭାବିତ ଗ୍ରାମର ୬୫% ରୁ ଅଧିକ ଲୋକଙ୍କର ତାଙ୍କ ପରିବାରକୁ ଆର୍ଥିକ ଯୋଗଦାନ ଅଛି । ଆହୁରି ମଧ୍ୟ ୧୫ ବର୍ଷରୁ କମ୍ ଆୟୁ ବର୍ଗର ୧୯.୫% ଏବଂ

ଜନସଂଖ୍ୟାର ଅବଶିଷ୍ଟ ଲୋକ ୬୦ ବର୍ଷରୁ ଅଧିକ ଆୟୁ ବର୍ଗରେ ଅଛନ୍ତି, ଯେଉଁମାନେ କି ସାଧାରଣ ଭାବରେ ପରିବାରର ରୋଜଗାରକ୍ଷମ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରନ୍ତି ।

**ସାରଣୀ ୩.୫: ବିଭିନ୍ନ ଆୟୁବର୍ଗରେ ପ୍ରଭାବିତ ଲୋକମାନଙ୍କ ବିତରଣ**

| ବୟସ | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| ୧୮ ବର୍ଷରୁ କମ୍ | ୨୭ | ୧୮.୪୯ | ୨୭ | ୨୦.୬୧ | ୫୪ | ୧୯.୪୯ |
| ୧୮-୪୫ ବର୍ଷ | ୭୦ | ୪୭.୯୫ | ୬୦ | ୪୫.୮୦ | ୧୩୦ | ୪୬.୯୩ |
| ୪୫-୬୦ ବର୍ଷ | ୩୦ | ୨୦.୫୫ | ୨୬ | ୧୯.୮୫ | ୫୬ | ୨୦.୨୨ |
| ୬୦ ବର୍ଷ ଏବଂ ତତୋଧିକ | ୧୯ | ୧୩.୦୧ | ୧୮ | ୧୩.୭୪ | ୩୭ | ୧୩.୩୬ |
| ମୋଟ | ୧୪୬ | ୧୦୦.୦୦ | ୧୩୧ | ୧୦୦.୦୦ | ୨୭୭ | ୧୦୦.୦୦ |

### ୩.୫.୨ ସାମାଜିକ ପାର୍ଶ୍ୱଚିତ୍ର : ଜାତି ଏବଂ ଶିକ୍ଷା

ଜଣେ ବ୍ୟକ୍ତିର ଜାତି ଏବଂ ଶିକ୍ଷାଗତ ଯୋଗ୍ୟତା କେବଳ ଯେ ସାମାଜିକ ସ୍ଥିତିକୁ ପ୍ରତିବିମ୍ବିତ କରେ ତାହନୁହେଁ ଏହା ଆର୍ଥିକ ସ୍ଥିତିକୁ ମଧ ଆର୍ଥିକ ସ୍ଥିତିକୁ ଦର୍ଶାଇ ଥାଏ । ସାଧାରଣ ଭାବରେ ଉଚ୍ଚଜାତିର ଲୋକମାନେ ଆର୍ଥିକ ଭାବରେ ସ୍ୱଚ୍ଛଳ ଏବଂ ନିଜ ନିଜ ମଧରେ ସମ୍ପର୍କ ସ୍ଥାପନ କରିଥାନ୍ତି କିନ୍ତୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଲୋକମାନଙ୍କ ଅବସ୍ଥା ଦୁର୍ବଳ ଦୁସ୍ଥ ଏବଂ ସମାଜର ସମସ୍ତ ପ୍ରକାରର ସୁଖ ସ୍ୱାଚ୍ଛନ୍ଦରୁ ବଞ୍ଚିତ । ପ୍ରକଳ୍ପ ହେତୁ ଦୁସ୍ଥ ଅବସ୍ଥା ପ୍ରଶମନ ଯୋଜନା କାର୍ଯ୍ୟକ୍ରମରେ ସେମାନେ ବିଶେଷ ଧ୍ୟାନ ପାଇବାକୁ ହକଦାର ଅଟନ୍ତି । ସେ ଯାହାହେଉ ଚିତ୍ର ୩.୩ ରୁ ଏହା ପରିଲକ୍ଷିତ ହେଉଛି ଯେ, ସର୍ବେକ୍ଷଣ କରାଯାଇଥିବା ୫୦ଟି ପରିବାର ମଧ୍ୟରୁ ଅଧିକାଂଶ (୫୮%) ସାଧାରଣ ବର୍ଗର ତା ପଛକୁ ଓବିସି (୨୮%) ଅବଶିଷ୍ଟ (୧୪%) ଅନୁସୂଚିତ ଜାତି ବର୍ଗର ଅଟନ୍ତି । ଯେଉଁମାନେ କି, ସମାଜରେ ସବୁଠାରୁ ଦୁସ୍ଥ ଅଟନ୍ତି । ଏହା ମଧ ଜଣା ପଡିଲା ଯେ, ସର୍ବେକ୍ଷଣ କରାଯାଇଥିବା ପରିବାର ମଧ୍ୟରେ ଅନୁସୂଚିତ ଜନଜାତିର କୌଣସି ପରିବାର ବସବାସ କରୁନାହାନ୍ତି ।




**ଚିତ୍ର – ୩.୩ ପ୍ରଭାବିତ ପରିବାରର ସାମାଜିକ ସଂରଚନା**

ଶିକ୍ଷା, ଆଧୁନିକ ସମାଜର ଏକ ବୁନିୟାଦୀ ଆବଶ୍ୟକତା ହୋଇଯାଇଛି । ଯାହା କି, ଜଣେ ବ୍ୟକ୍ତିର ଆର୍ଥିକ ବିକାଶ ପ୍ରକ୍ରିୟାରେ ଭାଗ ନେବା ପାଇଁ ସକ୍ଷମ କରୁଛି । ଏହି ପରିପ୍ରେକ୍ଷିରେ ଅଧ୍ୟୟନରୁ ଜଣା ପଡୁଛି ଯେ ସମୁଦାୟ ଲୋକସଂଖ୍ୟାର ସାକ୍ଷରତା ସ୍ତର ୯୦% ଯାହା କି ଜିଲ୍ଲାର ସାକ୍ଷରତା ହାର ୮୪.୬୭% ଏବଂ ତହସିଲର ସାକ୍ଷରତା ହାର ୭୭.୩% ଠାରୁ ଅଧିକ *(ଜନଗଣନା -୨୦୧୧)* । ଆହୁରି ମଧ ନିରକ୍ଷରଙ୍କ ମଧ୍ୟରେ ୯ ଜଣ ବ୍ୟକ୍ତି ଅଛନ୍ତି ଏବଂ ଅବଶିଷ୍ଟ ୧୮ ଜଣ ଶିଶୁ ଅଛନ୍ତି ଯେଉଁମାନେ କି, ସ୍କୁଲ ଯିବା ନିମନ୍ତେ ଅପେକ୍ଷା ରେ ଅଛନ୍ତି ।

**ସାରଣୀ -୩.୬ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପ୍ରଭାବିତ ଲୋକମାନଙ୍କ ବିତରଣ**

| ଶିକ୍ଷା | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| ଅଶିକ୍ଷିତ | ୧ | ୦.୭୨ | ୮ | ୬.୬୧ | ୯ | ୩.୪୭ |
| ନାମମାତ୍ର ଶିକ୍ଷିତ | ୮ | ୫.୮୦ | ୧୧ | ୯.୦୯ | ୧୯ | ୭.୩୪ |
| ପ୍ରାଥମିକ | ୧୮ | ୧୩.୦୪ | ୨୭ | ୨୨.୩୧ | ୪୫ | ୧୭.୩୭ |
| ଉଚ୍ଚ ବିଦ୍ୟାଳୟ | ୨୩ | ୧୬.୬୭ | ୨୦ | ୧୬.୫୩ | ୪୩ | ୧୬.୬୦ |
| ମାଟ୍ରିକ | ୩୩ | ୨୩.୯୧ | ୨୨ | ୧୮.୧୮ | ୫୫ | ୨୧.୨୪ |
| ଇଣ୍ଟରମିଡିଏଟ୍ | ୧୬ | ୧୧.୫୯ | ୧୪ | ୧୧.୫୭ | ୩୦ | ୧୧.୫୮ |
| ଗ୍ରାଜୁଏଟ୍ | ୨୬ | ୧୮.୮୪ | ୧୪ | ୧୧.୫୭ | ୪୦ | ୧୫.୪୪ |
| ପୋଷ୍ଟ ଗ୍ରାଜୁଏଟ୍ | ୭ | ୫.୦୭ | ୨ | ୧.୬୫ | ୯ | ୩.୪୭ |
| ବୈଷୟିକ ଡିଗ୍ରୀ | ୧ | ୦.୭୨ | ୨ | ୧.୬୫ | ୩ | ୧.୧୬ |
| ବୈଷୟିକ ଡିପ୍ଲୋମା | ୫ | ୩.୬୨ | ୧ | ୦.୮୩ | ୬ | ୨.୩୨ |
| **ମୋଟ** | **୧୩୮** | **୧୦୦.୦୦** | **୧୨୧** | **୧୦୦.୦୦** | **୨୫୯** | **୧୦୦.୦୦** |

ଅଶିକ୍ଷିତ, ନାମମାତ୍ର ଶିକ୍ଷିତ, ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ମାଟ୍ରିକ, ଇଣ୍ଟରମିଡିଏଟ୍ ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍, ବୈଷୟିକ ଡିଗ୍ରୀ, ବୈଷୟିକ ଡିପ୍ଲୋମା ।ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କ ଶିକ୍ଷାର ସ୍ତର ସମ୍ବନ୍ଧରେ ସାରଣୀ- ୩.୬ ସୂଚିତ କରୁଛି ଯେ , ସର୍ବାଧିକ ସଂଖ୍ୟାକ ୨୧.୨୪% ମାଟ୍ରିକ ସ୍ତରର ଶିକ୍ଷା ସମାପନ କରିଛନ୍ତି ଏବଂ ଦ୍ୱିତୀୟ ସର୍ବାଧିକ ସଂଖ୍ୟାକ ୧୭.୩୭% ପ୍ରକଳ୍ପ ପ୍ରଭାବିତ ଲୋକ ପ୍ରାଥମିକ ସ୍ତର ଅର୍ଥାତ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ସମାପନ କରିଛନ୍ତି । ଆହୁରିମଧ ଉଚ୍ଚ ବିଦ୍ୟାଳୟ, ଇଣ୍ଟରମିଡିଏଟ୍, ଗ୍ରାଜୁଏଟ୍ ଯଥାକ୍ରମେ ୧୬.୬%, ୧୧.୫୮% ଏବଂ ୧୫.୪୪% ଅଟନ୍ତି । ଯେତେଦୂର ବୈଷୟିକ ଶିକ୍ଷା ସଂଶ୍ଳିଷ୍ଟ ଏହା ମଧ୍ୟ ପରିଲକ୍ଷିତ ହେଲା ଯେ, ମାତ୍ର ୯ ଜଣ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ବିଭିନ୍ନ ପ୍ରକାରର ବିଶେଷ ଜ୍ଞାନ ପାଇଛନ୍ତି । ସେ ଯାହା ହେଉ ଏହା ସୂଚିତ କରୁଛି ଯେ, ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ମାନଙ୍କ ମଧ୍ୟରୁ ୫୦ପ୍ରତିଶତ ରୁ ଅଧିକ ବ୍ୟକ୍ତିଙ୍କ ନିମନ୍ତେ ମାଟ୍ରିକ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନର ଉପଲବ୍ଧତା ଅଛି ।

### ୩.୫.୩ ପ୍ରଭାବିତ ଦୁସ୍ଥ ପରିବାର (ଏସ୍ ସି, ଏସ୍ ଟି, ଭିନ୍ନକ୍ଷମ ବ୍ୟକ୍ତି, ମହିଳାମୂଖ୍ୟ ପରିବାର)

ପ୍ରଭାବିତ ପରିବାରର ଦୁସ୍ଥତା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ମହିଳାମୂଖ୍ୟ ପରିବାର ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ବର୍ଗରେ ଥିବା ପରିବାରକୁ ବିଚାରକୁ ନେଇ କରାଯାଇଛି । ଅଧ୍ୟୟନ ସୂଚିତ କରୁଛି ଯେ, ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ଏକାଧିକ ପ୍ରକାରର ଦୁସ୍ଥତା ଯଥା ଅନୁସୂଚିତ ଜାତି ସହ ମହିଳାମୂଖ୍ୟ ପରିବାର ସମେତ ୯ ଜଣ ଦୁସ୍ଥ ପରିବାର ବାସ କରୁଛନ୍ତି । ମହିଳାମୂଖ୍ୟ ପରିବାର କହିଲେ ଜଣେ ମହିଳା ସହ ଅପ୍ରାପ୍ତ ବୟସ୍କ ଶିଶୁ, କେବଳ ମହିଳା ଆୟ କରୁଥିବା ପରିବାର ଏବଂ ଜଣିକିଆ ପରିବାର ଅର୍ଥାତ ବିଧବା, ନିରାଶ୍ରିୟା, ଛାଡପତ୍ର ପାଇଥିବା ମହିଳା ଇତ୍ୟାଦି । ଏଥିରେ ପରିବାରରେ ବାସ କରୁଥିବା ବୟସ୍କ ମହିଳା ସାମିଲ ନାହାନ୍ତି ।

ସେ ଯାହାହେଉ, ଅଧ୍ୟୟନରେ ୭(୧୪%) ଅନୁସୂଚିତ ଜାତିର ଏବଂ ୫ (୧୦%) ମହିଳାମୂଖ୍ୟ ଦୁସ୍ଥ ପରିବାରକୁ ଚିହ୍ନଟ କରିଥିଲା ଯେଉଁମାନଙ୍କ ନିମନ୍ତେ ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମ ୨୦୧୩ ଅନୁଯାୟୀ ବିଶେଷ ସହାୟତାର ଆବଶ୍ୟକତା ଅଛି ।

### ୩.୫.୪ ପରିବାରର ଆର୍ଥିକ କାର୍ଯ୍ୟକ୍ରମ ଓ ଜୀବିକା

ଗୋଟିଏ ପରିବାରର ଆର୍ଥିକ ଅବସ୍ଥା ସେହି ପରିବାର ସଦସ୍ୟମାନଙ୍କ ଜୀବିକା ପ୍ରଣାଳୀ, ନିଯୁକ୍ତି, ଏବଂ ଏବଂ ପରିବାରରେ ରୋଜଗାର କରୁଥିବା ସଦସ୍ୟଙ୍କ ଉପରେ ନିର୍ଭର କରେ । ଗୋଟିଏ ପ୍ରକଳ୍ପ ପ୍ରଭାବିତ ପରିବାରର ମୂଖ୍ୟର ଜୀବିକା ଅନ୍ୟ ସଦସ୍ୟମାନଙ୍କ ଉପରେ ପ୍ରଭାବ ପକାଇଥାଏ । ଜନସଖ୍ୟା ରିପୋର୍ଟ ୨୦୧୧ ସୂଚିତ କରୁଛି ଯେ, ଡେଲାଙ୍ଗ ତହସିଲର ସମୁଦାୟ ଲୋକସଂଖ୍ୟାର ୩୫.୬୪% କର୍ମଜୀବି ଏବଂ ଅନ୍ୟମାନେ ଅଣ-ଶ୍ରମଜୀବି ଅଟନ୍ତି । ମୂଖ୍ୟ ଶ୍ରମଜୀବି ସମୁଦାୟ ଶ୍ରମଜୀବିଙ୍କର ସଂଖ୍ୟା ୭୩% ଅଟେ ।  ସମୁଦାୟ ମୂଖ୍ୟ ଶ୍ରମଜୀବିଙ୍କ ମଧ୍ୟରୁ ୩୮.୩% ଚାଷୀ, ୨୨.୭% କୃଷି ଶ୍ରମିକ ଅଟନ୍ତି । ଏହିପରି ଭାବରେ ସମୁଦାୟ ମୂଖ୍ୟ ଶ୍ରମଜୀବିଙ୍କ ମଧ୍ୟରୁ ୬୦%ରୁ ଅଧିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ।

ଉପରୋକ୍ତ ବିଷୟ ଗୁଡିକୁ ଧ୍ୟାନରେ ରଖି, ପ୍ରକଳ୍ପ ପ୍ତଭାବିତ ଲୋକମାନଙ୍କ ଜୀବିକା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା ଏବଂ ଏହି ତଥ୍ୟ ଉପଲବ୍ଧ ହୋଇଥିଲା ଯେ, ୮୮ଟି (୩୧.୭୮%) ପ୍ରକଳ୍ପ ପ୍ରଭାବିତ ପରିବାର ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମରେ ଲିପ୍ତ ଅଛନ୍ତି ଯଥା- କୃଷି, କୃଷି ଶ୍ରମିକ, ଦିନମଜୁରିଆ , ଚାକରୀ, ବ୍ୟବସାୟ, ହସ୍ତ ଶିଳ୍ପ ଆଦି କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ ସେମାନଙ୍କର ପରିବାର ଅନ୍ୟ ସଦସ୍ୟମାନେ ସେମାନଙ୍କ ଉପରେ ନିର୍ଭର କରୁଛନ୍ତି ।

**ସାରଣୀ -୩.୭ ଜୀବିକା ଅନୁଯାୟୀ ପ୍ରଭାବିତ ଲୋକମାନଙ୍କ ବିତରଣ**

| ଜୀବିକା | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| ଚାଷୀ | ୧୦ | ୧୨.୫ | ୦ | ୦ | ୧୦ | ୧୧.୪ |
| ଦିନମଜୁରିଆ | ୫ | ୬.୨୫ | ୦ | ୦ | ୫ | ୫.୭ |
| ଦରମା ପାଉଥିବା ବ୍ୟକ୍ତି | ୪୨ | ୫୨.୫ | ୭ | ୮୭.୫ | ୪୯ | ୫୫.୭ |
| ହସ୍ତ ଶିଳ୍ପ କାରିଗର | ୭ | ୮.୭୫ | ୦ | ୦ | ୭ | ୮.୦ |
| ବ୍ୟବସାୟ | ୧୬ | ୨୦ | ୧ | ୧୨.୫ | ୧୭ | ୧୯.୩ |
| ମୋଟ | ୮୦ | ୧୦୦ | ୮ | ୧୦୦ | ୮୮ | ୧୦୦.୦ |

ସାରଣୀ ୩.୭ ର ଉପଲବ୍ଧ ତଥ୍ୟ ଅନୁଯାୟୀ ନିଯୁକ୍ତି ପାଇଥିବା ସମୁଦାୟ (୮୮) ଜଣ ବ୍ୟକ୍ତିଙ୍କ ମଧ୍ୟରୁ ସର୍ବାଧିକ ୫୫.୭% ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଦରମା ମିଳୁଥିବା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ଏବଂ ଦ୍ୱିତୀୟ ସର୍ବାଧିକ ସଂଖ୍ୟାକ ଲୋକ ୧୯.୩% ତାଙ୍କ ପରିବାରର ଭରଣ ପୋଷଣ ନିମନ୍ତେ ବିଭିନ୍ନ ପ୍ରକାରର ବ୍ୟବସାୟ କରୁଛନ୍ତି ।  ପ୍ରାୟ ୧୨% ପ୍ରକଳ୍ପ ପ୍ରଭାବିତ ପରିବାର କୃଷିକାର୍ଯ୍ୟରେ ଏବଂ ମାତ୍ର ୮% ହସ୍ତ ଶିଳ୍ପ କାରିଗର ଏବଂ ନିଯୁକ୍ତି ପାଇଥିବା ଲୋକମାନଙ୍କ ମଧ୍ୟରୁ ୫.୭% ଦିନମଜୁରିଆ ଅଟନ୍ତି ।

ଏହିପରି ଭାବରେ ଏହା ସ୍ପଷ୍ଟ ଯେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନେ ମୂଖ୍ୟତଃ ଚାକିରୀ ଓ ବ୍ୟବସାୟ କ୍ଷେତ୍ର ଉପରେ ନିର୍ଭରଶୀଳ । ନିଯୁକ୍ତିର ସମ୍ପୂର୍ଣ୍ଣ ବିବରଣୀ ସାରଣୀ ୩.୭ ରେ ପ୍ରଦାନ କରାଯାଇଛି ।

### ୩.୫.୫ ପରିବାର ଆୟ ,ବ୍ୟୟ, ଏବଂ ଋଣ ସମ୍ବନ୍ଧିତ ବିବରଣୀ

ସାମାଜିକ ଆର୍ଥିକ ସ୍ଥିତି ଜାଣିବା ନିମନ୍ତେ ମୁଖ୍ୟ ସୂଚକ ଗୁଡିକ ମଧ୍ୟରୁ ଆୟ ଗୋଟିଏ, ଯାହାକି ଖର୍ଚ୍ଚ ପ୍ରଣାଳୀ ଉପରେ ମଧ୍ୟ ନିର୍ଭର କରେ । ଏହିପରି ଭାବରେ ପ୍ରଭାବିତ ପରିବାରର ଆୟର ସ୍ଥିତି ସମ୍ବନ୍ଧରେ ଅବଗତ ହେବା ନିମନ୍ତେ ପ୍ରାଧାନ୍ୟ ଦିଆ ଯାଇଥିଲା । ଚିତ୍ର ୩.୪ ବିଭିନ୍ନ ଆୟ ଗୋଷ୍ଠୀରେ ଥିବା ପରିବାର ସମ୍ପର୍କୀତ ତଥ୍ୟ ଉପସ୍ଥାପନ କରୁଛି ।




**ଚିତ୍ର – ୩.୪ ପରିବାରର ଆୟ**

ଅଧ୍ୟୟନରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଏହା ଜଣା ପଡୁଛି ଯେ, ସର୍ବାଧିକ ୨୪% (୧୨) ପରିବାର ବାର୍ଷିକ ୩୦୦୦୦ ରୁ ୫୦୦୦୦ ମଧ୍ୟରେ ଆୟ କରୁଛନ୍ତି । ଦ୍ୱିତୀୟ ସର୍ବାଧିକ ୫୦୦୦୦ ଟଙ୍କା ଆୟବର୍ଗର ପରିବାରରେ ୧୦ ଟି ପରିବାର ଅଛନ୍ତି । ମାତ୍ର ୨ ଟି ପରିବାରର ବାର୍ଷିକ ଆୟ ୨୦୦୦୦ ଟଙ୍କାରୁ କମ । ସେ ଯାହାହେଉ, ଉପରବର୍ଣ୍ଣିତ ବିଶ୍ଳେଷଣ ପ୍ରଦର୍ଶିତ କରୁଛି ଯେ ୬୦% ରୁ ଅଧିକ ପରିବାର ୨୦୦୦୦ ହଜାରରୁ ଅଧିକ ଆୟ କରି ଆର୍ଥିକ ଭାବରେ ସ୍ୱଚ୍ଛଳ ବର୍ଗରେ ଅଛନ୍ତି । ଆହୁରିମଧ୍ୟ ଏହା ପରିଲକ୍ଷିତ ହେଲା ଯେ, ପ୍ରାୟ ୧୨% ପରିବାରର ବାର୍ଷିକ ଆୟ ୬୦୦୦୦ ଟଙ୍କାରୁ କମ ଅଟେ ସେମାନଙ୍କୁ ଗରିବପ୍ରାୟ ପରିବାର ହିସାବରେ ଚିହ୍ନଟ କରାଯାଇପାରେ ଏବଂ ଜମି ଅଧିଗ୍ରହଣ ହେତୁ ସେମାନଙ୍କର ଆୟ ତଳକୁ ଖସିପାରେ । ତେଣୁ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ପ୍ରସ୍ତୁତ କରିବା ସମୟରେ ଉପଯୁକ୍ତ ଧ୍ୟାନ ଦେବା ଆବଶ୍ୟକ ।

ବିଭିନ୍ନ ସାମଗ୍ରୀରେ ପରିବାରର ଖର୍ଚ୍ଚ, ପରିବାରର ଆୟ ଓ ବ୍ୟୟର ତଥ୍ୟ ସଂଗ୍ରହ ପରିବାରର ଜୀବନର ସ୍ତରର ମୂଲ୍ୟାୟନ ନିମନ୍ତେ ସେତିକି ମହତ୍ତ୍ୱପୁର୍ଣ୍ଣ ଅଟେ । ଆୟର ତଥ୍ୟ ସମ୍ପର୍କରେ ଲୋକମାନେ କମ ପରିମାଣର ଆୟ ଦର୍ଶାଇଥିବାର ଅନୁଭବ କରାଗଲା କାରଣ ଉତ୍ତରଦାତାମାନେ ସନ୍ଦେହ କରିଥିଲେ ଯେ, ହୁଏତ ସଠିକ ଉତ୍ତର ସେମାନଙ୍କ ବିପିଏଲ୍ ସ୍ଥିତି ଉପରେ ପ୍ରଭାବ ପକାଇପାରେ । ଏହିପରି ଭାବରେ, ଆୟ ସହ ବ୍ୟୟର ଏକ ତୁଳନାତ୍ମକ ତଥ୍ୟ ଜାଣିବା ନିମନ୍ତେ ପୁର୍ବ ବର୍ଷର ଖାଦ୍ୟ ଓ ଅଣଖାଦ୍ୟରେ ହାରାହାରି ଖର୍ଚ୍ଚକୁ ବିଶ୍ଳେଷଣ କରାଯାଇଥିଲା । **ସାରଣୀ ୩.୮** ପ୍ରଭାବିତ ପରିବାରର ଖର୍ଚ୍ଚ ପ୍ରଣାଳୀ ଉପସ୍ଥାପନ କରାଯାଇଛି ।

**ସାରଣୀ ୩.୮ ପ୍ରଭାବିତ ପରିବାରର ମାସିକ ଖର୍ଚ୍ଚ ପରିମାଣ**

| **ଖର୍ଚ୍ଚ ପରିମାଣ** (ଟଙ୍କାରେ) | **ଖାଦ୍ୟ** | | **ଅଣଖାଦ୍ୟ** | |
|---|---|---|---|---|
| | **ସଂଖ୍ୟା** | **%** | **ସଂଖ୍ୟା** | **%** |
| ୬୦୦୦ ରୁ କମ୍ | ୪୩ | ୮୬.୦୦ | ୨୧ | ୪୨.୦୦ |
| ୬୦୦୦-୮୦୦୦ | ୫ | ୧୦.୦୦ | ୮ | ୧୬.୦୦ |
| ୮୦୦୦- ୧୦୦୦୦ | ୦ | ୦.୦୦ | ୪ | ୮.୦୦ |

| | | | | |
|---|---|---|---|---|
| ୧୦୦୦୦ ଏବଂ ଅଧିକ | ୨ | ୪.୦୦ | ୧୭ | ୩୪.୦୦ |
| ମୋଟ | **୫୦** | **୧୦୦.୦୦** | **୫୦** | **୧୦୦.୦୦** |

ପ୍ରକଳ୍ପ ପ୍ରଭାବିତ ପରିବାରର ହାରାହାରି ମାସିକ ଖର୍ଚ୍ଚ ପ୍ରଦର୍ଶିତ କରୁଛି ଯେ, ଅଧିକାଂଶ ୪୩ (୮୬%) ପରିବାର ମାସକୁ ୬୦୦୦ ଟଙ୍କାରୁ ଅଧିକ ଖାଦ୍ୟ ସାମଗ୍ରୀରେ ଖର୍ଚ୍ଚ କରନ୍ତି ଏବଂ ଅନ୍ୟ ବାବଦରେ ଖର୍ଚ୍ଚର ପରିମାଣ ବହୁତ କମ୍ ଅଟେ । ସେହିପରି ଅଣଖାଦ୍ୟ ସାମଗ୍ରୀ ଉପରେ ଖର୍ଚ୍ଚ ୬୦୦୦-୮୦୦୦ ମଧ୍ୟରେ (୧୬%), ୮୦୦୦-୧୦୦୦୦ ମଧ୍ୟରେ (୮%) ଏବଂ ୧୦୦୦୦ରୁ ଅଧିକ (୩୪%) । ତଥ୍ୟରୁ ଆହୁରିମଧ୍ୟ ଜଣା ପଡୁଛି ଯେ, ସର୍ବେକ୍ଷଣ କରାଯାଇଥିବା ୫୦ ଟି ପରିବାର ମଧ୍ୟରୁ ୧୪ ଜଣଙ୍କର ଗତ ବର୍ଷ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା ଏବଂ ୬ ଟି ପରିବାର ଏଲୋପାଥିକ ଚିକିତ୍ସା ଗ୍ରହଣ କରିଥିଲେ ଯାହାକି ସେମାନଙ୍କ ନିମନ୍ତେ ଅଧିକ ଖର୍ଚ୍ଚ କରାଇଥିଲା । ସେ ଯାହାହେଉ, ପ୍ରଭାବିତ ପରିବାରର ଋଣଗ୍ରସ୍ତତାର ସ୍ଥିତି ପ୍ରଦର୍ଶିତ କରୁଛି ଯେ, ସର୍ବେକ୍ଷଣ ହୋଇଥିବା ୫୦ଟି ପରିବାର ମଧ୍ୟରୁ ମାତ୍ର ୪ (୮%) ଜଣ ବିଭିନ୍ନ ଆବଶ୍ୟକତା ନିମନ୍ତେ ଋଣ କରିଛନ୍ତି ।

### ୩.୫.୬ ମୌଳିକ ସୁବିଧା ସୁଯୋଗ ସହ ବାସସ୍ଥାନର ଅବସ୍ଥା ଏବଂ ଘରୋଇ ସମ୍ପତ୍ତି

ବାସସ୍ଥାନର ଅବସ୍ଥା ଏବଂ ଘରର ମାଲିକାନା ଗୋଟିଏ ପରିବାରର ଆର୍ଥିକ ସ୍ୱଚ୍ଛଳତା ସମ୍ପର୍କରେ ଏକ ଧାରଣା ପ୍ରଦାନ କରିଥାଏ । ସେହିପରି, ପ୍ରଭାବିତ ପରିବାରର ବାସସ୍ଥାନର ଅବସ୍ଥା, ଏହାର ବ୍ୟବହାର, ବାସସ୍ଥାନର ବିଭିନ୍ନ ଉପାଦାନ ଏବଂ ମୌଳିକ ସୁବିଧା ସୁଯୋଗ ଗୁଡିକର ବ୍ୟକ୍ତିଗତ ଭାବରେ ସର୍ବେକ୍ଷଣ କରାଯାଇଥିଲା । ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ଅନୁଯାୟୀ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାରର ନିଜର ଘର ଅଛି ଯାହାକି ବିଭିନ୍ନ ପ୍ରକାରର ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟ ନିମନ୍ତେ ବ୍ୟବହାର କରାଯାଏ । ସାରଣୀ ୩.୯ ନିର୍ମାଣ ସମ୍ପର୍କୀତ ସବେଶେଷ ତଥ୍ୟ ପ୍ରଦାନ କରାଯାଇଛି ଏବଂ ଏହା ସୂଚିତ କରୁଛି ଯେ, ୫୦ ଟି ପରିବାର ମଧ୍ୟରୁ ଅଧିକାଂଶ (୯୨%) ପରିବାରର କଂକ୍ରିଟ୍ ଛାତ ଥିବା ଘର ଅଛି । ଅନ୍ୟାନ୍ୟ ପ୍ରକାରର ଛାତ ଥିବା ଘର ମଧ୍ୟରେ ଆଜବେଷ୍ଟସ୍ ଛାତ ଥିବା ଘର ୨ ଟି, ଚାଳ ଘର ୧ ଟି ଏବଂ ଟାଇଲ୍ ଘର ୧ଟି ।

ଏହା ପରଲକ୍ଷିତ ହେଲା ଯେ ପ୍ରଭାବିତ ପରିବାରର ୪୮(୯୬%) ଇଟା ସହିତ ସିମେଣ୍ଟ ଦ୍ୱାରା ନିର୍ମାଣ କରାଯାଇଥିବା କାନ୍ଥ ଘରେ ବସବାସ କରୁଛନ୍ତି ଅନ୍ୟ ପ୍ରକାରର ନିର୍ମାଣ କରାଯାଇଥିବା କାନ୍ଥ ଘରେ ବହୁତ କମ୍ ଲୋକ ବସବାସ କରନ୍ତି । ସେହିପରି ୮୨% ପରିବାରର ଘରର ଚଟାଣ ସିମେଣ୍ଟ ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ମାତ୍ର ୨ ଟି ପରିବାରର ଘରର ଚଟାଣ ମାଟିରେ ନିର୍ମିତ । ଏଥିରୁ ଏହା କୁହା ଯାଇପାରେ ଯେ, ପ୍ରଭାବିତ ପରିବାରର ଉତ୍ତମ ଗୃହରେ ବସବାସ କରନ୍ତି ।

**ସାରଣୀ ୩.୯ ଘରର ନିର୍ମାଣଶୈଳୀ**

| ଛାତ | | | କାନ୍ଥ | | | ଚଟାଣ | | |
|---|---|---|---|---|---|---|---|---|
| **ପ୍ରକାର** | **ସଂଖ୍ୟା** | **%** | **ପ୍ରକାର** | **ସଂଖ୍ୟା** | **%** | **ପ୍ରକାର** | **ସଂଖ୍ୟା** | **%** |
| ଚାଳ | ୧ | ୨.୦୦ | ମାଟି | ୧ | ୨.୦୦ | ମାଟି | ୨ | ୪.୦୦ |
| ଆଜବେଷ୍ଟସ୍ | ୨ | ୪.୦୦ | ଇଟା ସହିତ ମାଟି | ୧ | ୨.୦୦ | ସିମେଣ୍ଟ | ୪୧ | ୮୨.୦୦ |
| ଟାଇଲ୍ | ୧ | ୨.୦୦ | ବାଉଁଶ ସହିତ ମାଟି | ୦ | ୦.୦୦ | ଟାଇଲ୍ | ୭ | ୧୪.୦୦ |
| କଂକ୍ରିଟ୍ | ୪୬ | ୯୨.୦୦ | ଇଟା ସହିତ ସିମେଣ୍ଟ | ୪୮ | ୯୬.୦୦ | ଅନ୍ୟାନ୍ୟ | ୦ | ୦.୦୦ |
| **ମୋଟ** | **୫୦** | **୧୦୦** | **ମୋଟ** | **୫୦** | **୧୦୦** | **ମୋଟ** | **୫୦** | **୧୦୦** |

**ନାଗରିକ ସୁବିଧା**

ପ୍ରଭାବିତ ପରିବାରର ନାଗରିକ ସୁବିଧା ସୁଯୋଗରୁ, ଆମେ ଅବଗତ ହେଲୁ ଯେ, ସମସ୍ତ ଗୃହରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଅଛି ଯାହାକି ଆଧୁନିକ ଜୀବନରେ ଏକ ମୂଖ୍ୟ ଆବଶ୍ୟକତା । ପ୍ରାୟ ୨୦% ଗୃହରେ ପଶୁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା ଅଛି । ୭୪% ଗୃହର ଘର ଭିତରେ ଗାଧୁଆ ଘର ଏବଂ ସେତିକି ପ୍ରତିଶତ ଗୃହରେ ଧୁଆଧୁଇ କରିବା ପାଇଁ ଅଲଗା ଏକ ପ୍ଲାଟଫର୍ମର ବ୍ୟବସ୍ଥା ଅଛି, ଯେତେବେଳେ କି ଅନ୍ୟ ପରିବାରମାନେ ନଳକୂଅର ଚୌତରା ସମେତ ସର୍ବସାଧାରଣ ସ୍ଥାନରେ ଧୁଆଧୁଇ କରିବାରେ ବ୍ୟବହାର କରନ୍ତି । ସେହିପରି ୮୦% ପରିବାରରେ ଘର ଭିତରେ ପାଇଖାନା ସୁବିଧା ଅଛି ।




**ଚିତ୍ର ୩.୫ ପ୍ରଭାବିତ ପରିବାର ଘର ମାନଙ୍କରେ ରେ ମିଳୁଥିବା ନାଗରିକ ସୁବିଧା**




**ଚିତ୍ର ୩.୬ ପାନୀୟ ଜଳର ଉତ୍ସ**

ଉପରୋକ୍ତ ବିଶ୍ଳେଷଣରୁ ଏହା ପରିଲକ୍ଷିତ ହେଲା ଯେ, ପ୍ରଭାବିତ ପରିବାରର ନାଗରିକ ସୁବିଧା ସୁଯୋଗ ଉତ୍ତମ ଅବସ୍ଥାରେ ଅଛି । ଚିତ୍ର ୩.୫ରେ ପ୍ରଭାବିତ ପରିବାରରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗର ସମ୍ପର୍କୀତ ତଥ୍ୟ ଉପସ୍ଥାପନ କରାଯାଇଛି ।

**ପାନୀୟ ଜଳ**

କ୍ଷେତ୍ର ପରିଦର୍ଶନ ସମୟରେ ପ୍ରଭାବିତ ପରିବାରର ପାନୀୟ ଜଳର ଉତ୍ସ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରା ଯାଇଥିଲା ଏବଂ ଏଥିରୁ ବିଭିନ୍ନ ପ୍ରକାରର ତଥ୍ୟ ଉପଲବ୍ଧ ହୋଇଥିଲା ଏବଂ ଏହା ଚିତ୍ର ୩.୬ରେ ଉପସ୍ଥାପନ କରାଯାଇଛି । ତଥ୍ୟରୁ ଉପଲବ୍ଧ ହେଉଛି ଯେ, ସର୍ବାଧିକ ୫୬% ପରିବାର (୨୮) ଖୋଲା କୁଅ ଉପରେ ନିର୍ଭର କରୁଛନ୍ତି । ଯେତେବେଳେ କି, ୩୪% ପରିବାର ବର୍ଷସାରା (୧୭) ଜଣ ପାନୀୟ ଭାବରେ ପାଇପ ଜଳ ବ୍ୟବହାର କରୁଛନ୍ତି । ଏତଦ୍ ବ୍ୟତିତ ୮% ପରିବାର (୪ଜଣ) ନଳକୂଅର ପାଣି ଏବଂ ୨% ଅନ୍ୟାନ୍ୟ ଉତ୍ସର ଜଳ ବ୍ୟବହାର କରୁଛନ୍ତି ।

**ପରିବାରର ସମ୍ପତ୍ତି :**

ସମ୍ପତ୍ତିର ମାଲିକାନା ପରିବାରର ସ୍ୱଚ୍ଛଳତାର ନମୁନା । ପରିବାରର ସାମାଜିକ ଆର୍ଥିକ ସ୍ଥିତି ସମ୍ବନ୍ଧରେ ଆକଳନ କରିବା ନିମନ୍ତେ ସର୍ବେକ୍ଷଣ ସମୟରେ ପରିବାରର ସମ୍ପତ୍ତି ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହା ପରିଲକ୍ଷିତ ହୋଇଥିଲା ଯେ, ଅଧିକାଂଶ ପରିବାର ବିଭିନ୍ନ ପ୍ରକାରର ସମ୍ପତ୍ତି ରଖିଛନ୍ତି । ସାରଣୀ-୩.୧୦ ପ୍ରଭାବିତ ପରିବାରର ସମ୍ପତ୍ତିର ସ୍ଥିତି ଦର୍ଶାଉଛି ।

**ସାରଣୀ ୩.୧୦: ସମ୍ପତ୍ତିର ସ୍ଥିତି**

| ସମ୍ପତ୍ତି | ସଂଖ୍ୟା (୫୦ ଜଣ) | % | ସମ୍ପତ୍ତି | ସଂଖ୍ୟା (୫୦ ଜଣ) | % |
|---|---|---|---|---|---|
| ଟି ଭି | ୫୦ | ୧୦୦.୦୦ | ତିନି ଚକିଆ ଯାନ | ୧ | ୨.୦୦ |
| ରେଫ୍ରିଜେଟର୍ | ୪୮ | ୯୬.୦୦ | ଦୁଇ ଚକିଆ ଯାନ | ୪୪ | ୮୮.୦୦ |
| ଟେଲିଫୋନ୍ | ୪୬ | ୯୨.୦୦ | ଚାରି ଚକିଆ ଯାନ | ୧୧ | ୨୨.୦୦ |
| ସାଇକେଲ | ୨୩ | ୪୬.୦୦ | ଜାଳେଣୀ ଗ୍ୟାସ | ୪୩ | ୮୬.୦୦ |
| ବାସବକୁସନ | ୫୦ | ୧୦୦.୦୦ | ଗହଣା | ୧୮ | ୩୬.୦୦ |

ଉପରୋକ୍ତ ସାରଣୀରୁ ଏହା ପରିଲକ୍ଷିତ ହେଲା ଯେ, ୫୦ ଟି ପରିବାର ମଧ୍ୟରୁ ପ୍ରାୟ ସମସ୍ତଙ୍କର ଟେଲିଭିଜନ ଏବଂ ବାସନ କୁସନ ଅଛି । ଏତଦ୍ ବ୍ୟତିତ ୯୬% ପରିବାରର ରେଫ୍ରିଜେଟର୍, ୯୨% ପରିବାରର ମୋବାଇଲ ଫୋନ୍ ଏବଂ ୮୮% ପ୍ରଭାବିତ ପରିବାରର ଦୁଇଚକିଆ ଯାନଅଛି । ଜାଳେଣୀ ଆକାରରେ କାଠ ଏବଂ ଗୋବରର ବ୍ୟବହାର ଗ୍ୟାସର ବ୍ୟବହାରକୁ ଦୁରେଇ ଦେଇଛି । ଏତଦ୍ ବ୍ୟତିତ, ଏହା ମଧ୍ୟ ଦୃଷ୍ଟିଗୋଚର ହେଲା ଯେ, କେତେକ (୨୨%) ଉଚ୍ଚ ବେତନଧାରୀ ପରିବାର ନିକଟରେ ଚାରିଚକିଆ ଯାନ ଅଛି ।  ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟରୁ ସାଇକେଲ (୪୬%). ତିନି ଚକିଆ (୨%) ଏବଂ ଗହଣା (୩୬%) ପ୍ରଭାବିତ ପରିବାର ନିକଟରେ ଉପଲବ୍ଧ ଅଛି ।

### ୩.୫.୭ ସାର୍ବଜନିନ ସୁବିଧା ସୁଯୋଗର ଉପଲବ୍ଧତା

ତଥ୍ୟ ସଂଗ୍ରହ ସମୟରେ ପ୍ରଭାବିତ ପରିବାର ଦ୍ଵାରା ବିଭିନ୍ନ ସେବାର ଉପଲବ୍ଧତା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା । ଉପଲବ୍ଧ ତଥ୍ୟ ଅନୁଯାୟୀ ୯୪% ପରିବାର ପ୍ରକାଶ କରିଥିଲେ ଯେ, ଯେହେତୁ ପ୍ରାଥମିକ ବିଦ୍ୟାଳୟ ନିକଟବର୍ତ୍ତି ଅଞ୍ଚଳରେ ଅଛି ତେଣୁ ଏହା ପିଲାମାନେ ଏଠାରେ ସହଜରେ ପହଞ୍ଚି ପାରୁଛନ୍ତି । ପ୍ରଭାବିତ ପରିବାରରର କହିବା ମୁତାବକ, ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟ ୦.୫ କିଲୋମିଟର ଦୁରତା ମଧ୍ୟରେ ଉପଲବ୍ଧ ହୋଇପାରୁଛି । ସାରଣୀ-୩.୧୧ରେ ଏହା ଦୃଷ୍ଟିଗୋଚର ହେଉଛି ଯେ, ପ୍ରଭାବିତ ପରିବାରର ମନ୍ତବ୍ୟ ଅନୁଯାୟୀ ଡାକ୍ତରଖାନା ଓ ବ୍ଲକ ଅଫିସ୍ ବ୍ୟତିତ ଅନ୍ୟ ସମସ୍ତ ସାଧାରଣ ସୁବିଧା ସୁଯୋଗ ୩ କିଲୋମିଟର ପରିଧି ମଧ୍ୟରେ ଉପଲବ୍ଧ ହେଉଛି ।

**ସାରଣୀ-୩.୧୧ ସାର୍ବଜନିନ ସେବାସୁବିଧାର ଉପଲବ୍ଧତା**

| ସୁବିଧା ସୁଯୋଗ | ୦.୫ କିମି ପର୍ଯ୍ୟନ୍ତ | | ୦.୫ କିମି-୧ କିମି | | ୧କିମି-୨କିମି | | ୨କିମି-୩କିମି | | ୩ କିମି | | ମୋଟ | |
|---|---|---|---|---|---|---|---|---|---|---|---|---|
| | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % |
| ପ୍ରାଥମିକ ବିଦ୍ୟାଳୟ | ୪୭ | ୯୪.୦୦ | ୧ | ୨.୦୦ | ୧ | ୨.୦୦ | ୧ | ୨.୦୦ | ୦ | ୦.୦୦ | ୫୦ | ୧୦୦.୦ |
| ମାଧ୍ୟମିକ ବିଦ୍ୟାଳୟ | ୧୮ | ୩୬.୦୦ | ୨୭ | ୫୪.୦୦ | ୪ | ୮.୦୦ | ୦ | ୦.୦୦ | ୧ | ୨.୦୦ | ୫୦ | ୧୦୦.୦ |
| ମହାବିଦ୍ୟାଳୟ | ୧୯ | ୩୮.୦୦ | ୨୦ | ୪୦.୦୦ | ୦ | ୦.୦୦ | ୧ | ୨.୦୦ | ୧୦ | ୨୦.୦୦ | ୫୦ | ୧୦୦.୦ |
| ନିୟମିତ ବଜାର | ୩ | ୬.୦୦ | ୦ | ୦.୦୦ | ୪ | ୮.୦୦ | ୬ | ୧୨.୦୦ | ୩୭ | ୭୪.୦୦ | ୫୦ | ୧୦୦.୦ |
| ଡାକ୍ତରଖାନା | ୫ | ୧୦.୦୦ | ୧ | ୨.୦୦ | ୨ | ୪.୦୦ | ୪ | ୮.୦୦ | ୩୮ | ୭୬.୦୦ | ୫୦ | ୧୦୦.୦ |
| ବ୍ଲକ ଅଫିସ୍ | ୬ | ୧୨.୦୦ | ୭ | ୧୪.୦୦ | ୦ | ୦.୦୦ | ୦ | ୦.୦୦ | ୩୭ | ୭୪.୦୦ | ୫୦ | ୧୦୦.୦ |
| ପଞ୍ଚାୟତ ଅଫିସ | ୧୦ | ୨୦.୦୦ | ୨୭ | ୫୪.୦୦ | ୧ | ୨.୦୦ | ୯ | ୧୮.୦୦ | ୩ | ୬.୦୦ | ୫୦ | ୧୦୦.୦ |

### ୩.୫.୮ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଓ ଭାଗିଦାରିତା

ପ୍ରଭାବିତ ଗ୍ରାମଗୁଡିକରେ ଲିଂଗ ଆଧାରିତ ନିର୍ଣ୍ଣୟ ନେବାରେ ମହିଳା ସଶକ୍ତିକରଣ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଏବଂ ଘରୋଇ ସ୍ତରରେ ଭାଗିଦାରିତାର ମୂଲ୍ୟାଙ୍କନ କରାଯାଇଥିଲା । ଏହି ପରିପ୍ରେକ୍ଷିରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପୁରୁଷ ଓ ମହିଳାମାନଙ୍କର ଭୂମିକା ସମ୍ପର୍କରେ ଉତ୍ତରଦାତାମାନଙ୍କୁ ପ୍ରଶ୍ନ ପଚରା ଯାଇଥିଲା । ସାରଣୀ ୩.୧୨ରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଓ ଭାଗିଦାରିତାରେ ଉତ୍ତରଦାତାମାନଙ୍କ ମତାମତ ଉପସ୍ଥାପନ କରାଯାଇଛି ।

**ସାରଣୀ ୩.୧୨: ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଓ ଭାଗିଦାରିତା**

| ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା | ପୁରୁଷ | % | ମହିଳା | % | ଉଭୟ | % |
|---|---|---|---|---|---|---|
| ଆର୍ଥିକ ମାମଲା | ୧୧ | ୨୨.୦୦ | ୨ | ୪.୦୦ | ୩୭ | ୭୪.୦୦ |
| ପିଲାମାନଙ୍କ ଶିକ୍ଷା | ୬ | ୧୨.୦୦ | ୧ | ୨.୦୦ | ୪୩ | ୮୬.୦୦ |
| ପିଲାମାନଙ୍କ ସ୍ୱାସ୍ଥ୍ୟ | ୪ | ୮.୦୦ | ୧ | ୨.୦୦ | ୪୫ | ୯୦.୦୦ |
| ସମ୍ପତ୍ତି କ୍ରୟ | ୩ | ୬.୦୦ | ୧ | ୨.୦୦ | ୪୬ | ୯୨.୦୦ |
| ଦୈନନ୍ଦିନ ଗୃହ କର୍ମ | ୩ | ୬.୦୦ | ୧ | ୨.୦୦ | ୪୬ | ୯୨.୦୦ |
| ସାମାଜିକ ଉତ୍ସବ ଏବଂ ବିବାହ | ୪ | ୮.୦୦ | ୧ | ୨.୦୦ | ୪୫ | ୯୦.୦୦ |
| ପରିବାର ନିମନ୍ତେ ମହିଳାମାନଙ୍କ ଆୟ | ୧୧ | ୨୨.୦୦ | ୪ | ୮.୦୦ | ୩୫ | ୭୦.୦୦ |
| ଜମି ଓ ସମ୍ପତ୍ତି | ୧୧ | ୨୨.୦୦ | ୧ | ୨.୦୦ | ୩୮ | ୭୬.୦୦ |
| ଅନ୍ୟାନ୍ୟ | ୧ | ୨.୦୦ | ୧ | ୨.୦୦ | ୪୮ | ୯୬.୦୦ |
| **ମୋଟ** | ୫୦ | ୧୦୦.୦୦ | ୫୦ | ୧୦୦.୦୦ | ୫୦ | ୧୦୦.୦୦ |

ତଥ୍ୟରୁ ଆମେ ଅବଗତ ହେଉଛୁ ଯେ, ସର୍ବେକ୍ଷଣ କରା ଯାଇଥିବା ପ୍ରାୟ ସମସ୍ତ ପରିବାରରେ ଉଭୟ ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଏ । ମଜାଦାର କଥା ଯେ, ୯୦% ପ୍ରଭାବିତ ପରିବାରରେ ଉଭୟ ମହିଳା ଓ ପୁରୁଷ ନିଷ୍ପତ୍ତି ଗ୍ରହଣ କରୁଥିବାର ପରିଲକ୍ଷିତ ହେଲା । ଏହିପରି ପ୍ରଭାବିତ ଗ୍ରାମରେ ମହିଳା ସଶକ୍ତି କରଣ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହେଲା ।

## ୩.୬ ଜମି ଆକଳନ

ଜୀବିକାର ମୂଖ୍ୟଉତ୍ସ ହୋଇଥିବାରୁ ଗ୍ରାମର ଗରିବ ଲୋକମାନଙ୍କ ଦ୍ୱାରା ଜମି ଏକ ମୂଲ୍ୟବାନ ସମ୍ପତ୍ତି ଭାବରେ ପରିଗଣିତ ହୋଇଥାଏ । ଭୂମି ସହ ସେମାନଙ୍କ ଭାବଗତ ସମ୍ପର୍କ ଅଛି ଏବଂ ଜମି ଉପରେ ମାଲିକାନା, ଗ୍ରାମୀଣ ସମାଜରେ ଏକ ସାମାଜିକ ସ୍ଥିତି ହିସାବରେ ପରିଗଣିତ କରାଯାଏ । ଏକ ଲମ୍ବା ବଂଶାନୁକ୍ରମ ସହିତ ଅଦ୍ୟାବଧି ଜମିର ମାଲିକାନା ପୁର୍ବପୁରୁଷମାନଙ୍କ ନାମରେ ରହିଛି । ସେ ଯାହାହେଉ, ଏହି ପରିପ୍ରେକ୍ଷିରେ ଅରଗୁଲ ଏବଂ ହରିପୁରଗ୍ରାମ ମଧ୍ୟରେ ଖୋର୍ଦ୍ଧାରୋଡ୍ ବାଇପାସ୍ ଲାଇନ ନିର୍ମାଣ ପ୍ରକଳ୍ପ ନିମନ୍ତେ, ବିଭିନ୍ନ ପ୍ରକାରର ଜମି ଅଧିଗ୍ରହଣ କରାଯିବ । ଜମି ଅଧିଗ୍ରହଣ ସନ୍ଦର୍ଭରେ ପୁର୍ବରୁ ଯେପରି ଆଲୋଚନା କରାଯାଇଛି, ବିଭିନ୍ନ ପ୍ରକାରର ଜମି ଅଧିଗ୍ରହଣ କରାଯିବ । ପୁର୍ବରୁ ଆଲୋଚନା କରାଯାଇଥିବା ମୁତାବକ, ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ଗୋଡିପୁଟ ମାଟିଆପଡ଼ା ଗ୍ରାମରେ ସମୁଦାୟ ୯.୭୬୦ ଏକର ବେସରକାରୀ ଜମି ପ୍ରଭାବିତ ହେବ ଏବଂ ଯେଉଁଥିରୁ କି ୫.୧୪୫ ଏକର ଜମି ଅଧିଗ୍ରହଣ କରାଯିବ ।

### ୩.୬.୧ ଜମି ଜୋତ : ପ୍ରକାର ଏବଂ ବ୍ୟବହାର

ଜମିର ଆକଳନ ପ୍ରଦର୍ଶିତ କରୁଛି ଯେ, ପ୍ରଭାବିତ ଗ୍ରାମରେ ପ୍ରଭାବିତ ଲୋକମାନଙ୍କ ମାଲିକାନାରେ ସମୁଦାୟ ୩୨.୫୨ଏକର ଜମି ଅଛି, ଯେଉଁଥିରୁ କି, ୨୬.୫୨ଏକର ଜମି ସମ୍ପୂର୍ଣ୍ଣ ଭାବରେ ବେସରକାରୀ ବ୍ୟକ୍ତିମାନଙ୍କ ମାଲିକାନାରେ ଅଛି । ପରବର୍ତ୍ତୀ ସର୍ବାଧିକ ଅନୁପାତ ୬ ଏକର ଅନ୍ୟାନ୍ୟ ବର୍ଗ ଯଥା ଜବରଦଖଲ, ସୀମିତ ସମୟ ନିମନ୍ତେ ଲିଜ ଇତ୍ୟାଦି ଅନ୍ତର୍ଭୁକ୍ତ । ସର୍ବେକ୍ଷଣ ରୁ ମିଳିଥିବା ପ୍ରାଥମିକ ତଥ୍ୟ ରୁ ଜଣା ପଡୁଛି ଲୋକମାନଙ୍କର ନିଜ ଜମି ବ୍ୟତିତ କୌଣସି ଜଂଗଲ ଜମି ନାହିଁ ।




ଚିତ୍ର ୩.୭- ଜଳସେଚନ ଅନୁଯାୟୀ ଜମିର ପ୍ରକାର

ଜଳସେଚନ ଦୃଷ୍ଟିରୁ ଜମି କୁ ଦେଖିଲେ ଏହା ପରିଲକ୍ଷିତ ହେଉଛି ଯେ, ପ୍ରଭାବିତ ପରିବାରର ଦଖଲରେ ଥିବା ସମସ୍ତ ପ୍ରଭାବିତ ଜମିର ପ୍ରାୟ ୧୧% ଜଳସେଚନ କିସମର ଅଟେ । ଏହାର ଅର୍ଥ ପ୍ରଭାବିତ ଜମିର ଅଧିକାଂଶ ଭାଗ (୮୯%) ଅଣ-ଜଳସେଚିତ ଅଟେ । ବାସ୍ତବିକ ଏହା ଗୋଟିଏ ଚିନ୍ତାର ବିଷୟ ଯେ, ଆଗାମୀ ପ୍ରକଳ୍ପ ହେତୁ ଜଳସେଚିତ ଜମିର ପ୍ରାୟ ୧୧ ପ୍ରତିଶତ ପ୍ରଭାବିତ ହେବାକୁ ଯାଉଛି । କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ଏହା ପରିଲକ୍ଷିତ ହେଲା ଯେ, ପ୍ରଭାବିତ ଲୋକମାନେ ତାଙ୍କ ଜମି ନିମନ୍ତେ ଉପଯୁକ୍ତ ଜଳସେଚନ ସୁବିଧା ଦାବି କରିଛନ୍ତି । ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଜମି ବ୍ୟବହାର ପ୍ରଣାଳୀ ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କ ଆର୍ଥିକ ସ୍ଥିତିର ପ୍ରମୁଖ ନିର୍ଦ୍ଧାରକ ଅଟେ । ଗ୍ରାମୀଣ ଅର୍ଥ ବ୍ୟବସ୍ଥାରେ କୃଷି ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସର୍ବେକ୍ଷଣ କରାଯାଇଥିବା ଗ୍ରାମରେ ଏହା ଉପଲବ୍ଧ ହେଲା ଯେ, ସମୁଦାୟ ୩୨.୫୨ଏକର ଜମିରୁ ସର୍ବାଧିକ ୧୮.୧୪ ଏକର (୫୮.୭୮%) ଜମି ଚାଷ କାର୍ଯ୍ୟରେ ବ୍ୟବହାର ହୁଏ ଏବଂ ୫.୫୬ ଏକର (୧୭.୧%) ଜମି ପ୍ରଭାବିତ ପରିବାର ଦ୍ୱାରା ବାସଗୃହ ଆକାରରେ ବ୍ୟବହାର ବ୍ୟବହାର ହୁଏ । ଏହାମଧ୍ୟ ଜଣା ପଡିଲା ଯେ ପ୍ରଭାବିତ ଗ୍ରାମରେ ୨.୮୯ ଏକର ପତିତ ଜମି ଅଛି, ଯାହାକି ଅବ୍ୟବହୃତ ଆକାରରେ ପଡି ରହିଛି । ଏତଦ୍ ବ୍ୟତିତ ୫.୯୩ ଏକର (୧୮.୨୩%) ଜମି ଅନ୍ୟ କାର୍ଯ୍ୟ ନିମନ୍ତେ ବ୍ୟବହାର କରାଯାଏ । ଏହିପରି ଭାବରେ, ଆମେ ଅବଗତ ହେଲୁ ଯେ, ଲୋକମାନେ ଚାଷ କାର୍ଯ୍ୟ ନିମନ୍ତେ ଜମିର ଏକ ମୁଖ୍ୟ ଅଂଶ ବ୍ୟବହାର କରୁଛନ୍ତି, କାରଣ ଲୋକମାନଙ୍କ ମଧ୍ୟରୁ ଅଧିକତର ଲୋକ କୃଷି ଉପରେ ନିର୍ଭର କରନ୍ତି କାରଣ ଏହା ସେମାନଙ୍କର ଜୀବିକାର ଦ୍ୱିତୀୟ ମୁଖ୍ୟ ସ୍ରୋତ ଅଟେ । ପୁର୍ବ ଆଲୋଚନା ପ୍ରକାରରେ ସର୍ବେକ୍ଷଣ କରାଯାଇଥିବା ୭୫% ପରିବାର ଦରମା ଭିତ୍ତିକ ଓ ବ୍ୟବସାୟିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି କିନ୍ତୁ




ଚିତ୍ର ୩.୮ - ଜମିର ବ୍ୟବହାର ପ୍ରଣାଳୀ

ଆମ୍ଭେମାନେ ଯେତେବେଳେ ଆୟର ଦ୍ୱିତୀୟ ମୁଖ୍ୟ ଉତ୍ସ ସମ୍ବନ୍ଧରେ ବିଶ୍ଳେଷଣ କଲୁ ଏହା ପରିଲକ୍ଷିତ ହେଲା ଯେ, କୃଷି ସେମାନଙ୍କୁ ଦ୍ୱିତୀୟ ସର୍ବାଧିକ ଆୟର ଉତ୍ସ ଅଟେ ।

**୩.୬.୨ ପ୍ରକଳ୍ପ ଜମି : ପ୍ରଭାବିତ ଏବଂ ଅଧିଗ୍ରହଣ କରାଯାଇଥିବା**

ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ଗୋଟିଏ ରେଖାକୃତି ପ୍ରକଳ୍ପ ଏବଂ ଜମି ଅଧିଗ୍ରହଣ ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ଅଟେ ଯେଉଁଠାରେ କି ରେଳପଥ ନିର୍ମାଣ କରିବାର ଯୋଜନା କରାଯାଇଛି । ତେଣୁ ରେଳପଥ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମି ନିହାତି ଆବଶ୍ୟକ ଜମି ଅଟେ । ଏହି ପ୍ରକାରରେ, ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଭୂମି ସର୍ବନିମ୍ନ ଆବଶ୍ୟକତା ଅଛି, ଯାହା ଗୋଡିପୁଟ ମାଟିଆପଡ଼ା ଗ୍ରାମର ପ୍ରଭାବିତ ପରିବାର ରେ ଉପଲବ୍ଧ ସମୁଦାୟ ଜମିର ଛୋଟ ଅଂଶ ଅଟେ । ସାରଣୀ-୩.୧୩ ପ୍ରଭାବିତ ଗ୍ରାମରେ ପ୍ରଭାବିତ ଜମିର କେତେ ଶତାଂଶ ଅଧିଗ୍ରହଣ କରାଯିବ ସେ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରାଯାଇଛି ।

**ସାରଣୀ-୩.୧୩ ପ୍ରଭାବିତ ଗ୍ରାମରେ ପ୍ରଭାବିତ ଜମି ଏବଂ ଅଧିଗ୍ରହଣ କରାଯାଉଥିବା ଜମିର ଶତକଡା**

| ମାଲିକାନାରେ ଥିବା ସମୁଦାୟ ଜମି | ପ୍ରଭାବିତ ପ୍ଲଟର ସମୁଦାୟ ଅଞ୍ଚଳ (ଏକରରେ ) | ଅଧିଗ୍ରହଣ କରାଯାଉଥିବା ଜମି | ସମୁଦାୟ ଜମିରୁ କ୍ଷତିଗ୍ରସ୍ତ ହେଉଥିବା ଜମିର ଶତାଂଶ | ସମୁଦାୟ କ୍ଷତିଗ୍ରସ୍ତ ଜମିରୁ ଅଧିଗୃହିତ ହେଉଥିବା ଜମିର ଶତାଂଶ |
|---|---|---|---|---|
| ୩୨.୫୨୦ | ୯.୭୬୦ | ୫.୧୪୫ | ୩୦.୦ | ୫୨.୭ |

ସର୍ବେକ୍ଷଣରୁ ଏହା ସ୍ପଷ୍ଟ ଯେ ସମୁଦାୟ ବେସରକାରୀ ଜମି ମଧ୍ୟରୁ ମାତ୍ର ୯.୭୬୦ ଏକର ଜମି ପ୍ରଭାବିତ ହେବ ଯାହାକି ସର୍ବେକ୍ଷଣ ପରିବାର ସମୁଦାୟ ଜମିର ୩୦% । ଏହା ବ୍ୟତିତ ୯.୭୬୦ଏକର ସମୁଦାୟ ପ୍ରଭାବିତ ଜମି ମଧ୍ୟରୁ ୫.୧୪୫ଏକର ଜମି ଏହି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯିବ ଯାହାକି ପ୍ରଭାବିତ ଜମିର ୫୨.୭% ଅଟେ । ସେ ଯାହାହେଉ ଜମି ଏକ ଦୁର୍ଲଭ ସଂଶାଧନ ଅଟେ ଏବଂ ଏହା ସେହି ଲୋକମାନଙ୍କ ନିମନ୍ତେ ମହତ୍ତ୍ୱପୁର୍ଣ୍ଣ ଅଟେ ଯେଉଁମାନନାକର ଜୀବନ ଓ ଜୀବିକା ମୁଳ ରୂପରେ ଏହି ଜମି ଉପରେ ନିର୍ଭରଶିଳ । ଏହି ପରି ଏହି ପରିବାରକୁ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ଉଚିତ ରୁପରେ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ ଯେପରିକି ସେମାନେ ଦୁର୍ବଳ ବର୍ଗକୁ ଖସିବେ ନାହିଁ ।

ଆହୁରି ମଧ୍, ଏହା ଜାଣିବା ନିମନ୍ତେ ପ୍ରୟାସ କରାଯାଇଛି କି, ପ୍ରଭାବିତ ଗ୍ରାମରେ କୃଷି ମଜଦୁରୀ ଏବଂ ଭାଗ ଚାଷୀ ମାନେ ପ୍ରଭାବିତ ଜମି ଉପରେ ନିର୍ଭର କରନ୍ତି ନାହିଁ । ଏ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ ଅଛି କାରଣ ଏହି ପ୍ରକାର ଜମି ଉପରେ ଅତ୍ଯିକ ନିର୍ଭରଶିଳତା ଜୀବିକାହାନିର କାରଣ ହୋଇପାରେ । ଏହି ସନ୍ଦର୍ଭରେ ଏହା ଉପଲବ୍ଧ ହେଲା ଯେ, ଗ୍ରାମରେ ଆୟୋଜନ କରାଯାଇଥିବା କେନ୍ଦ୍ରୀଭୂତ ଦଳଗତ ଅଲୋଚନାରୁ ଜଣାପଡିଲା ଯେ, କୃଷି ଶ୍ରମିକ ଏବଂ ଭାଗ ଚାଷୀ ଏହି ଜମି ଉପରେ ନିର୍ଭର କରୁ ନାହାନ୍ତି ।

---------------------------

# ଅଧ୍ୟାୟ-୪ ସାମାଜିକ ପ୍ରଭାବ ର ଆକଳନ

## ୪.୧ ପ୍ରଭାବ ଚିହ୍ନଟ କରିବା ନିମନ୍ତେ ଢାଞ୍ଚା ଓ ପ୍ରଣାଳୀ

ଏକ ପ୍ରକଳ୍ପର ସାମାଜିକ ପ୍ରଭାବ ଚିହ୍ନଟ କରିବା ନିମନ୍ତେ ଏସ ଆଇ ଏ ଅଧ୍ୟୟନର ପ୍ରମୁଖ ଅବୟବ ଅଟେ । ସାମାଜିକ ପ୍ରଭାବ ପରିବାର ସକ୍ଷାତକାର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା, ପି ଆର ଏ କୌଶଳ, ପ୍ରଭାବିତ ଲୋକମାନଙ୍କ ପ୍ରତିକ୍ରିୟା ଆଦି ବ୍ୟବହାର କରାଯାଇଥିଲା। ଏବଂ ପ୍ରକଳ୍ପର ପ୍ରଭାବ ଜାଣିବା ନିମନ୍ତେ ଏ ସବୁର ଏକତ୍ର ବିଶ୍ଳେଷଣ କରାଯାଇଥିଲା । ବ୍ୟକ୍ତିଗତ ହିତାଧିକାରୀମାନଙ୍କ ସହ ସମ୍ପର୍କ ସ୍ଥାପନ ଏବଂ ଗ୍ରାମସ୍ତରର ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଥିଲା ।

ପ୍ରକଳ୍ପ ଦ୍ୱାରା ଜମି ଅଧିଗ୍ରହଣ ସାଧାରଣତଃ ଜମିର ହାନି ଏବଂ ଜନବସତିର ବିସ୍ଥାପନ କରିଥାଏ । କିନ୍ତୁ ବର୍ତ୍ତମାନ ଘଟଣାରେ ଏହି ପ୍ରକଳ୍ପର ଲୋକମାନଙ୍କ ବସ୍ତିକୁ ପୁନର୍ବାସ ନିମନ୍ତେ ବିସ୍ଥାପିତ କରାଯାଉନାହିଁ । ଭୂମିହାନି ଓ ବୃକ୍ଷାଦି ପ୍ରାକୃତିକ ସଂପଦର ହାନି ମୁଖ୍ୟ ଚିନ୍ତାର ବିଷୟ । ଏହି ପ୍ରଭାବରେ ଭୂମିର ହାନି, ରୋଜଗାର ସୁଯୋଗରେ ହ୍ରାସ, ଉପଯୁକ୍ତ ଭାବରେ ସ୍ଥାନୀୟ ଲୋକମାନଙ୍କର ବିସ୍ଥାପନ, ସ୍ଥାନୀୟ ଗତିଶୀଳତା ଏବଂ ପର୍ଯ୍ୟାବରଣରେ ପ୍ରଦୂଷଣରେ ପରିବର୍ତ୍ତନ ସାମିଲ ଅଛି । ପ୍ରକଳ୍ପର ପ୍ରଭାବର ପ୍ରକୃତି ଏବଂ ସୀମା ବିଭିନ୍ନ ସମୁଦାୟ ନିମନ୍ତେ ଭିନ୍ନ ଭିନ୍ନ ଅଟେ ।

## ୪.୨ ପ୍ରକଳ୍ପର ଲାଭ : ସାମାଜିକ ଏବଂ ଅର୍ଥନୈତିକ

ପ୍ରସ୍ତାବିତ ପ୍ରକଳ୍ପ ପରିବାର ସଙ୍ଗେ ସଙ୍ଗେ ସ୍ଥାନୀୟ ଗୋଷ୍ଠୀ ନିମନ୍ତେ ବିଭିନ୍ନ ପ୍ରକାରର ଲାଭ କରିଥାଏ । ଏହିପରି, ପ୍ରକଳ୍ପ ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ ସମୟରେ ସାମାଜିକ ଏବଂ ଆର୍ଥିକ ଲାଭର ମୂଲ୍ୟାଙ୍କନ କରାଯାଇଥିଲା ଏବଂ ଏହା ଉପଲବ୍ଧ ହୋଇଥିଲା ଯେ, ସର୍ବେକ୍ଷଣ କରାଯାଇଥିବା ୫୦ଟି ପରିବାରରେ ୪୬ (୯୨%) ଲୋକ ପ୍ରକଳ୍ପର ଲାଭ ସମ୍ବନ୍ଧରେ ସହମତ ହୋଇଥିଲେ  ଯେତେବେଳେ କି ପ୍ରକଳ୍ପର ଲାଭ ସମ୍ବନ୍ଧୀତ ପ୍ରଶ୍ନରେ ୪ ଟି ପରିବାର ଚୁପ ରହିଥିଲେ । ସେ ଯାହାହେଉ ପ୍ରକଳ୍ପର ସାମାଜିକ ଲାଭ ରୁ ଜଣା ପଡୁଛି କି ସର୍ବାଧିକ ୮୪.୭୮% (୩୯) ଜଣ କହିଲେ ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବ । ଅନ୍ୟାନ୍ୟ ଲାଭ ମଧ୍ୟରେ ୮.୭% (୪) ଟି ପରିବାର କହିଲେ ବାହାର ସଂସ୍କୃତି କାରଣରୁ ନୂତନସଂସ୍କୃତି ସମ୍ବନ୍ଧରେ ଜ୍ଞାନପ୍ରାପ୍ତି ହେବାର ସୁଯୋଗ ପ୍ରାପ୍ତ ହେବ । ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ପ୍ରକଳ୍ପ କାରଣରୁ ସ୍ୱାସ୍ଥ୍ୟ ଉପଚାରରେ ସୁବିଧା ପ୍ରାପ୍ତ ହେବ ଏହା ୩ ଟି ପରିବାର କହିଥିଲେ ।

ସର୍ବେକ୍ଷଣ କରାଯାଇଥିବା ପରିବାର ପ୍ରକଳ୍ପ ହେତୁ ଆର୍ଥିକ ଲାଭ ସମ୍ବନ୍ଧରେ ମଧ୍ୟ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ଏଥିରୁ ଜଣା ପଡିଥିଲା ଯେ, ସର୍ବେକ୍ଷଣ କରାଯାଇଥିବା ୪୬ଟି ପରିବାର (ଯେଉଁମାନେ କି ପ୍ରକଳ୍ପ ର ଲାଭ ସମ୍ବନ୍ଧରେ ମତାମତ ଦେଇଥିଲେ ) ମଧ୍ୟରୁ ୮୦.୪୩% (୩୭) ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ପ୍ରକଳ୍ପ ହେତୁ ସମ୍ପତ୍ତିର ମୂଲ୍ୟ ବୃଦ୍ଧି ଘଟିବ ବୋଲି ମତ ପ୍ରକାଶ କରିଥିଲେ । କେତେକ ପରିବାର ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ ବୃଦ୍ଧି ପାଇବ ବୋଲି ମଧ୍ୟ ପ୍ରକାଶ କରିଥିଲେ । ଏହିପରି ଏହା କୁହା ଯାଇପାରେ ଯେ, ପ୍ରକଳ୍ପ ସ୍ଥାନୀୟ ଲୋକମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ସୁଯୋଗ ସୃଷ୍ଟି କରିବ ।

### ୪.୩ ଜମି କ୍ଷତି ହେତୁ ପ୍ରଭାବ

ଅଧ୍ୟାୟ- ୩ ରେ ଯେପରି ଆଲୋଚନା କରାଯାଇଛି ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କର ମାଲିକାନାରେ ଥିବା ସମୁଦାୟ ଜମିର ୩୦% ପ୍ରଭାବିତ ହେବ ଏବଂ ପ୍ରଭାବିତ ହେଉଥିବା ଜମିର ୫୨.୭% ଅଧିଗ୍ରହଣ କରାଯିବ । ଏହିପରି ଏହା ଲୋକମାନଙ୍କ ଜୀବିକା ଓ ଆୟକୁ ପ୍ରଭାବିତ କରିବ ଏବଂ କେତେକ ଲୋକ ତାଙ୍କ ମାଲିକାନାରେ ଥିବା ଜମିର ପ୍ରଧାନ ଅଂଶ ହରାଇ ପାରନ୍ତି, ଯେତେବେଳେ କି ଅନ୍ୟ କେତେକ ସାମାନ୍ୟ ଭାବରେ ପ୍ରଭାବିତ ହୋଇପାରନ୍ତି । ଜମି ଅଧିଗ୍ରହଣ ପରେ ଲୋକମାନଙ୍କ ଚଳଣିରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଏହା ମଧ୍ୟ ଦୃଷ୍ଟି ଗୋଚର ହେଉଛି ଯେ, ବଡଚାଷୀ ମାନନ୍କଠାରୁ ଛୋଟଚାଷୀ ମାନେ ଅଧିକ କ୍ଷତିଗ୍ରସ୍ତ ହେବେ । ଏହି ସବୁ ସମସ୍ୟାକୁ କମ କରିବା ନିମନ୍ତେ ଆବଶ୍ୟକ ପନ୍ଥା ଗ୍ରହଣ କରିବାକୁ ପଡିବ ଯେପରି କି ଜମି ହରାଉଥିବା ପରିବାର କୃଷିକୁ ଜୀବିକା ହିସାବରେ ପୁନଃ ସ୍ଥାପନ କରିବା ନିମନ୍ତେ ଅତିରିକ୍ତ ଜମି କିଣିପାରିବ । ଅନ୍ୟ ପଟରେ ପ୍ରକଳ୍ପ ଅଧିକାରୀ ପ୍ରକଳ୍ପ ପ୍ରଭାବିତ ପରିବାରର ଜୀବିକା ପୁନଃ ସ୍ଥାପନ କରିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ ଯେପରିକି ତାଙ୍କର ବିଶିଷ୍ଟ ଆବଶ୍ୟକତା ଗୁଡିକଉପରେ ଧ୍ୟାନକେନ୍ଦ୍ରିତ କରି ନିଜର ଜୀବନ ସ୍ତର ଉନ୍ନତି କରିପାରିବେ । କେତେକ ଜମି ଅଧିଗ୍ରହଣ ପରେ ଚାଷ କରିବା ନିମନ୍ତେ ଉପଯୁକ୍ତ ହୋଇନପାରେ । ପ୍ଲଟର ସମୁଦାୟ ଜମି ଅଧିଗ୍ରହଣ କରାଯିବା ଆବଶ୍ୟକ ଏବଂ ପ୍ଲଟର ମାଲିକ ଅନ୍ୟ ଜମି କିଣିବା ନିମନ୍ତେ କ୍ଷତିପୂରଣ ପାଇବା ଆବଶ୍ୟକ ।

### ୪.୪ ଭାଗଚାଷୀ, ଶ୍ରମିକ ଏବଂ ଦୁସ୍ଥ ପରିବାର ଉପରେ ପ୍ରଭାବ

ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣର ପ୍ରଭାବ ସମସ୍ତ ପ୍ରଭାବିତ ଲୋକମାନଙ୍କ ନିମନ୍ତେ ଏକାପ୍ରକାର ହେବ ନାହିଁ । ବିଭିନ୍ନ ଗୋଷ୍ଠୀର ଲୋକ ଯଥା ଭାଗ ଚାଷୀ, ଶ୍ରମିକ ଏବଂ ଦୁସ୍ଥ ପରିବାର ଉପରେ ଅଲଗା ଅଲଗା ପ୍ରକାରର ପ୍ରଭାବ ପକାଇବ । ସେ ଯାହା ହେଉ ଅଧ୍ୟୟନ କରାଯାଇଥିବା ଗ୍ରାମରେ କୌଣସି ଭାଗଚାଷୀ ବା ଶ୍ରମିକ ନାହାନ୍ତି କିନ୍ତୁ କିଛି ଦୁସ୍ଥ ପରିବାର ଅର୍ଥାତ ଅନୁସୂଚିତ ଜାତି ପରିବାର ଏବଂ ମହିଳାମୂଖ୍ୟ ପରିବାର ଅନ୍ୟ ତୁଳନାରେ ବିପରୀତ ଅବସ୍ଥାରେ ବହୁତ ବିପଦର ସମ୍ମୁଖିନ ହେବେ । ଏହି ଦଳ ସାଧାରଣ ଭାବରେ ଗରିବ ଓ ସମ୍ପତ୍ତି ଶୁନ୍ୟ । ସଂଗଠିତ ଋଣକ୍ଷେତ୍ରରୁ ଋଣ ପାଇବା ନିମନ୍ତେ ସେମାନେ ଯାଇପାରନ୍ତି ନାହିଁ ଏବଂ ବେସରକାରୀ ଋଣ ବଜାର ସେମାନଙ୍କ ନିକଟରୁ ବହୁତ ଦୁର କାରଣ ଉଧାର ପାଇବା ନିମନ୍ତେ ସମମୂଲ୍ୟର ସମ୍ପତ୍ତି ବନ୍ଧକ ରଖିବାକୁ ସେମାନଙ୍କ ପାଖରେ କିଛି ନାହିଁ ।

ଏହି ଲୋକମାନଙ୍କ ପାଖରେ ପୁରା ପରିବାର ପୁରା ବର୍ଷକର ସହଯୋଗ ପାଇବା କୁ ଏମାନଙ୍କ ନିକଟରେ ପର୍ଯ୍ୟାପ୍ତ ଜମି ବା ରୋଜାଗାର ନାହିଁ ଏମାନେ ପ୍ରକଳ୍ପର ପ୍ରତିକୂଳ ପ୍ରଭାବକୁ ସମ୍ମୁଖିନ କରିପାରିବେ ନାହିଁ । ଏହି ପ୍ରକାରରେ ଏହି ଦୁସ୍ଥ ପରିବାରକୁ କ୍ଷତିପୂରଣ ପ୍ରଦାନ ସମୟରେ ଆର ଏଫ୍ ଟି ଏଲ୍ ଆର ଆର୍ ପ୍ରକ୍ରିୟାରେ ଧ୍ୟାନ ଦେବା ଆବଶ୍ୟକ ଅଟେ ।

### ୪.୫ ଜୀବିକା ଉପରେ ପ୍ରଭାବ

ଅଧିକାଂଶ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ ଯେ, ଜମି ଅଧିଗ୍ରହଣ ହେତୁ ପ୍ରଭାବିତ ଲୋକସଂଖ୍ୟା ଉପରେ ବିପରିତ ପ୍ରଭାବ ପଡିଥାଏ । ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ବର୍ଦ୍ଧିତ ଅର୍ଥନୈତିକ କାର୍ଯ୍ୟକ୍ରମ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ସମୟରେ ସେମାନଙ୍କ ନିମନ୍ତେ ସିଧାସଳଖ ମଜୁରୀ କାମ ସୃଷ୍ଟି ହୋଇପାରିବ । ଏହା ସତ୍ୟ ଯେ, ପ୍ରକଳ୍ପ ଅଞ୍ଚଳରେ ବସବାସ କରୁଥିବା କୁଶଳୀ ଯୁବକ ଏବଂ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାର ଏହି ପ୍ରକାର କାର୍ଯ୍ୟ କରିବାକୁ ସକ୍ଷମ ନୁହନ୍ତି । ସେ ଯାହାହେଉ ରୋଜଗାର ପାଇବାର ସମ୍ଭାବନା ଏମାନଙ୍କୁ ପ୍ରଶିକ୍ଷଣ ଓ ଆବଶ୍ୟକ କୌଶଳ ଶିକ୍ଷା କରିବାକୁ ପ୍ରେରଣା ଯୋଗାଇବାରେ ସହଯୋଗ କରିବ ଯଦ୍ୱାରା କି ଉଦ୍ୟୋଗିକ କ୍ଷେତ୍ରରେ ଆୟ କରିବାକୁ ଯୋଗ୍ୟ

ହୋଇପାରିବେ । ପ୍ରକଳ୍ପ ଅଞ୍ଚଳରେ କେତେକ ପ୍ରଭାବିତ ଲୋକ ଛୋଟ ଛୋଟ ବ୍ୟବସାୟ କରି ତାଙ୍କ ଜୀବିକା ଅର୍ଜନ କରୁଛନ୍ତି । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଏହା ଜଣା ପଡିଲା ଯେ, ଏହି ଲୋକମାନେ ବିସ୍ଥାପିତ ହେବେ ଏବଂ ସେମାନଙ୍କ ଜୀବିକା ହରାଇବେ ଯାହାକି ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ । ତେଣୁ ସେମାନଙ୍କର କ୍ଷତି ହେଉଥିବା ବ୍ୟବସାୟ ଦିନ ଏବଂ ଜିନିଷ ସ୍ଥାନାନ୍ତର ଖର୍ଚ୍ଚକୁ ମିଶାଇ କ୍ଷତିପୂରଣ ପ୍ରଦାନ କରିବାକୁ ପଡିବ । ଅନ୍ୟ ପକ୍ଷରେ ସ୍ଥାନୀୟ ଲୋକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସେମନକର ଯୋଗ୍ୟତା ଅନୁଯାୟୀ ଚାକିରି ଦେବାକୁ ପଡିବ । ସେମାନକର ଦକ୍ଷତା ବୃଦ୍ଧି ନିମନ୍ତେ ଉପଯୁକ୍ତ ପ୍ରଶିକ୍ଷଣ ସଂସ୍ଥାକୁ ବିକଶିତ କରିବା ଆବଶ୍ୟକ ।

### **୪.୬ ସର୍ବସାଧାରଣ ସମ୍ପତ୍ତି ଉପରେ ପ୍ରଭାବ**

କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଅବଗତ ହେଲା ଯେ, ପ୍ରସ୍ତାବିତ ବାଇପାସ ହେତୁ ୦.୪୫ ଏକର ମନ୍ଦିର ଜମିକୁ ଛାଡିଦେଲେ ଗ୍ରାମରେ ଅନ୍ୟ କୌଣସି ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେଉନାହିଁ । ଏହିପରି ଗ୍ରାମର ଲୋକମାନେ ମନ୍ଦିର ଜମିର କ୍ଷତି ନିମନ୍ତେ ଉପଯୁକ୍ତ କ୍ଷତିପୁରନ ଦାବି କରୁଛନ୍ତି ।

### **୪.୭ ସ୍ଥାନୀୟ ବ୍ୟବସାୟ ଉପରେ ପ୍ରଭାବ**

ସର୍ବେକ୍ଷଣରୁ ଯାହା ଜଣାପଡିଲା, ପ୍ରାୟ ୨୦% ପରିବାର ତାଙ୍କ ପରିବାରର ଜୀବିକା ଅର୍ଜନ ନିମନ୍ତେ ବିଭିନ୍ନ ବ୍ୟବସାୟ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପ୍ରସ୍ତାବିତ ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ପ୍ରକଳ୍ପ ହେତୁ ସେମାନଙ୍କ ବ୍ୟବସାୟରେ କ୍ଷତି ହୋଇପାରେ । ପ୍ରକଳ୍ପର ଲାଭ ସମ୍ବନ୍ଧରେ ପ୍ରଶ୍ନ ପଚାରିବାରୁ, ସର୍ବେକ୍ଷଣ କରାଯାଇଥିବା ପରିବାର ମଧ୍ୟରୁ ୭୮% ନିରବ ରହିଲେ ଏବଂ ୧୮ ପ୍ରତିଶତ ପରିବାର ପ୍ରକଳ୍ପ ହେତୁ ଚାଲୁଥିବା ବ୍ୟବସାୟ କ୍ଷେତ୍ରରେ ଲାଭହେବା ସମ୍ବନ୍ଧରେ ରାଜି ହେଲେନାହିଁ । ମୋଟାମୋଟି ଭାବରେ ଏହା ଅନୁଭୁତ ହେଉଛି ଯେ ଲୋକମାନେ ତାଙ୍କ ବ୍ୟବସାୟକୁ ଚାଲୁ ରଖିବାରେ ସମସ୍ୟାର ସମ୍ମୁଖିନ ହେବେ ଏବଂ ପ୍ରକଳ୍ପ ଅଧିକାରୀ ଏ ସମ୍ବନ୍ଧରେ ଯତ୍ନବାନ ହେବା ଅବଶ୍ୟକ । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଭାଗ ନେଇଥିବା ବ୍ୟକ୍ତିମାନେ ଉତ୍ତମ କ୍ଷତିପୂରଣ ସହିତ ବ୍ୟବସାୟ ନଷ୍ଟ ହେଉଥିବା ଦିନ ମାନଙ୍କ ନିମନ୍ତେ ଏବଂ ସ୍ଥାନାନ୍ତରଣ ଖର୍ଚ୍ଚ ପ୍ରଦାନ କରିବାକୁ ଦାବି କଲେ ।

### **୪.୮ ସଚେତନତା ଏବଂ ପ୍ରଭାବିତ ପରିବାରର ଆଶା**

ତଥ୍ୟ ସଂଗ୍ରହ ସମୟରେ ଏବଂ ବିଭିନ୍ନ ହିତାଧିକାରୀମାନଙ୍କ ସହିତ ଆଲୋଚନା ସମୟରେ ଏହା ଭାଲ୍ଭ ଭାବରେ ବୁଝି ହେଲା ଯେ, ପ୍ରସ୍ତାବିତ ପ୍ରକଳ୍ପର ନିର୍ମାଣ ସଂକ୍ରାନ୍ତରେ ଅବଗତ ଅଛନ୍ତି । ସମସ୍ତ ଗ୍ରାମବାସୀ ମତାମତ ଦେଲେ ଯେ, ବ୍ୟକ୍ତିଗତ ଭାବରେ ଲୋକମାନେ, କ୍ଷତିପୂରଣ, ନିଯୁକ୍ତି ସୁଯୋଗ, ଅଧିକ ରେଳ ଚଳାଚଳ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଏବଂ ମାଲ ପରିବହନରେ ସହାୟକ ହେବ ।




**ଚିତ୍ର ୪.୧ କ୍ଷତିପୂରଣ ପାଇବା ନିମନ୍ତେ ଉତ୍ତରଦାତା ମାନନକର ସହାୟତାର ଆଶା**

ପ୍ରକଳ୍ପ ସହାୟତା ସମ୍ବନ୍ଧରେ ଯଥା; ୫୪% ସର୍ବେକ୍ଷଣ ପରିବାର ଜମି କ୍ଷତି ନିମନ୍ତେ ଆର୍ଥିକ ସହାୟତା ପାଇବା ନିମନ୍ତେ ମତାମତ ଦେଲେ ଏବଂ ଅନ୍ୟାନ୍ୟ ବିକଳ୍ପର

ପରିମାଣ ଖୁବ୍ କମ୍ ଥିଲା ଯେହେତୁ ୮% ନିଜସ୍ୱ ଉଦ୍ୟମରେ ପୁନର୍ବାସ ବ୍ୟବସ୍ଥା କରିବାକୁ ଚାହୁଁଥିବାବେଳେ, ଅନ୍ୟାନ୍ୟ ବିକଳ୍ପ ସମ୍ବନ୍ଧରେ ୪% ମତ ପ୍ରଦାନ କରିଥିଲେ । ସେହିପରି ପ୍ରାୟ ୯୮% ସର୍ବେକ୍ଷଣ କରାଯାଇଥିବା ପରିବାର ତାଙ୍କ ଜମିର କ୍ଷତି ନିମନ୍ତେ ଆୟ ପୁନଃ ସଂସ୍ଥାପନ ବିକଳ୍ପ ହିସାବରେ ନିଯୁକ୍ତି ଆଶା କରୁଛନ୍ତି । ସେ ଯାହାହେଉ ଅଧିକାଂଶ ପ୍ରକଳ୍ପ ପ୍ରଭାବିତ ପରିବାର ତାଙ୍କ ଜମିକୁ ତ୍ୟାଗ କରି ପ୍ରକଳ୍ପ କାର୍ଯ୍ୟକୁ ସହଯୋଗ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି । କିନ୍ତୁ ସେମାନେ ମଧ୍ୟ ମତାମତ ଦେଲେ ଯେ, ସ୍ଥାନୀୟ ଶ୍ରମିକମାନେ କିଛି ଆୟ ପାଇବାକୁ ମଜୁରୀ ହିସାବରେ ପ୍ରକଳ୍ପ ନିମନ୍ତେ କାର୍ଯ୍ୟ କରିବେ

## ୪.୯ ପ୍ରକଳ୍ପ ହେତୁ ସମସ୍ୟା ଏବଂ ଲାଭ

ପରିବାରର ସାକ୍ଷାତକାର ଶେଷ ହେବା ପରେ, ପ୍ରତ୍ୟେକ ଉତ୍ତରଦାତାମାନଙ୍କୁ ନିମ୍ନଲିଖିତ ସମସ୍ୟା ଏବଂ ଲାଭସହିତ କେତେ ପରିମାଣରେ ସହମତ ଅଛନ୍ତି ଏବଂ ସେମାନଙ୍କ ପ୍ରତିକ୍ରିୟା କୁ ଡିଗ୍ରୀ ହିସାବରେ ରେକର୍ଡ଼ କରାଯାଇଥିଲା ଯଥା; *ଦୃଢ ଭାବରେ ସହମତ, ସହମତ. କୌଣସି ମତାମତ ନାହିଁ, ଅସହମତ ଏବଂ ଦୃଢ ଭାବରେ ଅସହମତ* । ସାରଣୀ ୪.୧ ରେ ଉତ୍ତରଦାତମାନଙ୍କ ମତାମତ ଉପସ୍ଥାପନ କରାଯାଇଛି ।

**ସାରଣୀ ୪.୧ ନିର୍ଦ୍ଦିଷ୍ଟ ସୁଚକ ଉପରେ ପ୍ରକଳ୍ପର ପ୍ରଭାବ**

| ପ୍ରଭାବ | *ଦୃଢ ଭାବରେ ସହମତ* (୫୦ ଜଣ) | | *ସହମତ* (୫୦ ଜଣ) | | *କୌଣସି ମତାମତ ନାହିଁ* (୫୦ ଜଣ) | | *ଅସହମତ* (୫୦ ଜଣ) | |
|---|---|---|---|---|---|---|---|---|
| | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % |
| ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ଭଲ ହେବ | ୭ | ୧୪.୦୦ | ୪୧ | ୮୨.୦୦ | ୧ | ୨.୦୦ | ୧ | ୨.୦୦ |
| ପରିବହନ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ହେବ | ୭ | ୧୪.୦୦ | ୪୩ | ୮୬.୦୦ | ୦ | ୦.୦୦ | ୦ | ୦.୦୦ |
| ଏହା ଦୁରତ୍ୱ ହ୍ରାସ କରିବ | ୧୦ | ୨୦.୦୦ | ୩୯ | ୭୮.୦୦ | ୧ | ୨.୦୦ | ୦ | ୦.୦୦ |
| ଏହା ସ୍ଥାନୀୟ ଅର୍ଥନୀତିରେ ଅଭିବୃଦ୍ଧି କରିବ | ୧ | ୨.୦୦ | ୪୭ | ୯୪.୦୦ | ୨ | ୪.୦୦ | ୦ | ୦.୦୦ |
| ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ | ୦ | ୦.୦୦ | ୩୮ | ୭୬.୦୦ | ୧୨ | ୨୪.୦୦ | ୦ | ୦.୦୦ |
| ସମ୍ପତ୍ତିର ମୂଲ୍ୟ ବୃଦ୍ଧି କରିବ | ୨ | ୪.୦୦ | ୪୬ | ୯୨.୦୦ | ୦ | ୦.୦୦ | ୨ | ୪.୦୦ |
| ଚିରସ୍ଥାୟୀ ଜୀବିକା ନିର୍ବାହ ପନ୍ଥାକୁ ନଷ୍ଟ କରିବ | ୧ | ୨.୦୦ | ୨୬ | ୫୨.୦୦ | ୧୭ | ୩୪.୦୦ | ୬ | ୧୨.୦୦ |
| ଅପରାଧ ବୃଦ୍ଧି କରିବା | ୭ | ୧୪.୦୦ | ୩୧ | ୬୨.୦୦ | ୩ | ୬.୦୦ | ୯ | ୧୮.୦୦ |
| ପବନ ହେତୁ ସ୍ୱାସ୍ଥ୍ୟ ଅବସ୍ଥା | ୧ | ୨.୦୦ | ୨୩ | ୪୬.୦୦ | ୨୫ | ୫୦.୦୦ | ୧ | ୨.୦୦ |
| ଦେଖାଯାଉନଥିବା ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ବ୍ୟସ୍ତତା | ୦ | ୦.୦୦ | ୧୩ | ୨୬.୦୦ | ୩୬ | ୭୨.୦୦ | ୧ | ୨.୦୦ |
| ସାଧାରଣ ସମ୍ପତ୍ତି ନଷ୍ଟ | ୦ | ୦.୦୦ | ୦ | ୦.୦୦ | ୪୮ | ୯୬.୦୦ | ୨ | ୪.୦୦ |
| ଅଞ୍ଚଳରେ ଏଚ୍ ଆଇ ଭି .ଏଡସ୍ ବୃଦ୍ଧି ପାଇବ | ୦ | ୦.୦୦ | ୧ | ୨.୦୦ | ୪୫ | ୯୦.୦୦ | ୪ | ୮.୦୦ |
| ବିଭିନ୍ନ ପ୍ରକାରର ବ୍ୟବସାୟିକ ସୁଯୋଗ ସୃଷ୍ଟି ହେବ | ୦ | ୦.୦୦ | ୩ | ୬.୦୦ | ୩୪ | ୬୮.୦୦ | ୧୩ | ୨୬.୦୦ |
| ସ୍ଥାନୀୟ ବ୍ୟବସାୟରେ ସାମୟିକ ପ୍ରଭାବ | ୦ | ୦.୦୦ | ୧ | ୨.୦୦ | ୪୭ | ୯୪.୦୦ | ୨ | ୪.୦୦ |
| ସ୍ଥାନୀୟ ବ୍ୟବସାୟରେ ଦୀର୍ଘକାଳୀନ ପ୍ରଭାବ | ୦ | ୦.୦୦ | ୦ | ୦.୦୦ | ୫୦ | ୧୦୦.୦୦ | ୦ | ୦.୦୦ |

| ପ୍ରଭାବ | ଦୃଢ ଭାବରେ ସହମତ (୫୦ ଜଣ) | | ସହମତ (୫୦ ଜଣ) | | କୌଣସି ମତାମତ ନାହିଁ (୫୦ ଜଣ) | | ଅସହମତ (୫୦ ଜଣ) | |
|---|---|---|---|---|---|---|---|---|
| | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % |
| ଗୃହପାଳିତ ପଶୁମାନଙ୍କ ଦୁର୍ଘଟଣା ବୃଦ୍ଧି | ୩୨ | ୬୪.୦୦ | ୧୩ | ୨୬.୦୦ | ୦ | ୦.୦୦ | ୫ | ୧୦.୦୦ |
| ଜଂଗଲ ପଶୁମାନଙ୍କ ଦୁର୍ଘଟଣା ବୃଦ୍ଧି | ୩ | ୬.୦୦ | ୧୬ | ୩୨.୦୦ | ୧୦ | ୨୦.୦୦ | ୨୧ | ୪୨.୦୦ |
| ମନୁଷ୍ୟମାନଙ୍କ ଦୁର୍ଘଟଣା ବୃଦ୍ଧି | ୩୧ | ୬୨.୦୦ | ୧୧ | ୨୨.୦୦ | ୪ | ୮.୦୦ | ୪ | ୮.୦୦ |
| ଅବସ୍ଥିତ ଥିବା ବ୍ୟବସାୟ ନିମନ୍ତେ ସୁଯୋଗ ସୃଷ୍ଟି | ୧ | ୨.୦୦ | ୧ | ୨.୦୦ | ୩୯ | ୭୮.୦୦ | ୯ | ୧୮.୦୦ |
| ସ୍ଥାନୀୟ ଅଞ୍ଚଳ ନିମନ୍ତେ ବିନିଯୋଗ ସୁବିଧା | ୦ | ୦.୦୦ | ୧ | ୨.୦୦ | ୪୯ | ୯୮.୦୦ | ୦ | ୦.୦୦ |
| **ମୋଟ** | ୫୦ | ୧୦୦ | ୫୦ | ୧୦୦ | ୫୦ | ୧୦୦ | ୫୦ | ୧୦୦ |

ଉପରୋକ୍ତ ପ୍ରଭାବ ସଂକେତକରୁ ଏହା ପରିଲକ୍ଷିତ ହେଲା ଯେ ୩୦ ପ୍ରତିଶତରୁ ଅଧିକ ଉତ୍ତରଦାତା ଗୃହପାଳିତ ପଶୁ ଏବଂ ମନୁଷ୍ୟମାନଙ୍କ ଦୁର୍ଘଟଣା ବୃଦ୍ଧି ପ୍ରଭାବ ସମ୍ବନ୍ଧରେ ଦୃଢଭାବେ ସହମତ ହୋଇଥିଲେ । ସେହିପରି ୪୦ ପ୍ରତିଶତରୁ ଅଧିକ ଉତ୍ତରଦାତା ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ସୁବିଧା, ସ୍ଥାନୀୟ ଅର୍ଥନୀତିରେ ଉନ୍ନତି, ସମ୍ପତ୍ତିର ମୂଲ୍ୟ ବୃଦ୍ଧି ଭଳି ପ୍ରଭାବ ଗୁଡିକ ଉପରେ ସହମତ ହୋଇଥିଲେ । ସାରଣୀ ୪.୧ ସର୍ବେକ୍ଷଣ କରାଯାଇଥିବା ପରିବାରର ସମ୍ପୁର୍ଣ୍ଣ ପ୍ରଭାବ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛି ।

ଗୋଡିପୁଟ ମାଟିପଡା ଗ୍ରାମର ପ୍ରଭାବିତ ଲୋକମାନଙ୍କ ଉପରେ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଉଭୟ ପ୍ରଭାବିତ ଏବଂ ଅଣପ୍ରଭାବିତ ଲୋକମାନଙ୍କୁ ଏକାଠି କରି ଗୋଟିଏ କେନ୍ଦ୍ରୀଭୂତ ଦଳଗତ ଆଲୋଚନା କରାଯାଇଥିଲା । କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ମିଳିଥିବା ସମ୍ପୁର୍ଣ୍ଣ ତଥ୍ୟ ନିମ୍ନ ସାରଣୀରେ ପ୍ରଦାନ କର ଯାଇଛି ।

| **କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ମିଳିଥିବା ସମ୍ପୁର୍ଣ୍ଣ ତଥ୍ୟ**<br>**ବୈଠକର ସ୍ଥାନ : ଗୋଡିପୁଟ ମାଟିପଡା ଗ୍ରାମ** |
|---|
| ପୁରୀ ଜିଲ୍ଲାର ଅରଗୁଲ ଏବଂ ହରିପୁର ଗ୍ରାମ ମଧ୍ୟରେ ଖୋର୍ଦ୍ଧାରୋଡ୍ ବାଇପାସ୍ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଗୋଡିପୁଟ ମାଟିପଡା ଗ୍ରାମଠାରେ ରେ ଗୋଟିଏ କେନ୍ଦ୍ରୀଭୂତ ଦଳଗତ ଆଲୋଚନାର ଆୟୋଜନ କରାଯାଇଥିଲା ।ଏହି ଏଫ୍ ଜି ଡି ରେ ଗୋଡିପୁଟ ମାଟିପଡା ଗ୍ରାମର ଉଭୟ ପ୍ରଭାବିତ ଏବଂ ଅଣ ପ୍ରଭାବିତ ପରିବାର ମଧ୍ୟରୁ ୨୭ ଜଣ ବ୍ୟକ୍ତି ଭାଗ ନେଇଥିଲେ । ଆଲୋଚନା ସମୟରେ ଏହା ଦୃଷ୍ଟିଗୋଚର ହେଲା ଯେ, ଲୋକମାନଙ୍କ ସାମାଜିକ – ଅର୍ଥନୈତିକ ଅବସ୍ଥା ପ୍ରାୟ ଭଲ ଏବଂ ସେମାନେ ମୁଖ୍ୟତଃ ସରକାରୀ ବା ବେସରକାରୀ ଚାକିରୀ କରି ସେମାନଙ୍କ ଜୀବିକା ଅର୍ଜନ କରନ୍ତି । ବ୍ୟବସାୟ ଏହି ପ୍ରଭାବିତ ପରିବାର ମାନଙ୍କର ଆଉ ଏକ ମୁଖ୍ୟ ଜୀବିକା ଅଟେ । ଆଲୋଚନାରୁ ଜଣ ପଡିଲା ଯେ, କୃଷି ଅଧିକାଂଶ ପରିବାରର ଦ୍ଵିତୀୟ ଜୀବିକା ଅଟେ । ଧାନ, ମୁଗ, ବିରି, ଏବଂ ପନିପରିବା ଏହି ଅଞ୍ଚଳରେ ଚାଷ କରାଯାଏ । ପ୍ରଭାବିତ ପରିବାରର ହାରାହାରି ଜମି ଧାରଣ ପରିମାଣ ୨.୫ ଏକର ।<br><br>ସାମାଜିକ ସଂରଚନା ପ୍ରଦର୍ଶିତ କରୁଛି ଯେ ଗ୍ରାମରେ ୨୮୦ ଟି ସାଧାରଣ ବର୍ଗର ଲୋକ, ୧୨୫୦ ଜଣ ଓବିସି ଏବଂ ୩୦୦ ଜଣ ଅନୁସୂଚିତ ଜାତିର ଲୋକ ଅଟନ୍ତି । ଗ୍ରାମବାସୀମାନେ ମୁଖ୍ୟତଃ ଶିକ୍ଷିତ ଏବଂ ପ୍ରାୟ ୯୫% ଲୋକ ବିଭିନ୍ନ ସ୍ତରର ଶିକ୍ଷା ପ୍ରାପ୍ତ ହୋଇଛନ୍ତି ଏବଂ ଯେଉଁମାନେ ନିରକ୍ଷର ଅଛନ୍ତି ସେମାନେ ପ୍ରାୟତଃ ବୟସ୍କ ଲୋକ ଅଟନ୍ତି । |

ପ୍ରଭାବିତ ପରିବାରମାନଙ୍କୁ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ପ୍ରଶ୍ନ ପଚରା ଯାଇଥିଲା । ଏହା ପରିଲକ୍ଷିତ ହେଲା ଯେ, ଭାଗ ନେଇଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରକଳ୍ପ ସମ୍ବନ୍ଧରେ ଏବଂ ଏହାର ବିସ୍ତାର କାର୍ଯ୍ୟ ସମ୍ବନ୍ଧରେ ଉତ୍ତମ ଭାବରେ ଅବଗତ ଅଛନ୍ତି । ସେମାନେ ଆହୁରି ମଧ୍ୟ କହିଲେ ଯେ, ଏହି ପ୍ରକଳ୍ପ ଲୋକମାନଙ୍କ ନିମନ୍ତେ ଲାଭଦାୟକ ହୋଇଥିବାରୁ ଏହି ଗ୍ରାମର ଲୋକମାନେ ସକ୍ରିୟ ଭାବରେ ପ୍ରକଳ୍ପ କାର୍ଯ୍ୟରେ ସହଯୋଗ କରିବେ ।

ପ୍ରଭାବିତ ଲୋକମାନେ କହିବା ମୁତାବକ ପ୍ରକଳ୍ପ ନିର୍ମାଣ ହେତୁ ଲୋକମାନେ ସେମାନଙ୍କ ଚାଷ ଜମି ହରାଇବେ ଏବଂ ସେମାନେ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜମି ଦେବା ନିମନ୍ତେ ରାଜି ଅଛନ୍ତି । କିନ୍ତୁ କେତେକ କ୍ଷେତ୍ରରେ ବଳକା ଜମି, ଜମି ମାଲିକ ଦ୍ୱାରା ଚାଷକାର୍ଯ୍ୟ କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର ଉପଯୋଗୀ ହେଉ ନାହିଁ । ଏହିପରି କେତେକ ପ୍ରଭାବିତ ପରିବାର ପ୍ରସ୍ତାବ ଦେଇଥିଲେ ଯେ, ପ୍ରକଳ୍ପ ଏହି ଜମିର ଟୁକୁଡା ଅଂଶଟିକୁ ମଧ୍ୟ ଅଧିଗ୍ରହଣ କରିନେବା ଆବଶ୍ୟକ ଯେପରିକି ଜମି ମାଲିକ ଅଧିକ କ୍ଷତିପୂରଣ ପାଇପାରିବ ।

୦.୪୫ ଏକର ମନ୍ଦିର ଜମିକୁ ଛାଡିଦେଲେ ପ୍ରଭାବିତ ଗ୍ରାମରେ ଅନ୍ୟ କୌଣସି ସର୍ବସାଧାରଣ ସମ୍ପତ୍ତି ଅଧିଗ୍ରହଣ କରାଯାଉନାହିଁ । ଆହୁରିମଧ୍ୟ, ଗୋଷ୍ଠୀ କାର୍ଯ୍ୟକ୍ରମରେ କମ ଭାଗିଦାରିତା ହେତୁ ଗ୍ରାମରେ ମହିଳାମାନଙ୍କ ସ୍ଥିତି ଏତେ ସମ୍ମାନଜନକ ନୁହେଁ । ପ୍ରକଳ୍ପ ଗ୍ରାମରେ ବୁଢା ନାରାୟଣ ଯୁବକ ସଂଘ ନାମକ ଗୋଟିଏ ଯୁବକ ସଂଘ ଅଛି ଏବଂ ମଦନ ମୋହନ କଳାସଂସଦ ନାମକ ଗୋଟିଏ ସାଂସ୍କୃତିକ ଅନୁଷ୍ଠାନ ଅଛି ଯେ କି ଗ୍ରାମରେ ଏବଂ ଆଖପାଖ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥାଏ ।

ପ୍ରକଳ୍ପ ଲୋକମାନଙ୍କୁ ବିସ୍ଥାପିତ କରିବ ନାହିଁ, କିନ୍ତୁ ଯେଉଁ ରେଳଧାରଣା ନିର୍ମାଣ କରାଯିବ ତାହା ବସତିର ବହୁତ ନିକଟବର୍ତ୍ତୀ ହୋଇ ଯିବ ଯାହାକି ଶବ୍ଦ ପ୍ରଦୂଷଣ ସୃଷ୍ଟି କରିବ, ଏହା ଭାଗ ନେଇଥିବା ଲୋକମାନେ ଅନୁମାନ କରୁଛନ୍ତି ।

ପ୍ରକଳ୍ପର ଲାଭ ସମ୍ପର୍କରେ ଭାଗ ନେଇଥିବା ବ୍ୟକ୍ତିମାନେ କହିଲେ ସହରାଞ୍ଚଳ ବୃଦ୍ଧି ପାଇବ ତେଣୁ ସ୍ଥାନୀୟ ବ୍ୟବସାୟୀଙ୍କ ନିମନ୍ତେ ବ୍ୟବସାୟ କରିବା ନିମନ୍ତେ ସୁଯୋଗ ସୃଷ୍ଟି ହେବ ଯାହାକି ତାଙ୍କର ଜୀବିକା ଯୋଗାଇଦେବାରେ ସାହାଯ୍ୟ କରିବ । ପିଲା ଓ ବୟସ୍କ ବ୍ୟକ୍ତିମାନେ ସହଜରେ ଯିବା ଆସିବା କରିବା ନିମନ୍ତେ ରାସ୍ତା ଉପର ଓଭର ବ୍ରିଜ୍ ଏବଂ ରାସ୍ତା ତଳ ପୋଲ ନିର୍ମାଣ କରିବାକୁ ଭାଗନେଇଥିବା ବ୍ୟକ୍ତିମାନେ ପ୍ରସ୍ତାବ ଦେଲେ । ଏତଦ୍ ବ୍ୟତିତ ସୁବିଧାରେ ଚାଷ କରିବା ପାଇଁ ଜଳବନ୍ଦୀ ସମସ୍ୟା ସମାଧାନ କରିବାକୁ ମଧ୍ୟ ଲୋକମାନେ ଦାବି କରୁଛନ୍ତି ।

ସର୍ବଶେଷରେ ଭାଗ ନେଇଥିବା ବ୍ୟକ୍ତିମାନେ ପ୍ରସ୍ତାବ ଦେଲେ ଯେ, ପ୍ରକଳ୍ପ ଅଧିକାରୀମାନେ ଜମି ହରାଉଥିବା ପରିବାରମାନଙ୍କୁ ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ବଦଳରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବେ । ସେ ଯାହାହେଉ ଭାଗନେଇଥିବା ସମସ୍ତ ବ୍ୟକ୍ତି ପ୍ରକଳ୍ପ ସମ୍ବନ୍ଧରେ ସଚେତନ ଅଛନ୍ତି ଏବଂ ବାଇପାସ ରେଳଲାଇନ ନିର୍ମାଣ ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ଗ୍ରହଣ କରି ତାଙ୍କର ଜମି ଦେବାପାଇଁ ଆଗ୍ରହୀ ଅଛନ୍ତି ।

# ଅଧ୍ୟାୟ – ୫: ସାମାଜିକ ପ୍ରଭାବ ଲଘୁକରଣ ଏବଂ ପରିଚାଳନା ଯୋଜନା

ଗୋଟିଏ ଯୋଜନାବଦ୍ଧ ମୂଲ୍ୟାୟନ ଜରିଆରେ ଏସ.ଆଇ.ଏ. ଅଧ୍ୟୟନଟି ଉଭୟ ନିର୍ମାଣକାଳୀନ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ କେତୋଟି ସମ୍ଭାବ୍ୟ ପ୍ରଭାବ ସମୁହର ଚିହ୍ନଟ କରିଅଛି । ଉକ୍ତ ପ୍ରଭାବ ସବୁର ଲଘୁକରଣ ଏବଂ ସୁପରିଚାଳନା ଉଦ୍ଦେଶ୍ୟରେ କେତେ ସଂଖ୍ୟକ ପଦକ୍ଷେପ ସବୁକୁ ବିକଶିତ କରାଯାଇଅଛି । ଯେଉଁ ଗୁଡିକ କି ପ୍ରଭାବ ସବୁକୁ ମୋଟାଗୋଟି ଭାବରେ ଯଥା ସମ୍ଭବ ଗ୍ରହଣୀୟ ସ୍ତର ପର୍ଯ୍ୟନ୍ତ ଖସି ଆସିବା କ୍ଷେତ୍ରରେ ସହାୟକ ହେବ ।

**ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ.ଆର.ଏମ.ପି)** ର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ହେଉଛି ।

- ଏସ.ଆଇ.ଏ. ଅଧ୍ୟୟନ କାର୍ଯ୍ୟକାଳ ମଧ୍ୟରେ ବିକଶିତ କରାଯାଇଥିବା ବିଭିନ୍ନ ପରିଚାଳନା ଏବଂ ପରିଚାଳନାଗତ ପଦକ୍ଷେପ ସମୁହକୁ ଏକ ସ୍ଥାନରେ ମିଳାଇ ଦେଖିବା ଏବଂ
- ସମସ୍ତ ପରିଚାଳନାଗତ ଯୋଜନା ସବୁକୁ ଚିହ୍ନଟ କରିବା ପୂର୍ବକ ପ୍ରକଳ୍ପର ନିର୍ମାଣ କାଳୀନ ତଥା କାର୍ଯ୍ୟକ୍ଷମ ହେବା ସ୍ତରରେ କାର୍ଯ୍ୟାନ୍ୱୟନ ପାଇଁ ବିକଶିତ କରାଇବା

ଉକ୍ତ ଏସ.ଆଇ.ଏମ.ପି.ର ପରିସର ତାଳଚେର-ବିମଳାଗଡ ନୂତନ ପ୍ରଶସ୍ତ ରେଳ ସଂଯୋଗି କରଣ ବ୍ୟବସ୍ଥା ରେଳ ସଂଯୋଗୀକରଣ ପ୍ରକଳ୍ପର ଉଭୟ ନିର୍ମାଣପର୍ଯ୍ୟାୟ ଏବଂ କାର୍ଯ୍ୟକ୍ଷମ ହେବା ସ୍ତର ମଧ୍ୟରେ ସୀମିତ ଅଟେ । ଯାହାର କି ସକାରାତ୍ମକ କିମ୍ବା ନକାରାତ୍ମକ ସମ୍ଭାବ୍ୟ ପ୍ରବାବ ସମୁହ ଗୋଷ୍ଠୀ ମାନଙ୍କ ଉପରେ ପଡିବାର ରହିଅଛି ଏବଂ ଯେଉଁଥିରେ କି ପ୍ରକଳ୍ପ ପରିଚାଳନା ଦଳ ଏବଂ ଠିକାଦାର ପରିଚାଳନା ଯୋଜନା ସବୁର ବିଷଦ୍ ଭାବରେ ପରାମର୍ଶ ପ୍ରଦାନ କରାଯାଇଅଛି । ଉକ୍ତ ଯୋଜନା ସବୁର କାର୍ଯ୍ୟାନ୍ୱୟନର ଦାୟିତ୍ୱ ପ୍ରକଳ୍ପ ପରିଚାଳନା ଦଳ ଏବଂ ଠିକାଦାର /ଉପଠିକାଦାର ମାନଙ୍କ ଉପରେ ନ୍ୟସ୍ତ କରାଯାଇଅଛି ।

ସାରଣୀ-୭.୧ ରେ ପ୍ରକଳ୍ପର ନିର୍ମାଣ ପର୍ଯ୍ୟାୟ ଏବଂ କାର୍ଯ୍ୟକ୍ଷମ ହେବା ସ୍ତରୀୟ ପର୍ଯ୍ୟାୟ ମାନଙ୍କରେ ଚିହ୍ନିତ ହୋଇଥିବା ଲଘୁକରଣ ସମ୍ପର୍କୀୟ ପଦକ୍ଷେପ ସମୁହର ସାରାଂଶ ପ୍ରଦାନ କରାଯାଇଅଛି । ଏହା ମଧ୍ୟ ଲଘୁକରଣ ପଦକ୍ଷେପ ସମୁହର କାର୍ଯ୍ୟାନ୍ୱୟନ ପାଇଁ ପ୍ରମୁଖ ଦାୟିତ୍ୱ ସବୁର ନିର୍ଦ୍ଧାରଣ କରେ । ରେଳବିଭାଗ କର୍ମକର୍ତ୍ତା ସମୁହ, ଏସ.ଆଇ.ଏମ.ପି.ରେ ଦର୍ଶାଯାଇଥିବା ଲଘୁକରଣ ପଦକ୍ଷେପ ସମୁହର ଯଥୋଚିତ କାର୍ଯ୍ୟାନ୍ୱୟନ ପାଇଁ ଦାୟୀ ରହିବେ ।

ସାମାଜିକ ପ୍ରଭାବ ସବୁକୁ ଚିହ୍ନଟ କରି, ସାମାଜିକ ପ୍ରଭାବ ଲଘୁକରଣ ଏବଂ ପରିଚାଳନା ଯୋଜନା (ଏସ.ଆଇ.ଏମ.ପି.) କୁ ପ୍ରୟୋଗ କରିବାକୁ ହେବ, ଯେଉଁ ଗୁଡିକରେ କି ପ୍ରଭାବ ସବୁର ଲଘୁକରଣ ଏବଂ ତଜ୍ଜନିତ ଶଙ୍କା ସମୁହ (ନିମ୍ନ, ମାଧ୍ୟମ, ଉଚ୍ଚ ଧରଣର) ଏବଂ ସେହି ଶଙ୍କା ସମୁହର ପରିଚାଳନା ପାଇଁ କୌଶଳ ସବୁର

ନିର୍ଦ୍ଧାରଣ କରିବାକୁ ହେବ । ଏହା ପ୍ରକଳ୍ପ ପ୍ରସ୍ତାବକଙ୍କୁ ନିଶ୍ଚିତ ହେବାକୁ ପଡିବ ଯେ, ପି.ଏ.ଏଫ ସମୁହ, ଗୋଷ୍ଠୀ ସମୁହ ଏବଂ ଅନୁଗୁଳ ଜିଲ୍ଲା ପାଲଲହଡା ତହସିଲର ୧୫ଟି ଗ୍ରାମ ଉପରେ ପଡିବାକୁ ଥିବା ପ୍ରଭାବ ସମୁହର ଲଘୁକରଣ ଏବଂ ପରିଚାଳନା ଗତ କୌଶଳ ସମୁହ ସମାନ୍ତରାଳ ଭାବରେ ଅନୁସରଣ କରାଯାଉଅଛି ଏବଂ ଗୋଷ୍ଠୀମାନଙ୍କ ପାଇଁ ଭିତ୍ତିଭୂମି ସବୁର ବ୍ୟବସ୍ଥା ପାଇଁ କାର୍ଯ୍ୟକାରୀ କରାଯିବ । ଉକ୍ତ ଅଧ୍ୟାୟଟିରେ ଦର୍ଶିତ କୌଶଳ ସମୁହ ବିଶେଷ କରି ଜନସାଧାରଣଙ୍କ ସହିତ ବିଚାର ବିମର୍ଶ ଏବଂ ପ୍ରମୁଖ ଅଂଶୀଦାର ମାନଙ୍କ ସହିତ ଆଲୋଚନା ମାନଙ୍କର ନିଷ୍କର୍ସରୁ ସଂଗୃହୀତ କରାଯାଇଛି । ଲଘୁକରଣ ଏବଂ ପରିଚାଳନାଗତ କୌଶଳ ସମୁହ ମଧ୍ୟ ସାମାଜିକ ପ୍ରଭାବ ମୂଲ୍ୟାୟନକାଳୀନ କ୍ରମବର୍ଦ୍ଧନଶୀଳ ସମସ୍ୟା ସବୁର ସମୟାନୁଯାୟୀ ଉପଯୁକ୍ତ ସ୍ଥଳେ ସମାଧାନ କରିବ ।

## ୫.୧ ଏସ.ଆଇ.ଏମ.ପି କାର୍ଯ୍ୟାନ୍ୱୟନ ପାଇଁ ପରିବ୍ୟୟ –

ଅଧ୍ୟାୟ-୬ରେ ୨୦୧୩ ଅଧୀନିୟମର ପୃଷ୍ଠଭୂମି ଅନୁଯାୟୀ ଏବଂ ନୀତିନିୟମ ସବୁର ଆଲୋଚନାପୂର୍ବକ ନ୍ୟାୟସଙ୍ଗତ ଛାଞ୍ଚର ଉପସ୍ଥାପନା କରାଯାଇଛି । ପୁନର୍ବାସ ଏବଂ ଥଇଥାନ ପ୍ରକ୍ରିୟା ଏବଂ ସୁତ୍ର ସମୁହ ମଧ୍ୟ ଦର୍ଶାଇ ଦିଆଯାଇଛି । ପ୍ରତ୍ୟେକ ପି.ଏ.ଏଫ.ମାନଙ୍କ ଭିତ୍ତିରେ ନ୍ୟାୟସଙ୍ଗତ ପ୍ରାପ୍ୟ ସମୁହ ଉକ୍ତ ବିବରଣୀ ସହିତ ସଂଯୁକ୍ତ ପୃଷ୍ଠା ରେ ଦର୍ଶାଯାଇଅଛି । ସେ ଯାହା ହେଉ, ଜମି ଅଧିଗ୍ରହଣ ଏବଂ ଗଠନ ସମୁହ ପାଇଁ ଚୁଡାନ୍ତ କ୍ଷତିପୂରଣ ରାଶି କାର୍ଯ୍ୟଦକ୍ଷ କର୍ମକର୍ତ୍ତାମାନଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯିବ ।

ପ୍ରକଳ୍ପର ନିର୍ମାଣପର୍ଯ୍ୟାୟ ଏବଂ କାର୍ଯ୍ୟକ୍ଷମ ହେବା ସ୍ତର ପାଇଁ ଚିହ୍ନଟ ହୋଇଥିବା ଲଘୁକରଣ ପଦକ୍ଷେପ ସବୁର ସାରାଂଶ ସାରଣୀ -୭.୧ରେ ଦର୍ଶାଯାଇଅଛି । ଏହା ମଧ୍ୟ ଲଘୁକରଣ ପଦକ୍ଷେପ ସବୁର କାର୍ଯ୍ୟାନ୍ୱୟନ ପାଇଁ ପ୍ରମୁଖ ଦାୟିତ୍ୱ ସବୁର ଚିହ୍ନଟ କରେ । ପୂର୍ବତଟ ରେଳପଥ ପ୍ରକଳ୍ପର କାର୍ଯ୍ୟକାଳ ମଧ୍ୟରେ ଏସ.ଆଇ.ଏମ୍.ପି.ରେ ଦର୍ଶିତ ଲଘୁକରଣ ପଦକ୍ଷେପ ସବୁର କାର୍ଯ୍ୟାନ୍ୱୟନର ସୁନିଶ୍ଚିତତା ପାଇଁ ଦାୟୀ ରହିବେ ।

## ସାରଣୀ -୫.୧ସାମାଜିକ ପ୍ରଭାବ ପରିଚାଳନା ଯୋଜନା

| କ୍ର.ସଂ | ପ୍ରକଳ୍ପ ପ୍ରଭାବର ଦିଗ | ପ୍ରକଳ୍ପ କାର୍ଯ୍ୟକଳ୍ପ | ସମ୍ଭାବ୍ୟ ପ୍ରଭାବ ସମୁହ | ପ୍ରସ୍ତାବିତ ଲଘୁକରଣ/ବୃଦ୍ଧିକରଣ ପରକ୍ଷେପ ସମୁହ | ଲଘୁକରଣ କାର୍ଯ୍ୟାନ୍ୱୟନ ପାଇଁ ଦାୟିତ୍ୱ | ଲଘୁକରଣ କାର୍ଯ୍ୟାନ୍ୱୟନ ପାଇଁ ତଦାରଖର ଦାୟିତ୍ୱ |
|---|---|---|---|---|---|---|
| ୧ | ନିଯୁକ୍ତି ଏବଂ ଅର୍ଥନୀତି | ନିର୍ମାଣ କାର୍ଯ୍ୟକଳାପ ସମୟରେ | ନିଯୁକ୍ତି ସୁଯୋଗ ସମୂହ ଏବଂ ସ୍ଥାନୀୟ ବ୍ୟବସାୟ ପାଇଁ ସୁଯୋଗ ସମୂହ | ଗୋଟିଏ ସ୍ଥାନୀୟ ଆଧାର ଭିତ୍ତିକ ଯୋଜନାର ବିକାଶ ଏବଂ କାର୍ଯ୍ୟାନ୍ୱୟନ । ଏହାର ଅଂଶ ବିଶେଷ ଭାବରେ ଗୋଟିଏ ସ୍ଥାନୀୟ ନିଯୁକ୍ତି ଏବଂ ସଂଗ୍ରହ ଜନିତ ପରିଚାଳନା ଯୋଜନା ନିର୍ଦ୍ଧାରଣ କରିବାକୁ ପଡିବ । ଯୋଜନାର ବିକାସ କରିବାରେ ଯୁକ୍ତିଯୁକ୍ତ ଅଂଶୀଦାର ମାନଙ୍କ ସହିତ ସରକାରୀ କର୍ମକର୍ତ୍ତା ଏବଂ ସ୍ଥାନୀୟ ଗ୍ରାମବାସୀମାନଙ୍କ ସହିତ ବିଚାର ଆଲୋଚନା ସବୁ ଅନ୍ତର୍ଭୁକ୍ତ ହେବା ଉଚିତ । ନିଯୁକ୍ତି ସମ୍ବନ୍ଧୀୟ କୌଶଳ ଏବୁ ଏପରି ଭାବରେ ବିକଶିତ ହେବା ଉଚିତ, ଯେପରିକି ଯେତେଦୂର ସମ୍ଭବ ସ୍ଥାନୀୟ ନିଯୁକ୍ତିର ସ୍ତର ସର୍ବାଧିକ ରହିବ ।<br><br>• ଗୋଟିଏ କୌଶଳ ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା ସୁଯୋଗ ସବୁର ଏପରି ସ୍ଥାପନ କରାଯିବା ଉଚିତ ଯେପରିକି ସ୍ଥାନୀୟ ତାଲିମ ପାଇଁ ଆଗ୍ରହୀ ଗ୍ରାମବାସୀମାନେ ସେମାନଙ୍କର କାର୍ଯ୍ୟ ସବୁର ଅଂଶଦାନ | ନିୟୋଜିତ ଠିକାଦାର | ପୂର୍ବତଟ ରେଳପଥର କ୍ଷେତ୍ରସ୍ତରୀୟ ପ୍ରକଳ୍ପ ପରିଚାଳନା ଦଳ । |

| | | | | | | |
|---|---|---|---|---|---|---|
